

# ଜଗନ୍ନାଥ ଏକ୍ସପ୍ରେସ୍
JAGANNATH EXPRESS



ବର୍ଷ- ୧୧ ସଂଖ୍ୟା-୨୨୨ ଭୁବନେଶ୍ୱର ଶନିବାର, ମଇ ୦୩.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.222 Bhubaneswar, Saturday, May 03, 2025

# ପ୍ରକାଶ ପାଇଲା ମାଟ୍ରିକ ରେଜଲ୍ଟ

## ଚମକିଲେ ଝିଅ, ପଛରେ ପଡ଼ିଲେ ପୁଅ



ଭୁବନେଶ୍ୱର, ୨/୫: ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା-୨୦୨୫ର ଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ବହୁ ପ୍ରତୀକ୍ଷିତ ଏହି ପରୀକ୍ଷାରେ ପୁଅମାନଙ୍କ ତୁଳନାରେ ଝିଅମାନେ ଭଲ ପ୍ରଦର୍ଶନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ରେଜଲ୍ଟ ଜାରି କରି ଏହା କହିଛନ୍ତି। ମନ୍ତ୍ରୀ କହିଛନ୍ତି, ମାଟ୍ରିକ୍ ପରୀକ୍ଷା-୨୦୨୫ ପାଇଁ ୫,୧୦,୭୮୯ ଜଣ ଛାତ୍ରଛାତ୍ରୀ ଫର୍ମଫିଲପ୍ କରଥିଲେ। ଏଥିରୁ ୫,୦୨,୪୧୭ ଜଣ ପରୀକ୍ଷା ଦେଇଥିଲେ। ପରୀକ୍ଷାରେ ସାମିଲ ହୋଇଥିବା ପରୀକ୍ଷାର୍ଥୀମାନଙ୍କ ମଧ୍ୟରୁ ୪,୮୪,୮୬୩ ଜଣ ପାସ୍ କରିଛନ୍ତି ।ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି, ଚଳିତ ବର୍ଷ ମାଟ୍ରିକ୍‌ରେ ପାସ ପ୍ରତିଶତ ହେଲା ୯୪. ୯୩ ରହିଛି। ଚଳିତ ବର୍ଷ ୨,୪୦,୨୫୧ (୯୪%) ଜଣ ପୁଅ ପାସ୍ କରିଥିବା ବେଳେ ୨,୪୪,୬୧୨ (୯୬%) ଜଣ ଝିଅ ପାସ୍ କରିଛନ୍ତି। ମୋଟ ୧୭,୩୮୪ ଜଣ ପିଲା ଫେଲ୍ ହୋଇଛନ୍ତି। ଏ-୧ ଗ୍ରେଡ୍‌ରେ ୧୮୧୨, ଏ-୨ ଗ୍ରେଡ୍‌ରେ ୧୨,୨୦୦, ବି-୧ ଗ୍ରେଡ୍‌ରେ ୩୮,୮୩୧, ବି-୨ ଗ୍ରେଡରେ ୮୪,୯୭୧, ସି-ଗ୍ରେଡ୍‌ରେ ୧,୩୩,୮୮୨, ଡି ଗ୍ରେଡ୍‌ରେ ୧,୪୬,୧୫୪ ଓ ଇ ଗ୍ରେଡ୍‌ରେ ୬୭,୦୧୩ ଜଣ ପିଲା ପାସ୍ କରିଛନ୍ତି। ସବୁ ସ୍କୁଲରେ ପିଲାମାନେ ପାସ କରିଛନ୍ତି। ୩୨୭୩ ସ୍କୁଲରେ ଫଳାଫଳ ୧୦୦ ପ୍ରତିଶତ ରହିଛି। ଗଜପତି ଜିଲ୍ଲାରେ ପାସ ହାର ସର୍ବାଧିକ ୯୯.୩୫ ପ୍ରତିଶତ ଥିବା ବେଳେ କୋରାପୁଟ ଜିଲ୍ଲାରେ ସର୍ବନିମ୍ନ ପାସ୍ ହାର ୯୨.୮୩ ପ୍ରତିଶତ ରହିଛି। ସେହିପରି ମଧ୍ୟମାରେ ୩୩୪୩ ଫର୍ମଫିଲପ କରିଥିବା ବେଳେ ୨୯୧୭ ପରୀକ୍ଷା ଦେଇଥିଲେ। ଏଥିରୁ ୨୮୬୮ ଜଣ ପାସ କରିଛନ୍ତି, ଯାହା ୮୫.୭୯ ପ୍ରତିଶତ। ଓପନ ସ୍କୁଲିଂ ପାଇଁ ୫୬୦୬ ଜଣ ଫର୍ମ ଫିଲପ୍ କରିଥିଲେ। ସେଥିରୁ ୫୫୯୧ ଜଣ ପରୀକ୍ଷା ଦେଇଥିଲେ। କିନ୍ତୁ ୪୧୮୧ ଜଣ ପାସ କରିଛନ୍ତି, ଯାହାକି ୭୬.୭୮ ପ୍ରତିଶତ ବୋଲି ମନ୍ତ୍ରୀ କହିଛନ୍ତି। ବହୁ ପ୍ରୀତିକ୍ଷିତ ମାଟ୍ରିକ୍ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ଣରେ ବୋର୍ଡ କାର୍ଯ୍ୟାଳୟରେ ପ୍ରକାଶ ପାଇଛି। ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନେ ଏହି ରେଜଲ୍ଟ ସନ୍ଧ୍ୟା ୬ଟା ପରେ ୱେବ୍‌ସାଇଟ୍ http://bseodisha.ac.inରେ ଦେଖିପାରିବେ। ସୂଚନାଯୋଗ୍ୟ, ଗତବର୍ଷ ତୁଳନାରେ ଚଳିତ ବର୍ଷ ପାସ୍ ପ୍ରତିଶତ କମ ରହିଛି। ଗତବର୍ଷ ପାସ୍‌ହାରି ୯୬.୨୭ ପ୍ରତିଶତ ଥିଲା। ମାଟ୍ରିକ ପରୀକ୍ଷା-୨୦୨୫ ଗତ ଫେବ୍ରୁଆରି ୨୧ ତାରଖ ଠାରୁ ଆରମ୍ଭ ହୋଇଥିଲା। ପ୍ରାୟ ୫ ଲକ୍ଷ ପିଲା ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷା ମାର୍ଚ୍ଚ ୬ ତାରିଖରେ ଶେଷ ହୋଇଥିଲା। ସେହିପରି ମଧ୍ୟମା, ଓପନ୍ ସ୍କୁଲ ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୧୯ରୁ ଆରମ୍ଭ ହୋଇଥିଲା। ରାଜ୍ୟରେ ୫୧ଟି କେନ୍ଦ୍ରରେ ମୂଲ୍ୟାୟନ ଚାଲିଥିଲା ବେଳେ ଏଥିରେ ପାଖାପାଖି ୧୨ହଜାର ଶିକ୍ଷକ ନିୟୋଜିତ ହୋଇଥିଲେ। ସେହିପରି ମାଟ୍ରିକ୍‌ର ସଂକ୍ଷିପ୍ତ ଉତ୍ତରମୂଳକର ଓଏମ୍‌ଆର୍ ଉତ୍ତରଫର୍ଦ୍ଦ ରାଜ୍ୟ ବାହାରେ ମୂଲ୍ୟାୟନ ହୋଇଥିଲା।

## ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨/୫: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ 'ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା'ରେ ଉତ୍ତୀର୍ଣ୍ଣ ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ମଧ୍ୟମା ଓ ଏସଓଏସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମଧ ଅଭିନନ୍ଦନ ବୋଲି ସେ କହିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଶ୍ରୀ ମାଝୀ କହିଛନ୍ତି, ଆଶାଜନକ ଫଳାଫଳ ପାଇନଥିବା ପିଲାମାନଙ୍କୁ ନିରୁତ୍ସାହିତ ନହୋଇ ଫଳାଫଳ ନିର୍ବିଶେଷରେ ଦୃଢ଼ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ସହ ଅଧ୍ୟବସାୟ ଜାରିରଖିବା ପାଇଁ ଉପଦେଶ ଦେଉଛି। ସମସ୍ତଙ୍କର ଉଜ୍ଜଳ ଭବିଷ୍ୟତ ଓ ଉତ୍ତରୋତ୍ତର ସଫଳତା କାମନା କରୁଛି।

## କିଟରେ ପୁଣି ଛାତ୍ରୀ ଆତ୍ମହତ୍ୟା



ଭୁବନେଶ୍ୱର, ୨/୫: ଅଢ଼େଇ ମାସ ପରେ କିଟ୍ ବିଶ୍ୱବିଦ୍ୟାଳୟରେ ଆଉ ଜଣେ ନେପାଳୀ ଝିଅ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକଙ୍କ ନାମ ପ୍ରିଶା ଶାହ, ଯିଏ କିଟ୍ ର କମ୍ପ୍ୟୁଟର ସାଇନ୍ସର ପ୍ରଥମ ବର୍ଷର ଛାତ୍ରୀ ଥିଲେ। ପୋଲିସ କହିଛି ଯେ କ୍ୟାମ୍ପସ ଭିତରେ ଥିବା ତାଙ୍କ ହଷ୍ଟେଲ ରୁମ୍‌ରୁ ନେପାଳୀ ଝିଅର ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ତଥାପି, ପୋଲିସ ଏପର୍ଯ୍ୟନ୍ତ ନିର୍ଣ୍ଣୟ କରିନାହିଁ ଯେ ନେପାଳୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି ନା କୌଣସି ଦୁର୍ବ୍ୟବହାର ହୋଇଛି। ପୋଲିସ କମିଶନର ଏସ ଦେବ ଦତ୍ତ ସିଂହ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଏବଂ ଅନେକ ବରିଷ୍ଠ ପୋଲିସ ଅଧିକାରୀ ତଦନ୍ତ ପାଇଁ ଘଟଣାସ୍ଥଳକୁ ଯାଇଥିଲେ। କ୍ୟାମ୍ପସରେ ଶାନ୍ତି ବଜାୟ ରଖିବା ପାଇଁ ସମଗ୍ର କ୍ୟାମ୍ପସରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତାରେ ପୋଲିସ କମିଶନର କହିଛନ୍ତି ଯେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ହଷ୍ଟେଲ କର୍ମଚାରୀମାନେ ତାଙ୍କ କବାଟ ବାଡ଼ାଉଥିବା ଦେଖିଥିଲେ ଯେ ଘର ଭିତରୁ ବନ୍ଦ ଥିଲା ଏବଂ ସେ କୌଣସି ପ୍ରତିକ୍ରିୟା ଦେଉ ନଥିଲେ। ମୃତଦେହ ଉଦ୍ଧାର କରାଯାଇ ଏମସ୍ ଭୁବନେଶ୍ୱରକୁ ପଠାଯାଇଛି, ସେ କହିଛନ୍ତି। ନେପାଳୀ ଝିଅଙ୍କ ବନ୍ଧୁ ଏବଂ ହଷ୍ଟେଲ ସାଥୀମାନେ ମଧ୍ୟ ତଦନ୍ତରେ ଲାଗିଥିବା ସେ କହିଛନ୍ତି। କୋଠରୀରେ ଏକ ବିଛଣା, ଏକ ଟିଭି ଅଛି। ପୋଲିସ ତଦନ୍ତ ପାଇଁ ତାଙ୍କ ଲାପଟପ୍, ମୋବାଇଲ୍ ଏବଂ ଅନ୍ୟାନ୍ୟ ଗ୍ୟାଜେଟ୍ ଜବତ କରିବ, ସିଂହ କହିଛନ୍ତି। ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ଏବଂ ଅଧିକ ତଦନ୍ତ ଚାଲିଛି। ଘଟଣା ବିଷୟରେ ଝିଅଟିର ପରିବାର ସଦସ୍ୟଙ୍କୁ ସୂଚନା ଦିଆଯାଇଛି। ସେମାନେ ଆସନ୍ତାକାଲି ଏଠାରେ ପହଞ୍ଚିବେ, ସେ କହିଛନ୍ତି। କମିଶନର କହିଛନ୍ତି ଯେ କ୍ୟାମ୍ପସ ଭିତରେ ଶାନ୍ତି ବଜାୟ ରଖାଯାଇଛି ଏବଂ ପୋଲିସ ମାମଲାର ତଦନ୍ତ କରୁଛି। ଫରେନସିକ୍ ଦଳ ମଧ୍ୟ ଏଭାଇନ୍ସ ସଂଗ୍ରହ ପାଇଁ ଘଟଣାସ୍ଥଳରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୧୬ ରେ, ଜଣେ ନେପାଳୀ ଛାତ୍ରୀଙ୍କୁ ଜଣେ ପୁରୁଷ ଛାତ୍ର ନିର୍ଯାତନା ଦେବା ପରେ ତାଙ୍କ ହଷ୍ଟେଲରେ ମୃତ ଅବସ୍ଥାରେ ମିଳିଥିଲେ। ଏହି ଘଟଣା ସମଗ୍ର ଦେଶ ଏବଂ ନେପାଳକୁ ଦୋହଲାଇ ଦେଇଥିଲା। ମାମଲାର ତଦନ୍ତ ଏବେ ବି ଜାରି ରହିଛି।

## ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଲେଖିଲେ ଆଇନ ମନ୍ତ୍ରୀ



ଭୁବନେଶ୍ୱର, ୨/୫: ଦୀଘାରେ ଜଗନ୍ନାଥ ଧାମ ଲେଖା ପ୍ରସଙ୍ଗରେ ଶ୍ରୀମନ୍ଦିର ପ୍ରଶାସନ ଅରବିନ୍ଦ ପାଢୀଙ୍କୁ ଚିଠି ଲେଖିଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ବଳକା ଦାରୁ କାଠରେ ବିଗ୍ରହ ନିର୍ମାଣ ଅଗ୍ରହଣୀୟ । ଏଭଳି କଥା ଜଗନ୍ନାଥପ୍ରେମୀଙ୍କ ମନରେ କଷ୍ଟ ଦେଇଛି । ଏହି ଘଟଣାରେ ତଦନ୍ତ ପାଇଁ ଆଇନ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଘଟଣାରେ କେହି ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡ ବିଧାନ କରାଯିବ ।

## ସରକାରର ବର୍ଷ ପୂର୍ତ୍ତି ପାଇଁ ପ୍ରସ୍ତୁତି



ଭୁବନେଶ୍ୱର, ୨/୫: ଓଡ଼ିଶାର ବର୍ତ୍ତମାନ ସରକାରର ଏକ ବର୍ଷ ପୂର୍ତ୍ତି ଅବସରକୁ ପାଳନ କରିବା ପାଇଁ ରୋଡମ୍ୟାପ ତିଆରି କରିବା ଉଦ୍ଦେଶ୍ୟରେ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜିତ ହୋଇଥିଲା। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶ୍ରୀମତୀ ପାଢ଼ୀ ଏହି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତି ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସରକାରଙ୍କ ଏକ ବର୍ଷର ସଫଳତା ବିବରଣୀ ଏହି ଅବସରରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ସମ୍ପର୍କ କାର୍ଯ୍ୟକ୍ରମରେ ସମସ୍ତ ୧୧୫ ପୌରାଞ୍ଚଳ, ପରିବହନ କ୍ଷେତ୍ର ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା। ପ୍ରଦର୍ଶନୀ ଓ ମଲ୍ଟିମିଡିଆ ଅଭିଯାନ ମାଧ୍ୟମରେ ସଫଳ କାହାଣୀ ଓ ନବଚେତନାତ୍ମକ ପ୍ରୟାସଗୁଡ଼ିକୁ ଦେଖାଇବା। କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡିକ ଗୁଡିକର ଲୋକାର୍ପଣ ଓ ଶିଳାନ୍ୟାସ ,ଭିଜୁଆଲ୍ ଓ ଡକ୍ୟୁମେଣ୍ଟେସନ୍ ପ୍ରସ୍ତୁତି: ବିଭାଗୀୟ ସଫଳତା ବିବରଣୀ ଉପସ୍ଥାପନ। ନାଗରିକ ଭାଗୀଦାରୀ: ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ।.ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସମ୍ମାନିତ କରୁଥିବା ଅନୁଷ୍ଠାନ: ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତି ମାନଙ୍କୁ ସମ୍ମାନିତ କରିବା ଆଦି ଅନ୍ତର୍ଭୁକ୍ତ। ଶ୍ରୀମତୀ ପାଢ଼ୀ ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରୀ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଉତ୍ସବ ଏକ ନାଗରିକ କୈନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ୱ ଭାବେ ଆୟୋଜିତ କରାଯିବ । ବୈଠକରେ ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ତିଆରି କରିବା ଏବଂ ଏହି ଉତ୍ସବର ସଫଳତା ପାଇଁ ସମସ୍ତ ବିଭାଗ ଓ ସହଯୋଗୀଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଚାରୋଟି ନିଗମ ସହ ବୁଝାମଣା



ଭୁବନେଶ୍ୱର, ୨/୫: ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚାରୋଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି । ନିଗମ ଗୁଡିକ ହେଲା ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ଼, ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ଼ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ଼। ବିଗତ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ଼ ଅଧ୍ୟକ୍ଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି କହିଥିଲେ ଯେ, ଅନୁବନ୍ଧିତ ସମସ୍ତ ନିଗମ ଗୁଡିକ ଉତ୍ସାହଜନକ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରଗତିର ଏହି କାର୍ଯ୍ୟଧାରା ଆଗକୁ ଜାରି ରହୁ କ୍ଷ ଗତ ଆର୍ଥିକ ବର୍ଷ ରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରାଜ୍ଯ ସରକାରଂକ ଏକ ପ୍ରମୁଖ ବିଭାଗ ଭାବେ ଅନୁମୋଦିତ ବଜେଟର ୯୪.୭ ପ୍ରତିଶତ ଖର୍ଚ୍ଚ କରିପାରିଛି କ୍ଷ କୃଷକଙ୍କ ଉନ୍ନତି ଓ ପ୍ରଗତି ପାଇଁ ଆମେ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଓଡ଼ିଶା କୃଷି ଶିଳ୍ପ ନିଗମ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୪୫,୦୦୦ ଟନ୍ ସାର, ୨୦ କୋଟି ଟଙ୍କାର ଜୈବିକ ସାର ଓ କୀଟନାଶକ, ୭୦୦୦ ଟ୍ରାକ୍ଟର, ୧୦୦୦ ପାୱାର ଟିଲର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ୫୨୦୦ ବିଦ୍ୟୁତ ଚାଳିତ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ, ୪୮୦୦ ସୌରଚାଳିତ ଜଳନିଧି ପ୍ରକଳ୍ପ, ୧୦୦୦ ଅଗଭୀର ନଳକୂପ ପ୍ରକଳ୍ପ ଏବଂ ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ବର୍ଷ ୩୦ କୋଟି ଟଙ୍କା କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖିଛି । ସମୁଦାୟ ୧୦୦୦ କୋଟି ଟଙ୍କାର କାରବାର କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିଭଳି ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ଼ ସହ ହୋଇଥିବା ସହଭାଗୀତା ଓଡ଼ିଶାର ବିହନ ଉତ୍ପାଦନ ଏବଂ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। କୃଷି ବିଭାଗ ପ୍ରଜନନକାରୀ ପ୍ରାମାଣିକ ବିହନର ସମୟୋଚିତ ଯୋଗାଣ ସୁନିଶ୍ଚିତ କରି ଚାଷୀଙ୍କ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ଏହି ସହଯୋଗରେ ଉଭୟପକ୍ଷ ସମନ୍ୱିତ ଚାଷୀ ସଚେତନତା ଅଭିଯାନ ମାଧ୍ୟମରେ ବିହନ ପ୍ରତିସ୍ଥାପନ ଓ କିସମ ଉନ୍ନତିକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଏଥିପାଇଁ ୫୬ କୋଟି ଟଙ୍କାର କାରବାର ଲକ୍ଷ୍ୟ ରହିଛି । ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ଼ ୬,୫୦୦ଟି ବ୍ୟବସାୟିକ ଉଦ୍ୟମ ନିର୍ମାଣ ସହିତ ୨୫୦ କୋଟି ମୂଲ୍ୟର ସବସିଡ଼ି ପ୍ରଦାନ କରିବା ଲକ୍ଷ୍ୟ ରଖିଛି । ସେଥିରୁ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପାଇଁ ୨୦୦ କୋଟି ଏବଂ ଶୀତଳ ଭଣ୍ଡାର ସହାୟତା ଯୋଜନା ପାଇଁ ୫୦ କୋଟି ରହିଛି। ଅନୁରୂପଭାବେ, ଓଡ଼ିଶାରେ କାଜୁ ଚାଷକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ନିଗମ ୫୦୦ ହେକ୍ଟର ହାଇବ୍ରିଡ଼ କାଜୁ ପୁନଃରୋପଣ କାର୍ଯ୍ୟକ୍ରମ ଏବଂ ୧୩୩୬.୨୨ ହେକ୍ଟରରୁ ଅଧିକ ବୃକ୍ଷର ରକ୍ଷଣାବେକ୍ଷଣ କରିବ। ଏହାଛଡ଼ା ଏହାର ବିଦ୍ୟମାନ ୨୦ ଟି କ୍ଲୋନାଲ୍ ନର୍ସରୀରୁ ୩୫ ଲକ୍ଷ ହାଇବ୍ରିଡ଼ କାଜୁ କଲମ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି।

## ଓଡ଼ିଶାରେ ପ୍ରତିଷ୍ଠା ହେବ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର, ୨/୫: ବିଜ୍ଞାନ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଆଉ ଏକ ପାଦ ଆଗକୁ ବଢ଼ିବାକୁ ଯାଉଛି। ରାଜ୍ୟରେ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍ ପ୍ରତିଷ୍ଠା ହେବ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଦୁଇ ଦିନିଆ ଓଡ଼ିଶା ଗସ୍ତ କାଳରେ ରାଜ୍ୟରେ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିବେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଗଣମାଧ୍ୟମକୁ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଶ୍ରୀ ସାମଲ ସାମ୍ବାଦିକମାନଙ୍କୁ କହିଛନ୍ତି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ୧୦ ତାରିଖ ଦିନ ଓଡ଼ିଶା ଆସୁଛନ୍ତି। କେନ୍ଦ୍ରମନ୍ତ୍ରୀ ଦୁଇଦିନିଆ ଗସ୍ତରେ ଆସୁଛନ୍ତି। ଏହି ଗସ୍ତକାଳରେ ସେ ଏକାଧିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଲା ପରେ ଶ୍ରୀ ଶାହ ପ୍ରଥମେ ଜଟଣୀ ଅଭିମୁଖେ ବାହାରିବେ। ସେଠାରେ ଫରେନ୍‌ସିକ୍ ବିଶ୍ୱବିଦ୍ୟାଳୟ ପାଇଁ ଶିଳାନ୍ୟାସ କରିବେ। ଏହା ପରେ ଗୃହମନ୍ତ୍ରୀ ପୁରୀ ଯିବେ। ସେଠାରେ ମହାପ୍ରଭୁଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିବେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆସନ୍ତା ୧୦ ତାରିଖ ଦିନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ। ସେ ଭୁବନେଶ୍ୱର, ଜଟଣୀ, ପୁରୀ ଓ ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଗସ୍ତର ଦ୍ୱିତୀୟ ଦିନରେ ସମ୍ବଲପୁର ଗସ୍ତ କରିବେ। ଏହି ଅବସରରେ ସେ ୧୧ଟି ପ୍ରକଳ୍ପର ଶିଳାନ୍ୟାସ କରିବେ। ଦ୍ୱିତୀୟ ଦିନର ଗସ୍ତ ଶେଷ କରି ଦିଲ୍ଲୀ ଫେରିଯିବା ପୂର୍ବରୁ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏଠାରେ ସେ ଏକାଧିକ ପ୍ରକଳ୍ପର ଶିଳାନ୍ୟାସ ସହ ଜନସଭାକୁ ସମ୍ବୋଧିତ କରିବେ।

# ତୁଟୁନି 'ଆୟୁଷ୍ମାନ' ଦ୍ୱନ୍ଦ୍ୱ ଦୋ'ଛକିରେ ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨/୫: ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)କୁ ବନ୍ଦ କରାଯାଇ ରାଜ୍ୟରେ 'ଆୟୁଷ୍ମାନ' ଲାଗୁ ହେବା ପରଠାରୁ ବଢ଼ିବାରେ ଲାଗିଛି ରୋଗୀଙ୍କ ସମସ୍ୟା। ଆୟୁଷ୍ମାନ ଯୋଜନାରେ ବିଭିନ୍ନ ରୋଗ ପାଇଁ ଅପେକ୍ଷାକୃତ କମ୍ ଅର୍ଥ ବରାଦ ଯୋଗୁଁ ଚିକିତ୍ସା ସେବା ବ୍ୟାହତ ହୋଇଛି ଓ ରୋଗୀମାନେ ହନ୍ତସନ୍ତ ହେଉଛନ୍ତି। କମ୍ ପାଉଣାରେ ବଡ଼ବଡ଼ ରୋଗର ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି ଘରୋଇ ଡାକ୍ତରଖାନା ଗୁଡିକ ସରକାରଙ୍କୁ ସଫା ସଫା ଶୁଣାଇ ଦେଇଛନ୍ତି। ଯାହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଦୋ ଛକିରେ ପଡିଛି। ଗୋଟିଏ ପଟେ ସରକାର ପ୍ୟାକେଜ୍ ମୂଲ୍ୟ ବୃଦ୍ଧି ନ କଲେ ରୋଗୀଙ୍କ ଚିକିତ୍ସା ଅସମ୍ଭବ ହୋଇପଡିବ, ଅନ୍ୟ ପଟେ କେନ୍ଦ୍ର ସରକାର କେବଳ ଗୋଟିଏ ରାଜ୍ୟ ପାଇଁ ଆୟୁଷ୍ମାନ ଭାରତ ପ୍ୟାକେଜ୍ ବଢ଼ାଇ ପାରିବେ ନାହିଁ। ଯାହାକୁ ନେଇ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗଙ୍କୁ ପ୍ରଶ୍ନ କରିଥିଲେ ହେଁ ମନ୍ତ୍ରୀ 'ଅନୁଧ୍ୟାନ କରାଯାଉଛି' ଉତ୍ତର ଦେଇ ଚତୁରତାର ସହ ପ୍ରଶ୍ନକୁ ଏଡ଼ାଇ ଯାଇଛନ୍ତି । ସାରା ଦେଶରେ ଆୟୁଷ୍ମାନ ଭାରତର ଗୋଟିଏ ପ୍ୟାକେଜ୍ ଲାଗୁ କରାଯାଇଛି। ବିଏସ୍‌କେୱାଇ ପ୍ୟାକେଜ୍ ଓ ସାମ୍ପ୍ରତିକ ବଜାର ଚିକିତ୍ସା ମୂଲ୍ୟ ତୁଳନାରେ ଆୟୁଷ୍ମାନ ଭାରତର ଚିକିତ୍ସା ପ୍ୟାକେଜ୍ ବହୁତ କମ୍ ରହିଛି। ଚଳିତ ମାସ ୧୧ ତାରିଖରେ ବିଏସ୍‌କେୱାଇ ବନ୍ଦ ହୋଇ ଆୟୁଷ୍ମାନ ପ୍ରଚଳନ ହେବା ପରେ ରାଜ୍ୟରେ ମାଗଣା ସ୍ୱାସ୍ଥ୍ୟ ସେବା ଚିତ୍ର ବଦଳି ଯାଇଛି। ବିଏସ୍‌କେୱାଇରେ ପଞ୍ଜିକୃତ ହୋଇଥିବା ଘରୋଇ ଡାକ୍ତରଖାନାଗୁଡ଼ିକୁ ଆୟୁଷ୍ମାନ ଭାରତରେ ସାମିଲ କରାଯାଇଛି। ବିଏସ୍‌କେୱାଇରେ ସରକାର ଦେଉଥିବା ଚିକିତ୍ସା ପ୍ୟାକେଜ୍‌କୁ ନେଇ ଘରୋଇ ଡାକ୍ତରଖାନା କେବେ ଅଭିଯୋଗ ଆଣି ନ ଥିଲେ। ବଜାର ମୂଲ୍ୟ ବୃଦ୍ଧି ହେତୁ ପ୍ୟାକେଜ୍ ଗୁଡିକରେ ଅନ୍ୟୁନ ୨୦% ବୃଦ୍ଧି କରାଯାଉ ବୋଲି ସ୍ୱାସ୍ଥ୍ୟ ବିଭାଗ ପାଖରେ ଦାବି କରୁଥିଲେ। କିନ୍ତୁ ଆୟୁଷ୍ମାନ ଭାରତରେ ଶତାଧିକ ରୋଗକୁ




ଚିକିତ୍ସା ତାଲିକାରୁ ବାଦ୍ ଦିଆଯାଇ ଥିବା ବେଳେ ପ୍ୟାକେଜ୍ ୫୦%କୁ ଖସି ଆସିଛି। କିଛି ରୋଗର ପ୍ୟାକେଜ୍ ୭୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ସିଟି, ଏମ୍‌ଆରଆଇ, ପିଏଫ୍‌ଟି, ଏନ୍‌ସିଭି, ଇଏମ୍‌ଜି ଭଳି ବ୍ୟୟବହୁଳ ନିଦାନ ବ୍ୟବସ୍ଥା ଚିକିତ୍ସା ପ୍ୟାକେଜରେ ନାହିଁ। ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ପ୍ରତିରୋପଣ ହେଉଥିବା ପେସ୍‌ମେକର ଦାମ୍ ଦେଢ଼ ଲକ୍ଷ ଟଙ୍କା। ଏଥିରେ ୭୫୦୦୦ ଟଙ୍କା ଦିଆଯାଉଛି। ସେହିପରି କାର୍ଡିଓଟୋକୋଗ୍ରାଫୀ (ସିଟିଜି), ମେରୁଦଣ୍ଡ ଚିକିତ୍ସା,ମସ୍ତିଷ୍କ ରୋଗ, କିଡ୍‌ନୀ ରୋଗ, ସ୍ନାୟୁ ରୋଗ, ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ଭଳି ଗୁରୁତର ମାମଲାରେ ଚିକିତ୍ସା ଖର୍ଚ୍ଚ ବହୁତ କମ୍ ରହିଛି। ଏତେ କମ୍ ପ୍ୟାକେଜରେ ଚିକିତ୍ସା କରିହେବ ନାହିଁ ବୋଲି ଅଲ ଓଡିଶା ପ୍ରାଇଭେଟ୍ ମେଡିକାଲ ଏଷ୍ଟାବ୍ଲିସ୍‌ମେଣ୍ଟ ଫୋରମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କହି ସାରିଛି। ଦୁଇ ଥର ବୈଠକ ବି ହେଲାଣି। କିନ୍ତୁ କିଛି ସୁଫଳ ବାହାରୁ ଥିବା ପରି ଜଣାପଡୁ ନାହିଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କୌଣସି ପରିସ୍ଥିତିରେ ବି ଗୋଟିଏ ନିର୍ଦ୍ଦିଷ୍ଟ ରାଜ୍ୟ ପାଇଁ ଆୟୁଷ୍ମାନ ପ୍ୟାକେଜ୍ ବୃଦ୍ଧି କରାଯାଇ ପାରିବ ନାହିଁ। ରାଜ୍ୟ ସରକାର ଚାହିଁଲେ ରୋଗୀଙ୍କ ଅତିରିକ୍ତ ଖର୍ଚ୍ଚ ନିଜ ହାତରୁ ବହନ କରିପାରିବେ। ଯେଉଁଠି ବିଏସ୍‌କେୱାଇରେ ଲୋକେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ପାଉଛନ୍ତି ସେଠି ଡାକ୍ତରଖାନା ବିଲ୍‌ରୁ ଅଧା ଖର୍ଚ୍ଚ ବହନ କରିବା ଗରିବ ଲୋକ ପକ୍ଷେ ସମ୍ଭବ ନୁହେଁ। ଏପରି ସ୍ଥିତିରେ ପୁଣି ଲୋକମାନଙ୍କୁ ଘରଦ୍ୱାର ବନ୍ଧା ପକାଇବାକୁ ପଡ଼ିବ ଓ ଜମିବାଡ଼ି ବିକ୍ରି କରିବାକୁ ସେମାନେ ବାଧ୍ୟ ହେବେ।

## ଆନ୍ତର୍ଜାତିକ ଶ୍ରମିକ ଦିବସ ୨୦୨୫ ପାଳନ

# ସରକାର ଗରିବ, ଶ୍ରମିକଙ୍କ ପାଇଁ ସର୍ବଦା ସମ୍ବେଦନଶୀଳ






ଭୁବନେଶ୍ୱର, ୨/୫: ଦଶନ୍ଧି ଦଶନ୍ଧି ଧରି ଦେଶର ପ୍ରଗତିର ଚକ୍ରକୁ ଶ୍ରମିକମାନେ ଅବିରତ ଭାବେ ଚଳେଇ ଆସୁଛନ୍ତି ଓ ବିକାଶରେ ନିଜର ଯୋଗଦାନ ନିରବଚ୍ଛିନ୍ନ ଭାବେ ଦେଇଆସୁଛନ୍ତି। ଦାୟିତ୍ୱ ନେବାର ପ୍ରଥମ ଦିନରୁ ହିଁ ଆମ ସରକାର ରାଜ୍ୟର ସବା ତଳ ପାହଚରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଛି। ଆଜି ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ଓ.ୟୁ.ଏ.ଟି କୃଷି ଶିକ୍ଷା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ ଏହା କହିଛନ୍ତି । ଏହି ଅବସରରେ ଆଜି ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଦୁଇଟି ପ୍ରମୁଖ ଶ୍ରମିକ ପ୍ରତୀକ୍ଷା ସ୍ଥାନ- ଡୁମ୍‌ଡୁମା ଏବଂ କଳ୍ପନା ଛକଠାରେ ବହୁମୁଖୀ 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'ର ଉଦ୍‌ଘାଟନ କରିଥିଲେ। ଏହି ପ୍ରତୀକ୍ଷା କେନ୍ଦ୍ରମାନଙ୍କରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟ ସ୍ଥଳର ସୁବିଧା ସହିତ ପାନୀୟ ଜଳ, ଶୌଚାଳୟ ଓ ପାର୍କ ଆଦିର ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ କଟକ, ରାଉରକେଲା, ସମ୍ବଲପୁର, କେନ୍ଦୁଝର, ବ୍ରହ୍ମପୁର ଭଳି ଅନ୍ୟ ସହରାଞ୍ଚଳ ଗୁଡିକରେ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ନିର୍ମାଣ କରାଯିବ । ଏହି କେନ୍ଦ୍ର ଗୁଡିକ ଶ୍ରମଜୀବୀମାନଙ୍କ ଗରିମା ବୃଦ୍ଧିରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବଣ୍ଟନ କରିଥିଲେ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ରାଜ୍ୟରେ ଥିବା ବିଭିନ୍ନ ସଂଗଠିତ ତଥା ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଶ୍ରମିକମାନଙ୍କ ଆଇନଗତ ଅଧିକାର ଓ ସାମାଜିକ ସୁରକ୍ଷା ଦିଗରେ ସର୍ବଦା ଯତ୍ନବାନ ହୋଇ କାର୍ଯ୍ୟ କରି ଆସୁଛି। ସେ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ଆମର ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ଏହି ବୋର୍ଡ଼ ଅଧିନରେ ପ୍ରଦାନ କରାଯାଉଥିବା ମୃତ୍ୟୁକାଳୀନ ସହାୟତା ରାଶିକୁ ସାଧାରଣ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାରୁ ୩ ଲକ୍ଷ ଟଙ୍କାକୁ ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ୪ ଲକ୍ଷ ଟଙ୍କାରୁ ୬ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧିନରେ ଅଦ୍ୟାବଧି ପାଖାପାଖି ୪୭ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ବିଭିନ୍ନ ସହାୟତା ବାବଦରେ ୩,୯୫୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ଦିଆଯାଇ ସାରିଲାଣି, ଯାହାକି ସେମାନଙ୍କର ଏବଂ ସେମାନଙ୍କ ପରିବାରର ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଆମ ସରକାର କ୍ଷମତାକୁ ଆସିଲା ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୪ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜୀକୃତ କରିବା ସହିତ ୩୭୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଆଜି ସାରା ରାଜ୍ୟରେ ଏକକାଳୀନ ପାଖାପାଖି ୩ ହଜାର ଯୋଗ୍ୟ ନିର୍ମାଣ ଶ୍ରମିକମାନଙ୍କୁ ନୂତନ ଭାବେ ପରିଚୟପତ୍ର ପ୍ରଦାନ କରାଯାଇଛି ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ବାବଦରେ ୪୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। ସେ କହିଥିଲେ ଯେ, ଏହା ଆମ ସରକାରର କାର୍ଯ୍ୟଦକ୍ଷତାର ଏକ ବଳିଷ୍ଠ ଉଦାହରଣ ଅଟେ । ନୂତନ ଜ୍ଞାନ କୌଶଳର ଉପଯୋଗ କରି ଶ୍ରମିକମାନଙ୍କୁ ବିଭିନ୍ନ ସେବା ଯୋଗାଇଦେବା ଆମ ସରକାରଙ୍କର ପ୍ରାଥମିକତା। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ବିଭିନ୍ନ ସେବାକୁ ଶ୍ରମିକମାନଙ୍କ ହାତ ପାହାନ୍ତାରେ ପହଂଚାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଓଡ଼ିଶା ଶ୍ରମିକ ସାଥୀ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଶ୍ରମିକମାନେ ସହଜରେ ଏବଂ ସୁବିଧାରେ ଘରେ ବସି ବିଭିନ୍ନ ସେବା ପାଇ ପାରିବେ । ଏହି ମୋବାଇଲ୍ ଆପ୍, ଅନ୍‌ଲାଇନ୍ ଶ୍ରମିକ ପଞ୍ଜୀକରଣ, ନବୀକରଣ ତଥା ସହାୟତା ନିମନ୍ତେ ଆବେଦନ ଆଦି ସେବା ପାଇବା ଦିଗରେ ନିର୍ମାଣ ଶ୍ରମିକମାନଙ୍କ ପାଇଁ ବିଶେଷ ସହାୟକ ହେବ ବୋଲି ସେ କହିଥିଲେ । ସେହିପରି ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ଼ ଅଧିନରେ ୬୦ଗୋଟି ବର୍ଗର ଅଣସଂଗଠିତ ଶ୍ରମିକମାନଙ୍କୁ ପଞ୍ଜୀକୃତ କରି ସେମାନଙ୍କୁ ବିଭିନ୍ନ କଲ୍ୟାଣମୂଳକ ସହାୟତା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଛି । ଅଦ୍ୟାବଧି, ଏହି ବୋର୍ଡ଼ ଅଧୀନରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ପଞ୍ଜୀକୃତ ହୋଇଥିବାବେଳେ ୨୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ସବୁ ପଦକ୍ଷେପ ଦ୍ୱାରା ରାଜ୍ୟର ସମସ୍ତ ଯୋଗ୍ୟ ଅଣସଂଗଠିତ ଶ୍ରମିକ ଏହି ବୋର୍ଡ଼ରେ ପଞ୍ଜୀକୃତ ହୋଇ ସାମାଜିକ ସୁରକ୍ଷା ବଳୟର ପରିସରଭୁକ୍ତ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକ ଭାଇ ଓ ଭଉଣୀମାନଙ୍କ ନିମନ୍ତେ ସର୍ବନିମ୍ନ ମଜୁରି ସଂଶୋଧନ କରି ବର୍ଷକ ଭିତରେ ଦୈନିକ ସର୍ବନିମ୍ନ ମଜୁରିରେ ହାରାହାରି ୧୦୦ ଟଙ୍କାର ବୃଦ୍ଧି କରାଯାଇଛି । ଧାର୍ଯ୍ୟ ସର୍ବନିମ୍ନ ମଜୁରି ଉପରେ ପରିବର୍ତ୍ତନୀୟ ମହଙ୍ଗା ଭତ୍ତା ଦୈନିକ ୧୦ ଟଙ୍କା ମୁଖ୍ୟମନ୍ତ୍ରୀ ବୃଦ୍ଧି କରିଛନ୍ତି । ଏହା ପିଛିଲା ଭାବେ ଏପ୍ରିଲ୍ ୧ ତାରିଖରୁ ଲାଗୁ ହେବ। ସେ ପୁଣି କହିଥିଲେ ଯେ, ପ୍ରବାସୀ ଶ୍ରମିକମାନଙ୍କୁ ଚିହ୍ନଟ କରି ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି। ଏଥି ସହିତ ଓଡିଆ ପ୍ରବାସୀ ଶ୍ରମିକଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଷ୍ଟେଟ୍ ଆକ୍ସନ୍ ପ୍ଲାନ୍ ମଧ୍ୟ ତିଆରି କରାଯାଇଛି । ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା ସହିତ କେନ୍ଦ୍ର ସରକାରଙ୍କ ନୂତନ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହନ ଓ ବ୍ୟବସାୟିକ ସରଳୀକରଣ ପରିକଳ୍ପନା ସାକାର କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ବୈଷୟିକ ଜ୍ଞାନର ଉପଯୋଗ କରି ବିଭିନ୍ନ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏହି କ୍ରମରେ ଶ୍ରମ ବିଭାଗର 'ପରିଶ୍ରମ ପୋର୍ଟାଲ' ମାଧ୍ୟମରେ ବିଭିନ୍ନ ଶ୍ରମ ଆଇନ୍ ଅନ୍ତର୍ଗତ ପଞ୍ଜୀକରଣ ଏବଂ ଲାଇସେନ୍ସ ଆଦି ଅନଲାଇନ ସେବା ପ୍ରଦାନ କରାଯାଉଛି । ଆମ ସରକାର ହେଉଛି ଲୋକଙ୍କ ସରକାର। ଗରିବଙ୍କ ପାଇଁ ସମ୍ବେଦନଶୀଳ ସରକାର। ଗରିବ ବାପା ମା'ଙ୍କ ଦୁଃଖ ଲାଘବ ପାଇଁ ଆମେ ଆରମ୍ଭ କରିବାକୁ ଯାଉଛୁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'। ଯେଉଁଥିରେ ସରକାର କନ୍ୟାଦାନ କରିବେ ଓ ବିବାହର ଦାୟିତ୍ୱ ନେବେ। ଆମେ ସାଧାରଣ ଲୋକଙ୍କ ସମସ୍ୟା ଓ ଅଭିଯୋଗକୁ ଗୁରୁତ୍ୱ ଦେଇ ଶୁଣୁଛୁ ଏବଂ ଏହାର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ନେଉଛୁ । ଶ୍ରମିକ ଭାଇଭଉଣୀମାନଙ୍କର ସମସ୍ୟା ଗୁଡିକ ସରକାରଙ୍କ ଦୃଷ୍ଟିକୁ ଆଣିଲେ ଆମେ ତାହାର ସମାଧାନ ପାଇଁ ଉପଯୁକ୍ତ ପଦକ୍ଷେପ ନେବୁ ବୋଲି ସେ କହିଥିଲେ । ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ଶ୍ରମିକମାନେ ହେଉଛନ୍ତି ଆମ ଦେଶର ଗୁରୁତ୍ୱପୂର୍ଣ୍ଣ ଅଂଶ । ବିକଶିତ ବିଶ୍ୱ ଓ ଦେଶର ବିନ୍ଧାଣି। ସ୍ୱାଧୀନତା ପରେ ଆମ ରାଜ୍ୟରେ ଯାହା ବି ବିକାଶ ହୋଇଛି, ସବୁର ମୂଳ ଆଧାର ହେଉଛନ୍ତି ଆମ ଶ୍ରମିକ ଭାଇ ଓ ଭଉଣୀମାନେ । ସେମାନଙ୍କ କଠିନ ପରିଶ୍ରମ ବଳରେ ଆଜି ଓଡିଶା ଏହି ସ୍ଥାନରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ଆମର ପରିକଳ୍ପନା ମଧ୍ୟ ସିଦ୍ଧି ଲାଭ ହେବ ଆମ ଶ୍ରମିକ ଭାଇଭଉଣୀମାନଙ୍କ ଦ୍ୱାରା । ଏଥି ସହିତ ଶ୍ରମିକ କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ, ସମାଜର ଗରିବ, ଯୁବ, ଅନ୍ନଦାତା ଓ ନାରୀମାନଙ୍କ କଲ୍ୟାଣ ସାଧନ ପାଇଁ ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ନିରବଚ୍ଛିନ୍ନ ପ୍ରୟାସ କରୁଛନ୍ତି । ଆଜିର ଦିବସଟି ତାଙ୍କ ପାଇଁ ସ୍ୱପ୍ନପୂର୍ତ୍ତିର ଦିବସ ଭାବେ ବର୍ଣ୍ଣନା କରି ସେ କହିଥିଲେ ଯେ, ଭୁବନେଶ୍ୱର ମହାନଗର ନିଗମରେ କାମ କରୁଥିବା ବେଳେ ମୋର ସ୍ୱପ୍ନ ଥିଲା ଶ୍ରମିକମାନଙ୍କ ପାଇଁ ପ୍ରତୀକ୍ଷା କେନ୍ଦ୍ର ସ୍ଥାପନ କରିବା । ଆଜି ମୋର ସ୍ୱପ୍ନ ପୂରଣ ହେଲା । ସାଂସଦ ଶ୍ରୀମତୀ ଷଡଙ୍ଗୀ ଭୁବନେଶ୍ୱର ନୟାପଲ୍ଲୀ ଠାରେ ଏକ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ । କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ମେୟର ଶ୍ରୀମତୀ ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ପ୍ରମୁଖ ଅଭିଭାଷଣ ରଖିଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶ୍ରମ ଆୟୁକ୍ତ ଶ୍ରୀ ଇନ୍ଦ୍ରମଣୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୀଘା ଶ୍ରୀଜଗନ୍ନାଥ ମନ୍ଦିର ଲୋକାର୍ପିତ

### ଉଦ୍‌ଘାଟନ କଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ



ଭୋଗରାଇ/ ଚନ୍ଦନେଶ୍ୱର, ୨/୫: ପଶ୍ଚିମବଙ୍ଗ ଦୀଘା ସମୁଦ୍ରତଟରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରାଣପ୍ରତିଷ୍ଠା ହୋଇଛି। ଏହି ମନ୍ଦିରରେ ପ୍ରଭୁ ଶ୍ରୀବଳଭଦ୍ର, ମା' ସୁଭଦ୍ରା, ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କ ପଥର ଓ କାଠରେ ନିର୍ମିତ ଦିବ୍ୟ ମୂର୍ତ୍ତି ପୂଜା ପାଉଛନ୍ତି। ପଶ୍ଚିମବଙ୍ଗ ସରକାର ଏହି ଅଞ୍ଚଳକୁ ପର୍ଯ୍ୟଟନ କ୍ଷେତ୍ରରେ ମଜଭୁତ କରିବା ପାଇଁ ଏହି ସ୍ଥାନକୁ ଶ୍ରୀଜଗନ୍ନାଥ ଧାମ ନାମରେ ନାମିତ କରିଛନ୍ତି। ଏହି ମନ୍ଦିର ରାଜସ୍ଥାନର ଉତ୍କୃଷ୍ଟ ଗୋଲାପି ବାଲି ପଥରରେ ନିର୍ମିତ ହୋଇଥିବା ବେଳେ କଳାକୃତିରେ ପାରମ୍ପରିକ କଳିଙ୍ଗ ସ୍ଥାପତ୍ୟର ଝଲକ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉପସ୍ଥିତ ରହି ଏହି ଭବ୍ୟ ମନ୍ଦିରକୁ ଉଦ୍‌ଘାଟନ କରିଛନ୍ତି। ଦୀଘା ରେଳଷ୍ଟେସନ ପାର୍ଶ୍ୱରେ ୨୦ ଏକରରୁ ଉର୍ଦ୍ଧ୍ୱ ଜାଗାରେ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ୨୫୦ କୋଟି ଟଙ୍କା ବ୍ୟୟରେ ୬୫ଫୁଟ ଉଚ୍ଚତା ବିଶିଷ୍ଟ ଏହି ମନ୍ଦିର ହୋଇଛି। ପୁରୀ ଶ୍ରୀମନ୍ଦିରକୁ ଅନୁକରଣ କରି ଭୋଗମଣ୍ଡପ, ନାଟମଣ୍ଡପ, ଜଗମୋହନ ଓ ପବିତ୍ର ଗର୍ଭଗୃହ ଆଦି କରାଯାଇଛି। ମନ୍ଦିର ପ୍ରବେଶ ଦ୍ୱାରରେ ଏକ ୩୪ ଫୁଟ ଉଚ୍ଚତାର, ୧୮ମୁଖା ବିଶିଷ୍ଟ ଅରୁଣ ସ୍ତମ୍ଭ ନିର୍ମାଣ କରାଯାଇଛି। ଯେଉଁଠାରେ କଳା ପଥରରେ ମୁକୁଟ ପିନ୍ଧିଥିବା ଅରୁଣ ମୂର୍ତ୍ତି ତିଆରି ହୋଇଛି। ମନ୍ଦିରରେ ସିଂହଦ୍ୱାର, ବ୍ୟାଘ୍ରଦ୍ୱାର, ହସ୍ତୀଦ୍ୱାର ଓ ଅଶ୍ୱଦ୍ୱାର କରାଯାଇଛି। ଏଥିସହିତ ଚୈତନ୍ୟ ଦ୍ୱାର, ଜଗମୋହନ ଓ ନାଟ ମନ୍ଦିର, ଲକ୍ଷ୍ମୀ ମନ୍ଦିର ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୋଗ ନୈବେଦ୍ୟ ପ୍ରସ୍ତୁତ କରିବା ପାଇଁ ଏକ ପୃଥକ୍ ଭୋଗଶାଳା ମଧ୍ୟ ରହିଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ମନ୍ଦିରକୁ ଆଗାମୀ ହଜାରେ ବର୍ଷ ପାଇଁ ଭକ୍ତ ଆସିବେ। ଦୀଘା ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ। ଏହା ସମନ୍ୱୟର ସ୍ଥାନ ଭାବରେ କାର୍ଯ୍ୟ କରିବ। ମୂର୍ତ୍ତିକାରମାନେ ଏହି ମନ୍ଦିରକୁ ଚମତ୍କାର ରୂପ ଦେଇଛନ୍ତି ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗର ଘରେଘରେ ପ୍ରସାଦ ଓ ମନ୍ଦିରର ଫଟୋ ପହଞ୍ଚାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୁରୀର ଦଇତାପତି ରାମକୃଷ୍ଣ ଦାସମହାପାତ୍ର, ଡୋନା ଗାଙ୍ଗୁଲି, ଅଭିନେତା ଜିତ, ପ୍ରସନ୍ନଜିତ୍, ମନ୍ତ୍ରୀ ଅରୂପ ବିଶ୍ୱାସ, ଚନ୍ଦ୍ରମା ଭଟ୍ଟାଚାର୍ଯ୍ୟ, ପୁଲକ ରାୟ, ସୁଜିତ ବସୁ, ସ୍ନେହାଶିଷ ଚକ୍ରବର୍ତ୍ତୀ, ମୁଖ୍ୟ ସଚିବ ମନୋଜ ପନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପରେ ହେବ ନୂଆ ଏୟାରପୋର୍ଟ



ଭୁବନେଶ୍ୱର, ୨/୫: ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ "ବିମାନ ଚଳାଚଳ ଏବଂ ନେଟୱାର୍କ ନିର୍ମାଣ ପରିଚାଳନା" ସମ୍ବନ୍ଧରେ ଆଲୋଚନା କରିଛନ୍ତି। ଏହି ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋତମା, ସତୀଭତା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦା ରୋଡ୍ ଏବଂ ଉତ୍କେଳା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦର ଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ରାଜ୍ୟର ୧୫ ଟି ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ରର ବିକାଶ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା ହୋଇଥିଲା। ନୋଡାଲ ଏଜେନ୍ସି ଭାବରେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏଥିସହିତ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦର ଗୁଡିକର କାର୍ଯ୍ୟ ଦକ୍ଷତାକୁ ଆହୁରି ବିକାଶ କରିବା ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ। ରାଷ୍ଟ୍ରାୟତ୍ତ ବିମାନବନ୍ଦରଗୁଡ଼ିକର ଉନ୍ନତିକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍‌ର ଦକ୍ଷତା ବୃଦ୍ଧି ସହିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହିତ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଶ୍ରୀ ବିଭୁତି ଭୂଷଣ ଜେନାଙ୍କ ସମେତ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବୀର ବିକ୍ରମ ଯାଦବ, ଇପିକଲ୍‌ର ଏମ୍.ଡି ଶ୍ରୀ ଭୂପିନ୍ଦର ସିଂ ପୁନିଆ, ଡାଇରେକ୍ଟର, ସିଭିଲ ଆଭିଏସନ୍ ଶ୍ରୀମତୀ ଦେବଦତ୍ତା ସୁରଞ୍ଜିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## କାମରେ ଆସୁନି ପାଣି ମିଟର



ଭୁବନେଶ୍ୱର ୨/୫: ରାଜ୍ୟର ସହରାଞ୍ଚଳରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାକୁ ସ୍ମାର୍ଟ କରିବାପାଇଁ ଲଗାଯାଇଥିବା ସ୍ମାର୍ଟ ପାଣିମିଟର କାମରେ ଆସୁନି । ପାଣି ମିଟରର ରିଡିଂ ନେବାକୁ କେହି ଆସୁନଥିବାବେଳେ କେତେକ ସ୍ଥାନରେ ଏହା ଚୋରିହୋଇ ଗଲାଣି । ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ପ୍ରାୟ ୭୦ଲକ୍ଷ ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ରାଜ୍ୟ ସରକାର ବସୁଧା, ଅମୃତ ୨.୦ ଏବଂ ୨୪ଘଣ୍ଟିଆ ଜଳଯୋଗାଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ୧୧୫ଟି ପୌରସଂସ୍ଥା ମଧ୍ୟରୁ ୧୧ଟି ପୌରାଞ୍ଚଳରେ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନା କାର୍ଯ୍ୟକାରୀ ହେଉଛି । ଅର୍ଥାତ୍ ଲୋକେ ସିଧାସଳଖ ଟ୍ୟାପରୁ ପାଣି ନେଇ ପିଇପାରିବେ । ଏହି ଜଳ ଆକ୍ୱାଗାର୍ଡ ମାନର ବୋଲି କୁହାଯାଉଛି । ତେବେ ୧୧୪ଟି ପୌରସଂସ୍ଥାରେ ଶତ ପ୍ରତିଶତ ଲୋକଙ୍କୁ ପାନୀୟଜଳ ଯୋଗାଇ ଦିଆଯାଉଛି । ତେବେ ରାଜଧାନୀରେ ପାନୀୟଜଳ ଯୋଗାଣ ଉପରେ ନଜର ରଖିବାପାଇଁ ହିତାଧିକାରୀଙ୍କ ଘରେ କର୍ତ୍ତୃପକ୍ଷ ପାଣି ମିଟର ଲଗାଇଥିଲେ । ପ୍ରତିମାସରେ ଏହାର ଜଳ ବ୍ୟବହାରର ହିସାବ କରାଯିବା ସହିତ ସେହି ଅନୁଯାୟୀ ଅର୍ଥ ଆଦାୟର ବ୍ୟବସ୍ଥା ହୋଇଥିଲା । ଏଥି ସହିତ ଲୋକେ କେଉଁ ମାନର ଜଳ ପାଉଛନ୍ତି ତାହାର ମାନ ପରୀକ୍ଷାପାଇଁ ମଧ୍ୟ ତାଲିମ ଦିଆଯାଇଥିଲା । ଏହିସବୁ କାର୍ଯ୍ୟପାଇଁ ଜଳ ସାଥୀମାନେ ନିଯୁକ୍ତ ହୋଇଥିଲେ । ସହରାଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠି ଓ କିନ୍ନରମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା । ତେବେ ଇତି ମଧ୍ୟରେ ଜଳସାଥୀମାନେ କାମରୁ ଅନ୍ତର ହୋଇଛନ୍ତି । ଫଳରେ ପାଣି ମିଟରର ହିସାବ ନେବାକୁ କେହି ଆସୁନାହାନ୍ତି କି ପାଣି ପରୀକ୍ଷା ବି ହେଉନାହିଁ । ଜଳକର ଆଦାୟ ପାଇଁ ବିଭିନ୍ନ ବ୍ୟାଙ୍କ୍ ସହିତ ରାଜିନାମା କରି ଯେଉଁ ପୋସ୍ ମେସିନ୍‌ଗୁଡିକ ଆଣି ଯୋଗାଇଥିଲେ ତାହାର ସ୍ଥିତି ଏବେ କ'ଣ ତାହାର ସଠିକ୍ ସୂଚନା ମିଳୁନାହିଁ । ତେବେ ବହୁ ସ୍ଥାନରେ ପାଣି ମିଟରକୁ ଚୋର ଓ ନିଶାଡିମାନେ ନେଇ ଯାଉଛନ୍ତି । ଯେହେତୁ ଏହା କୌଣସି କାମରେ ଆସୁନାହିଁ, ତେଣୁ ନୂଆ ମିଟର ଲଗାଇବା ଉପରେ ଆଉ ସେଭଳି କେହି ଗୁରୁତ୍ୱ ଦେଉନାହାନ୍ତି । ଅନ୍ୟ ପକ୍ଷରେ ସରକାର ଯୋଗାଉଥିବା ଆକ୍ୱାଗାର୍ଡ ମାନର ଜଳ ଯେତିକି ବ୍ୟବହାର ହେଉଛି ତାହାର ବହୁଗୁଣା ଅପଚୟ ହେବାରେ ଲାଗିଛି । ଆକ୍ୱାଗାର୍ଡ ମାନର ଜଳ ପ୍ରସ୍ତୁତ ପାଇଁ ଲିଟର ପିଛା ୧୦ ରୁ ୨୦ ପଇସା ଖର୍ଚ୍ଚ ହେଉଥିବାବେଳେ ଏହି ଜଳର ସିଂହଭାଗ ଲୁଗାସଫା, ଶୌଚାଳୟ, ଗାଡିଧୁଆ, ବଗିଚାରେ ଅପଚୟ ହେଉଛି । ଅନ୍ୟ ବଡ ବଡ ସହର ଭଳି ଏହିସବୁ କାର୍ଯ୍ୟ ପାଇଁ ପୃଥକ ଜଳ ଯୋଗାଣ ବ୍ୟବସ୍ଥା ନଥିବାରୁ ଗୁଣାତ୍ମକ ଜଳ ପାଇଁ ସରକାର ଖର୍ଚ୍ଚ କରୁଥିବା କୋଟି କୋଟି ଟଙ୍କା ପାଣିରେ ପଡିବାରେ ଲାଗିଛି ।

## କଟକ ବଡ଼ ଡାକ୍ତରଖାନା ପର୍ଯ୍ୟନ୍ତ ଗଡ଼ିବ ମେଟ୍ରୋ ରେଳ

ଭୁବନେଶ୍ୱର, ୨/୫: ରାଜ୍ୟ ସରକାର ଭୁବନେଶ୍ୱର-କଟକ ମଧ୍ୟରେ ମେଟ୍ରୋ ଟ୍ରେନ୍ ଚଳାଚଳ ନେଇ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ମେଟ୍ରୋ ଟ୍ରେନ୍ ଭୁବନେଶ୍ୱର ବିମାନବନ୍ଦରରୁ ତ୍ରିଶୁଳିଆ ପରିବର୍ତ୍ତେ କଟକ ବସଷ୍ଟାଣ୍ଡ ଓ କଟକ ବଡ଼ମେଡିକାଲ ପର୍ଯ୍ୟନ୍ତ ସମ୍ପ୍ରସାରଣ ହେବ। ଲୋକଙ୍କ ସୁବିଧା ଦୃଷ୍ଟିରୁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ମେଟ୍ରୋ ପାଇଁ ଏକ କମିଟି ଗଠନ କରାଯାଇଛି। ଦେଶର ବିଭିନ୍ନ ମହାନଗରରେ ଚାଲୁଥିବା ମେଟ୍ରୋର ଅନୁଧ୍ୟାନ କରୁଛି କମିଟି ଏହି କମିଟି। ନୂଆ ଡିପିଆର ପ୍ରସ୍ତୁତ କରାଯାଉଛି। କେବଳ ରାଜ୍ୟ ପାଣ୍ଠିରୁ ନୁହେଁ, କେନ୍ଦ୍ର ସରକାରଙ୍କ ସହଯୋଗରେ ମେଟ୍ରୋ ପ୍ରକଳ୍ପ ତିଆରି ହେବ। ପୂର୍ବରୁ ଭୁବନେଶ୍ୱର ମେଟ୍ରୋ ରେଳ କର୍ତ୍ତୃପକ୍ଷ କହିଛନ୍ତି ବହୁ ପ୍ରତୀକ୍ଷିତ ଭୁବନେଶ୍ୱର ମେଟ୍ରୋ ଟ୍ରେନ୍ ପ୍ରକଳ୍ପର କାମ ୨୦୨୭ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନରେ ମାଟି ପରୀକ୍ଷା ହୋଇଛି। ଭୂପୃଷ୍ଠରୁ ୫୦ରୁ ୬୦ ଫୁଟ ତଳୁ ମାଟି ନେଇ ଲ୍ୟାବ୍‌ରେ ପରୀକ୍ଷା କରାଯାଇଛି। ଭୁବନେଶ୍ୱରରେ ଭୂପୃଷ୍ଠରୁ ୧୩ ଫୁଟ୍ ଉଚ୍ଚରେ ମେଟ୍ରୋ ରେଳ ଗଡ଼ିବ। ରାଜମହଲ, ଜୟଦେବ ବିହାର ଓ ବାରଙ୍ଗରେ ଏହାର ଉଚ୍ଚତା ଆବଶ୍ୟକତା ଅନୁଯାଇ ହେବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଠାରୁ ଏସ୍‌ସିବି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଯାତ୍ରୀଙ୍କ ପାଇଁ ଷ୍ଟେସନ ରହିବ। ଉଭୟ ଆରମ୍ଭ ଓ ଶେଷ ଷ୍ଟେସନ ମଝିରେ କ୍ୟାପିଟାଲ ହସ୍ପିଟାଲ, ଶିଶୁ ଭବନ ଛକ, ବାପୁଜୀ ନଗର, ଭୁବନେଶ୍ୱର ରେଳଷ୍ଟେସନ, ରାମମନ୍ଦିର ଛକ, ବାଣୀବିହାର, ଆଚାର୍ଯ୍ୟବିହାର ଛକ, ଜୟଦେବବିହାର ଛକ, ଜାଭିୟର ଛକ, ରେଳ ସଦନ, ଡିଷ୍ଟ୍ରିକ୍ଟ ସେଂଟର, ଡମଣା ଛକ, ପଟିଆ ଛକ, କିଟ ଛକ, ନନ୍ଦନ ବିହାର, ରଘୁନାଥପୁର, ନନ୍ଦନକାନନ ପ୍ରାଣୀ ଉଦ୍ୟାନ, ଫୁଲପୋଖରୀ, ତ୍ରିଶୁଳିଆ, କଟକ ବସ୍‌ଷ୍ଟାଣ୍ଡ ରହିବ। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ଓ କଟକ ସହ ଭୁବନେଶ୍ୱର ଓ କଟକ ସହର ଅନ୍ୟ ଅଂଚଳରେ ମେଟ୍ରୋ ଟ୍ରେନ୍ ଚଳାଚଳ କରିବ।



## ଆବାସ ଗୃହ ଯୋଜନା ବାଟବଣା: ମିଳୁନି ଗରିବ ମୁଣ୍ଡକୁ ଛାତ



ଘୁ.ଉଦୟଗିରି, ୨/୫: ସରକାର ଗରୀବ ମୁଣ୍ଡକୁ ଛାତ ଦେବା ଲକ୍ଷ୍ୟ ନେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରଣୟନ କରିଛନ୍ତି। ହେଲେ ଏହି ଯୋଜନାରେ ଧନୀ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଲାଭବାନ ହେଉଥିବା ବେଳେ ଗରିବ ଓ ଖଟିଖିଆ ଶ୍ରେଣୀର ଲୋକଙ୍କ ଝାଟିମାଟି କୁଡ଼ିଆ ଓ ଜରିପାଲ ତଳେ ଜୀବନ ବିତୁଛି। ଏହି ଭଳି କନ୍ଧମାଳ ଜିଲ୍ଲାର ଅନେକ ଗାଁ ରହିଛି ଯେଉଁ ଗାଁ ଲୋକେ ଆଜି ମଧ୍ୟ ଝାଟିମାଟି କୁଡ଼ିଆ ଘରେ ବସବାସ କରୁଥିଲେ ମଧ୍ୟ ସରକାରଙ୍କ ଆବାସ ଯୋଜନା ମାଧ୍ୟମରେ ଘର ଖଣ୍ଡିଏ ମିଳିପାରୁ ନାହିଁ। ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ କଟାବାଲି ଗାଁରେ। ଆଦିବାସୀ ଗରିବ ଅସହାୟ ପଦ୍ମିନୀ ମଲ୍ଲିକ ଝାଟି ମାଟି କୁଡ଼ିଆରେ ଦୀର୍ଘ ବର୍ଷ ହେଲା ବସବାସ କରନ୍ତି। ପ୍ରକୃତ ହିତାଧିକାରୀମାନେ ତ ଝାଟିମାଟି କୁଡ଼ିଆ ଓ ଭଙ୍ଗା ଦଦରା ଘରେ ଦିନ ବିତାଉଛନ୍ତି। ସରକାର କେଉଁ ଗରିବକୁ ଛାତ ଦେଉଛନ୍ତି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଘରଟିଏ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଘର ଖଣ୍ଡିଏ ମିଳୁନଥିବା କହିଛନ୍ତି ପଦ୍ମିନୀ ମଲ୍ଲିକ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ ପଦ୍ମିନୀ ମଲ୍ଲିକଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ କଟାବାଲି ଗ୍ରାମବାସୀ ଦାବି କରିଛନ୍ତି।

# ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳିତ



ଭବାନୀପାଟଣା, ୨/୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ କୃଷକ ଦିବସ ସମାରୋହ କୃଷି ବିଜ୍ଞାନକେନ୍ଦ୍ର ଭବାନୀ ପାଟଣା,ଠାରେ ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ର ନିକଟରେ ଅକ୍ଷୟ ତୃତୀୟା ଅବସରରେ ଜିଲ୍ଲା କୃଷି ବିଭାଗ ତରଫରୁ ପୂଜ୍ୟ ପୂଜା କରାଯାଇ ଧାନ ମୁଠି ଆନୁକୁଲ କରାଯାଇଥିଲା। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା କୃଷି କ୍ଷେତ୍ରରେ ଧାନ ମୁଠି ଅନୁକୂଳ କରି ହଳ କରିଥିଲେ। ଏହି ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ସଭା ଗୃହରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ,କୃଷି ମହାବିଦ୍ୟାଳୟ ର ଡିନ ଶାନ୍ତନୁ କୁମାର ତ୍ରିପାଠୀ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଅମିତାଭ ପଣ୍ଡା, ନିର୍ଦ୍ଦେଶକ ଜଳ ଛାୟା ପ୍ରକଳ୍ପ, ପ୍ରଭାକର ନାୟକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଆତ୍ମା ଅଧକ୍ଷ ଜୁନାଗଡ, ଅଶୋକ କୁମାର ପଟନାୟକ,ଅତିରିକ୍ତ ଜିଲ୍ଲା କୃଷି କମଳ ଲୋଚନ ନାୟକ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷି ଅଧିକାରୀ କୃଷି ବିଭାଗ ଅଜୟ କୁମାର ମାରାଣ୍ଡି ପ୍ରମୁଖ ଯୋଗଦେଇ ଅକ୍ଷୟ ତୃତୀୟା, କୃଷକ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ।ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପରିଡା ସ୍ୱାଗତ ଅଭିଭାଷଣ ରେ କୃଷକ ଦିବସ ପାଳନ ସମ୍ପର୍କରେ ଉଲ୍ଲେଖ କରି ପବିତ୍ର ଅକ୍ଷୟ ତୃତୀୟା ଦିନ ଆଖି ମୁଠି ଅନୁକୂଳ କରି ଖରିଫ ଚାଷ ଆରମ୍ଭ କରାଯାଇ ଥାଏ,କୃଷକ ଭାଇମାନେ ଠିକ୍ ସମୟରେ ପାଗ ଦେଖି ଆଧୁନିକ ପ୍ରଣାଳୀ ରେ ଚାଷ କରି ଅଧିକ ଲାଭବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ତାଙ୍କର ବକ୍ତବ୍ୟରେ ମାନବ ସଭ୍ୟତା ପ୍ରଥମେ ନଦୀକୂଳରେ ବସବାସ କରି କୃଷିକାର୍ଯ୍ୟ ରୁ ହିଁ ଆରମ୍ଭ ହୋଇଥିଲା।ଅର୍ଥନୀତି ର ବ୍ୟବସ୍ଥା କୁ ସୁଦୃଢ଼ କରେ କୃଷି, କୃଷକ ଭାଇମାନେ ଆଧୁନିକ କୃଷି ପ୍ରଣାଳୀ ଆପଣାଇ ଚାଷ କରି ନିଜର ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ କୁ ସୁମିତ୍ରା ଶର୍ମା ପରିଚାଳନା କରିଥିଲେ।

# ଧୁମଧାମ ରେ ପାଳନ ହେଲା ପର୍ଶୁରାମ ଜନ୍ମୋତ୍ସବ

କେସିଙ୍ଗାତା,୨/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ରେ ସମଗ୍ର ବ୍ରାହ୍ମଣ ସମାଜ ର ପ୍ରତିଷ୍ଠାତା ତଥା ଭଗବାନ ବିଷ୍ଣୁ ଙ୍କ ଷଷ୍ଠ ଅବତାର ଭଗବାନ ଶ୍ରୀ ଶ୍ରୀ ପର୍ଶୁରାମ ଙ୍କ ଜନ୍ମୋତ୍ସବ ଇତି ମଧ୍ୟରେ କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ରାହ୍ମଣ ସମାଜ ପକ୍ଷରୁ ଏକ ଆଧାତ୍ମିକ ପରିବେଶରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି ।ମଙ୍ଗଳବାର ସକାଳ ୯ ଘଣ୍ଟା ସମୟରେ ସ୍ଥାନୀୟ ଗୌରୀଶଙ୍କର ମନ୍ଦିର ପରିସରରେ ପ୍ରଥମେ ପର୍ଶୁରାମ ଭଗବାନ ଙ୍କ ବିଗ୍ରହ ପ୍ରାଣପ୍ରତିଷ୍ଠା କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା ।ପରେ ଅପରାହ୍ନ ୪ ଘଣ୍ଟା ସମୟରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରୁ ଏକ ବିରାଟ ଶୋଭାଯାତ୍ରା ନଗର ପରିକ୍ରମା କରି ସ୍ଥାନୀୟ ବଲାଙ୍ଗୀର ଛକ ସ୍ଥିତ ହରିଓମ ଟ୍ରେଡର୍ସ ରେ ସମାପ୍ତ ହେଇ ଥିଲା ।ପରିକ୍ରମା ସମୟରେ ସହରର ସ୍ଥାନେ ସ୍ଥାନେ ବିଭିନ୍ନ ସଂଗଠନ ପକ୍ଷରୁ ଥଣ୍ଡା ପାନୀୟ ଓ ସରବତ ର ବ୍ୟବସ୍ଥା କରାଯାଇ ଥିଲା ।ଏଥିରେ କେସିଙ୍ଗା ଅଞ୍ଚଳ ର ସମସ୍ତ ବ୍ରାହ୍ମଣ ପରିବାର ଉପସ୍ଥିତ ରହି ପ୍ରଭୁ ପର୍ଶୁରାମ ଙ୍କ ଆର୍ଶୀବାଦ ଲାଭ କରିଥିଲେ ।ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ କେସିଙ୍ଗା ବ୍ରାହ୍ମଣ ସମାଜ ସଭାପତି ପ୍ରଦୀପ କୁମାର ରଥ ଙ୍କ ସମେତ ପର୍ଶୁରାମ ପାଢ଼ୀ,ବସନ୍ତ ପୁରୋହିତ,ଜଗଦୀଶ ଷଡଙ୍ଗୀ,ଅମିୟ ନନ୍ଦ,ରାଜେନ୍ଦ୍ର କୁମାର ରଥ,ଗହିନ୍ଦ୍ର ପାଢ଼ୀ ଙ୍କ ସମେତ ବ୍ରାହ୍ମଣ ସମାଜ ର ଶହ ଶହ ସଂଖ୍ୟାରେ ପର୍ଶୁରାମ ସମାଜ ର ଜନସାଧାରଣ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ବଲାଙ୍ଗୀର ଛକ ସ୍ଥିତ ଲଳିତ ଶର୍ମା ଙ୍କ ବାସଭବନ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭୋଗ ର ସୁବ୍ୟବସ୍ଥା ଆୟୋଜନ କରାଯାଇ ଥିଲା।

# କେସିଙ୍ଗା ଦୁର୍ନୀତିଖୋରଙ୍କ ପ୍ରାୟୋଜିତ ଖବରପ୍ରସାରଣ

କେସିଙ୍ଗା- ୨/୫ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ପୂର୍ବତନ ଭାରପ୍ରାପ୍ତ ଜିପିଡିଓ ଲମ୍ବୁ ଶିଖା ବ୍ଲକ ଅଧିନସ୍ଥ ୨୬ଟି ପଞ୍ଚାୟତର ପିଇଓ ମାନଙ୍କର ମୁଖିଆ ଥିଲାବେଳେ ଏହା ପୂର୍ବରୁ ଚାଞ୍ଚେର ଓ ଉକଳୋ ପଞ୍ଚାୟତର ପିଇଓ ଥିଲେ। ଅନ୍ୟପକ୍ଷରେ ସ୍ଥାନୀୟ ସାମ୍ବାଦିକ ମହାସଂଘ ଏକ ପର୍ବର କାର୍ଯ୍ୟକ୍ରମ ପାଇଁ ବ୍ଲକର ସମସ୍ତ ପିଇଓ ମାନଙ୍କୁ କିଛି ସାହାଯ୍ୟ ଦେବାକୁ ଅନୁରୋଧ କରାଯାଇଥିଲା। ଯେହେତୁ ଲମ୍ବୁ ଶିଖା ସେମାନଙ୍କ ମୁଖିଆ ଥିଲେ ସମସ୍ତ ପିଇଓ ତାହାରି ମାଧମରେ ଅନ୍ୟ ଏକ ସାମ୍ବାଦିକ ସଂଘକୁ ୨୦ ହଜାର ଟଙ୍କା ଦେଇଥିବା ନେଇ ଶୁଣାଯାଉଥିବା ବେଳେ କେସିଙ୍ଗା ସାମ୍ବାଦିକ ମହାସଂଘକୁ ମଧ୍ୟ ୨୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ କରିଥିଲେ। ଉକ୍ତ ଟଙ୍କାକୁ ଶ୍ରୀ ଶିଖା ସାମ୍ବାଦିକ ମହାସଂଘର ସଭାପତି ସୁଶାନ୍ତ ମହାପାତ୍ରଙ୍କ ଅଜାଣତରେ ତାଙ୍କ ଫୋନପେରେ ଗତ ୭ ଅକ୍ଟୋବରରେ ୨୦ ହଜାର ଟଙ୍କା ପଠାଇ ଦେଇଥିଲେ। ଏ ସଂପର୍କରେ ଶ୍ରୀ ମହାପାତ୍ର ପୂର୍ବତନ ଜିପିଡିଓ ଶ୍ରୀ ଶିଖାଙ୍କୁ ପଚିବାରୁ ସେ ଯେହେତୁ ସନ୍ଧ୍ୟା ହୋଇଗଲାଣି ମୁଁ ଘରକୁ ଯିବା ପାଇଁ ଡେରି ହୋଇଯାଉଥିବାରୁ ମୁଁ କାହାକୁ ସାକ୍ଷାତ କରିନପାରି ଆପଣଙ୍କ ଫୋନପେରେ ଟଙ୍କା ପଠାଇଦେଲି। ଏହାପରେ ସଭାପତି ଶ୍ରୀ ମହାପାତ୍ର ଏଟିଏମ୍ ରୁ ଟଙ୍କା ଉଠାଇ ସଂଘର ସାମ୍ବାଦିକଙ୍କୁ ଦେଇଥିଲେ ବୋଲି ସମସ୍ତ ସାମ୍ବାଦିକ ମାନେ ସ୍ୱୀକାର କରିଛନ୍ତି। ଅନ୍ୟ ୫ ହଜାର ଟଙ୍କା ଗଜଲକ୍ଷ୍ମୀ ପୂଜା ଅନୁଷ୍ଠାନ ପାଇଁ ଶ୍ରୀ ଶିଖା ଆର୍ଥିକ ସାହାଯ୍ୟ ଦେଇଥିଲେ ବୋଲି ଶ୍ରୀ ମହାପାତ୍ରଙ୍କ ଠାରୁ ପ୍ରକାଶ। କିଛିଦିନ ତଳେ ସୂଚନା ଅଧିକାର ଆଇନ ବଳରେ କେସିଙ୍ଗା ବ୍ଲକ କର୍ତ୍ତୃପକ୍ଷଙ୍କ ଠାରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବତନ ପିଇଓ ଶ୍ରୀ ଶିଖା ଉକଳୋ ଓ ଚାଞ୍ଚେର ପଞ୍ଚାୟତର ୪ର୍ଥ ଓ ୫ମ ସି ଏଫ ସି ଏବଂ ୧୪ ଓ ୧୫ଦଶ ଏସ ଏଫ ସି ଫଣ୍ଡକୁ ଅସଦ୍ ଉପାୟରେ ହେରଫେର କରି ଦେଢ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ନେଇ ଦୁଇଜଣ ଗଣମାଧ୍ୟମ ପ୍ରତିନିଧି ଖବର ଅନେକ ଥର ପ୍ରସାରଣ କରିବା ପରେ ଜିଲ୍ଲାପାଳ ତାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇଥିଲେ ଏବଂ ସେହିଦିନ ହିଁ ପ୍ରଶାସନ ଶ୍ରୀ ଶିଖାଙ୍କୁ ଜପିଡିଓ ପଦରୁ ହଟାଇ ଦେଇ ଅଫିସରେ ଆଟାଚ୍ କରିଥିଲେ। ଏହାର କିଛିଦିନ ପରେ ଜିଲ୍ଲାପାଳ ଶ୍ରୀ ଶିଖାଙ୍କୁ ଥୁଆମୂଳ ରାମପୁର ବ୍ଲକକୁ ବଦଳି କରି ଦେଇଥିଲେ। ତେବେ ଗତ ୧୧. ୦୪ ୨୦୨୫ ରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସଚିବ ଏହାର ସ୍ପେସିଆଲ ଅଡିଟ୍ ପାଇଁ ଆଦେଶ ଦେଲା ପରେ ଶ୍ରୀ ଶିଖା ପ୍ରତିଶୋଧ ପରାୟଣ ହୋଇଉଠିଛନ୍ତି। ଏଣୁ ଶ୍ରୀ ଶିଖା କେତେକ ଭୋକିଲା ଶୋଶିଲା ସାମ୍ବାଦିକଙ୍କୁ ଆର୍ଥିକ ପ୍ରଲୋଭନ ଦେଖାଇ କେସିଙ୍ଗା ସାମ୍ବାଦିକ ମହାସଂଘର ସଭାପତି ଶ୍ରୀ ମହାପାତ୍ରଙ୍କ ନାମରେ ମିଥ୍ୟା ଅପପ୍ରଚାର କରୁଥିବା ଅନୁମେୟ ହେଉଛି। ଅପରପକ୍ଷରେ ଶ୍ରୀ ମହାପାତ୍ର ଏହାର ପ୍ରତିବାଦରେ କେସିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହାର ସ୍ପେସିଆଲ ଅଡିଟ ହେଲେ ପ୍ରକୃତ ସତ୍ୟକଥା ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ସ୍ୱର୍ଗୀୟା ସୁମିତା ନାୟକ(ରୁବି ) ଙ୍କ ଚତୁର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉପଲକ୍ଷେ ' ଜଳଛତ୍ର ' ଭବ୍ୟ ଆୟୋଜନ

କଳାହାଣ୍ଡି ୨/୫ (ନି.ପ୍ର): ଭବାନୀପାଟଣା ଅନୁଭୂତ ପ୍ରବଳ ଗ୍ରୀଷ୍ମ ପ୍ରବହାକୁ ଦୃଷ୍ଟିରେ ରଖି ତଥା ସ୍ୱର୍ଗୀୟା ସୁମିତା ନାୟକ ଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉପଲକ୍ଷେ ସ୍ମାର୍ଟ ସୁପର ଓ ସ୍ମାର୍ଟ ଫୁଡ଼ିଜ ଏବଂ ନାୟକ ପରିବାର ପକ୍ଷରୁ ପ୍ରଦେଶୀ ପଡା, ବାଲାଜୀ ମନ୍ଦିର ପାଖ, ଜୁନାଗଡ଼ ରୋଡ ପରିସରରେ ଏକ ଭବ୍ୟ ଜଳଛତ୍ର ର ଆୟୋଜନ କରାଯାଇଥିଲା। ବିଶିଷ୍ଟ ସମାଜସେବୀକା ଶ୍ରୀମତୀ ଶର୍ମିଷ୍ଠା ନାୟକ ଓ ଶ୍ରୀ ଅତନୁ ନାୟକ ତଥା ସମସ୍ତ ପରିବାରବର୍ଗ ଆୟୋଜିତ ଏହି ପ୍ରୟାସରେ କଳାହାଣ୍ଡି ସାଂସଦ ମାନନୀୟା ଶ୍ରୀମତୀ ମାଳବିକା ଦେବୀଙ୍କ କରକାମଳରେ ଶୁଭ ଉଦଘାଟନ ଅନୁଷ୍ଠିତ ହୋଇଥିଲା। ଏହି ଶୁଭ ଅବସରରେ, କଳାହାଣ୍ଡି ଜିଲ୍ଲା ସଭାପତି ଯୁଗଳ କିଶୋର ପୋଢ଼, ଭବେନ୍ଦ୍ର ପଣ୍ଡା ପୂର୍ବତନ ଜିଲ୍ଲା ସଭାପତି, ଶ୍ରୀ ଦେବେନ୍ଦ୍ର ମହାନ୍ତି ପୂର୍ବତନ ବିଜେପି ସଭାପତି, ଶ୍ରୀ ଅନାମ ନାଏକ ପୂର୍ବତନ ବିଧାୟକ, ଶ୍ରୀ ରମେଶ ମାଝୀ ବିଧାୟକ ପାର୍ଥି ଲାଞ୍ଜିଗଡ, ସନ୍ତୋଷୀ ଦାସ ପୂର୍ବତନ ବ୍ଲକ ଅଧ୍ୟକ୍ଷ, ଜୟ ଶଙ୍କର ନାଏକ ବିଜେପି ସାଧାରଣ ସମ୍ପାଦକ, ସନ୍ତୋଷ ବିଶି ବିଜେପି ନଗର ସଭାପତି, ଶ୍ରୀ ବିଜୟ ଦେବ ସାହୁ, ଦିବ୍ୟଜ୍ୟୋତି ମୁଣ୍ଡ ସଭାପତି ରାଷ୍ଟ୍ରୀୟ ଯୁବମୋର୍ଚ୍ଚା, ନରହରି ପଟନାୟକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି, କୈଶବ ବିହାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଶ୍ରୀମତୀ ଶର୍ମିଷ୍ଠା ନାୟକଙ୍କ ନେତୃତ୍ୱ ରେ ତଥା ସାଂସଦ ମାଲବିକା ଙ୍କ ଉପସ୍ଥିତି ରେ ସେମାନଙ୍କ ସ୍ୱହସ୍ତରେ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରିଥିଲେ। ଶ୍ରୀମତୀ ମାଲବିକା ଦେବି ପାନୀୟ ଜଳକୁ ପ୍ରଦୂଷଣ ମୁକ୍ତ କରିବା, ଏହାର ସଂଘରକ୍ଷଣ ସହ ପ୍ରଚଣ୍ଡ ଗ୍ରୀଷ୍ମ ତାପରୁ ନିଜକୁ ସୁରକ୍ଷିତ ରହିବାକୁ ଉପସ୍ଥିତ ପଥଚାରି ଏବଂ ଭବାନୀପାଟଣା ସହରବାସୀଙ୍କୁ ପରାମର୍ଶ ଦେଇଥିଲେ।

# ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଅଭୂତପୂର୍ବ ଭାବେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି; ସମାଜର ସବୁ ବର୍ଗର ଲୋକ ସାମିଲ୍

## ମୋତେ ହାତ ଧରି ରାଜନୀତିରେ ଆଗକୁ ବଢ଼ିବାର ପ୍ରେରଣା ଦେଇଥିଲେ ରତି ଭାଇ: ବାଚସ୍ପତି ସୁରମା ପାଢ଼ୀ

ଭୁବନେଶ୍ୱର : ନିକଟରେ ପରଲୋକ ଗମନ କରିଥିବା ବରିଷ୍ଠ ସାମ୍ବାଦିକ ରତିକାନ୍ତ ମହାନ୍ତିଙ୍କୁ ଶନିବାର ଦିନ ବହୁ ପ୍ରତିଷ୍ଠିତ ରାଜନେତା, ଖବରକାଗଜ ସମ୍ପାଦକ, ସାମ୍ବାଦିକ ଓ ସମାଜର ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତି ଏକ ବିଶେଷ ସ୍ମୃତି ସଭାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।ଭୁବନେଶ୍ୱର ସ୍ଥିତ ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଏହି ସ୍ମୃତିସଭାକୁ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡ଼ାଇ, ପ୍ରସନ୍ନ ଆଚାର୍ଯ୍ୟ, ପଂଚାନନ କାନୁନଗୋ ଓ ବରିଷ୍ଠ କଂଗ୍ରେସ ନେତା ନିରଂଜନ ପଟ୍ଟନାୟକ ଦୀପ ପ୍ରଜ୍ୱଳନ କରି ଉଦ୍ ?ଘାଟନ କରିଥିଲେ ।ନିଜ ଶ୍ରଦ୍ଧାଞ୍ଜଳିରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ ରତିକାନ୍ତ ମହାନ୍ତି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ସେ ତାଙ୍କର ହାତ ଧରି ରାଜନୀତିରେ କିପରି ଉପରକୁ ଉଠିବାକୁ ହେବ ସେ ନେଇ ତାଙ୍କର ମାର୍ଗ ଦର୍ଶନ କରିଥିଲେ ବୋଲି କହିବା ସହିତ ତାଙ୍କର ରିପୋର୍ଟିଂ ଶୈଳୀ ସବୁଠାରୁ ନିଆରା ଓ ଭିନ୍ନ ଥିଲା ବୋଲି କହିଥିଲେ । ଜଣେ ସଚ୍ଚୋଟ, ନିର୍ଭିକ ଓ ସମର୍ପିତ ସାମ୍ବାଦିକ ଭାବେ ସେ ବେଶ୍ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ପ୍ରଦର୍ଶିତ ମାର୍ଗରେ ଆମେ ଯଦି ଚାଲିପାରିବା ତେବେ ତାହା ହିଁ ହେବ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀମତୀ ପାଢୀ କହିଥିଲେ । ଏଥି ସହିତ ରତି ଭାଇଙ୍କ ସ୍ମୃତିକୁ ସବୁଦିନ ସାଇତା ପାଇଁ ରତି ଭାଇ ସ୍ମୃତି କମିଟି ଯାହା ପରାମର୍ଶ ଦେବ ବିଧାନସଭା ତାହ ସହୃଦୟତାର ସହିତ ବିଚାର କରିବ ବୋଲି ସେ କହିଥିଲେ ।ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ ଘଡାଇ ରତିକାନ୍ତ ବାବୁ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ନିରହଙ୍କାରୀ ଓ ସଚ୍ଚୋଟ ସମ୍ବାଦିକ ଭାବେ ନିଜକୁ ପ୍ରତିଷ୍ଠା କରିପାରିଥିଲେ ବୋଲି କହିଥିଲେ । ବିଜୁ ପଟ୍ଟନାୟକଙ୍କ ଶାସନ ସମୟରେ ରତିକାନ୍ତଙ୍କର ରାଜନୀତି ଠାରୁ ଆରମ୍ଭ କରି ପ୍ରଶାସନିକ ମହଲରେ ବେଶ୍ ପ୍ରଭାବ ରହିଥିଲା । କେବଳ ସେତିକି ନୁହେଁ ଜାନକୀ ବଲ୍ଲଭ ପଟ୍ଟନାୟକ, ହେମାନନ୍ଦ ବିଶ୍ୱାଳ ଓ ଗିରିଧର ଗମାଙ୍ଗଙ୍କ ଭଳି ମୁଖ୍ୟମନ୍ତ୍ରୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଥିଲେ ମଧ୍ୟ ସେ କେବେ ନିଜ ପାଇଁ କାହାକୁ କିଛି ମାଗିନଥିଲେ ବୋଲି ଶ୍ରୀ ଘଡ଼ାଇ କହିବା ସହିତ ଏଥିରେ ତାଙ୍କର ମହନୀୟତା ପ୍ରତିପାଦିତ ହୋଇଥିଲା ବୋଲି ସେ କହିଥିଲେ ।ଶ୍ରୀ ମହାନ୍ତି ୪ଦଶନ୍ଧି ଧରି ସାମ୍ବାଦିକତା କରି ଆସୁଥିଲେ। ତାଙ୍କ ବିୟୋଗରେ ଓଡିଶା ସାମ୍ବାଦିକତାରେ ଏକ ଅପୁରଣୀୟ କ୍ଷତି ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ କହିଥିଲେ । ରତିକାନ୍ତ ସହିତ ତାଙ୍କର ବେଶ୍ ଘନିଷ୍ଠତା ଥିଲା । ସେ ଚାହିଁଥିଲେ ନିଜ ପାଇଁ କିଛି ମାଗିପାରିଥାନ୍ତେ । ହେଲେ ସେ କେବେ କିଛି କେବେ ମାଗିନଥିଲେ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ ।ରତିକାନ୍ତ ସ୍ମୃତି କମିଟି ଅଧକ୍ଷ ରବିଦାସ ଓ ସ୍ମରଣିକା କମିଟି ସମ୍ପାଦକ ପ୍ରଭୂକଲ୍ୟାଣ ମହାନ୍ତିଙ୍କ ଦ୍ୱାରା ସଂଚାଳିତ ଏହି ସ୍ମୃତିସଭାରେ ପୂର୍ବମନ୍ତ୍ରୀ





ପୃଥ୍ୱିରାଜ ହରିଚନ୍ଦନ, ପ୍ରଦେଶ କଂଗ୍ରେସ୍ କମିଟି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଅତନୁ ସବ୍ୟସାଚୀ ନାୟକ, ଅରୁଣ କୁମାର ସାହୁ, ସଂଜୟ ଦାସ ବର୍ମା, ବିଜୟ ନାୟକ, ଅନନ୍ତ ଜେନା, ସୁଦର୍ଶନ ଦାସ, ମିନତି ସିଂହ, ମନ୍ମଥ ରାଉତ, ବିଜେପି ନେତା ଗୋଲକ ମହାପାତ୍ର, ସିପିଆଇ (ଏମ୍ ?) ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ରାଜାରାମ ଶତପଥୀ, ପ୍ରଦ୍ୟୁମ୍ନ ଶତପଥୀ, ବଟକୃଷ୍ଣ ତ୍ରିପାଠୀ, ରାଜେଶ ମହାପାତ୍ର, ପ୍ରସନ୍ନ ମହାନ୍ତି, ସନ୍ଦୀପ ସାହୁ ସୁଭାଶିଷ ମହାନ୍ତି, ପ୍ରଦ୍ୟୁମ୍ନ ମହାନ୍ତି, ରମେଶ ମହାନ୍ତି, ସନ୍ଦୀପ ମିଶ୍ର, ପ୍ରଦୋଷ ପଟ୍ଟନାୟକ, ପ୍ରସନ୍ନ ପତି, ଶରତ ପାଇକରାୟ, ଜୟଦେବ ବେହେରା, ପ୍ରମେୟ ସଂପାଦକ ଗୋପାଳ ମହାପାତ୍ର , ପୂର୍ବତନ ଦୂରଦର୍ଶନ ବାର୍ତ୍ତା ସମ୍ପାଦକ ଗୋପାଳ ମହାପାତ୍ର, ଦେବନାରାଣ ସେଠୀ, ମନୋରଂଜନ ମିଶ୍ର, ଅଶୋକ ସାହୁ, ଦିଲ୍ଲୀପ ସୁବୁଦ୍ଧି, ଅରବିନ୍ଦ ମିଶ୍ର, ବିଭୂତି କର, ପବିତ୍ର ମହାରଥା, ସୀମାଚଂଳ ପଟ୍ଟନାୟକ, ବିବେକ ଜେନା, ରମେଶ ସ୍ୱାଇଁ, ସଂଜୟ ଜେନା, ଅକ୍ଷୟ କୁମାର ସାହୁ, ବିରୁପାକ୍ଷ ତ୍ରିପାଠୀ, ଯଯାତି ମହାନ୍ତି, ଗରିଜା ଶଙ୍କର ଦାଶ, ଦିଲ୍ଲୀପ ବିଶୋଇ, ସିରାଜ ଅହମଦ, ଜ୍ଞାନରଂଜନ ଦାସ, ବପିନ୍ ସିଂହ, ପ୍ରଦୀପ ରାଉତ, ପବିତ୍ର ସେନାପତି, ପାର୍ଥ ସାରଥୀ ଜେନା, ଦେବ ମହାନ୍ତି, ଦୀପକ ମହାପାତ୍ର, ଚିନ୍ମୟ ମହାପାତ୍ର , ଅପୂର୍ବ ମହାନ୍ତି, ସାରଦା ଦେବତା, ଅବିନାଶ ମିଶ୍ର, ପ୍ରିୟରଂଜନ ସାହୁ, ସଂଜୟ ଦାସ, ଭାଗବତ ତ୍ରିପାଠୀ, ସୁରେଶ କର, ଦୀପକ କୁମାର କର, ଅରବିନ୍ଦ କୁଅଁର, ସୁକାନ୍ତ ମହାନ୍ତି, ରିଆଜ ମହମ୍ମଦ, ଲୋପାମୁଦ୍ରା ଜେନା, ମାଧବାନନ୍ଦ ବେହୁରା, ନଳିନୀ ସାହୁ, ସୂର୍ଯ୍ୟକାନ୍ତି ନାୟକ, ଇଂଜିନିୟର ଲଳିତ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଅନେକ ମତ ବ୍ୟକ୍ତ କରିଥିଲେ। ରତି ଭାଇ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉନ୍ମୋଚିକା ଭାବେ ଉପସ୍ଥିତ ରହିଥିଲେ ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ। ତାଙ୍କ କର କମଳରେ ଏହି ସ୍ମରଣୀକାକୁ ଉନ୍ମୋଚିତ କରାଯାଇଥିଲା ।ଏହି ଅବସରରେ ରତିକାନ୍ତ ମହାନ୍ତିଙ୍କ ଝିଅ ପୂଜା ମହାନ୍ତି ଓ ବନ୍ଦନା ମହାନ୍ତିଙ୍କ ସମେତ ତାଙ୍କ ପରିବାରର ଅନେକ ବ୍ୟକ୍ତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ 'ସମସ୍ତଙ୍କ ପ୍ରିୟ ରତି ଭାଇ' ନାମକ ଏକ ସ୍ମରଣିକା ପ୍ରକାଶ ପାଇବା ସହିତ ରତିକାନ୍ତ ମହାନ୍ତିଙ୍କ ଜୀବନୀ ଉପରେ ଏକ ପ୍ରମାଣିକ ଚଳଚିତ୍ର ପ୍ରଦର୍ଶନ କରାଯାଇଥିଲା ।

# ରିଲ୍ସ ନିଶା ମହଙ୍ଗା ପଡିଲା ମହାନଦୀରେ ବୁଡି ଛାତ୍ର ମୃତ



ଜଗତସିଂହପୁର - ୨/୫(ନିପ୍ର)ରଘୁନାଥପୁର ନିକଟସ୍ଥ ଉତ୍ତରକୁଳ ପଞ୍ଚାୟତର ପିଁପୁର ସ୍ଥିତ ମହାନଦୀରେ ସାଙ୍ଗସାଥୀ ହୋଇ ରିଲ୍ସ କରିବା ଛାତ୍ରଙ୍କ ପାଇଁ ମହଙ୍ଗା ପଡିଛି। ପାଣିର ଗଭୀରତା ନଜାଣି ଭିତରକୁ ପଶି ଆଉ ଫେରିନପାରିବାରୁ ଜଣେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ର ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ଜଗତସିଂହପୁର ଥାନା ସାଁପୁର ପଞ୍ଚାୟତ ଶାମା ଛକର ସମୀର ମଲ୍ଲିକଙ୍କ ୨୦ ବର୍ଷୀୟ ପୁଅ ଅମିତ ମଲ୍ଲିକ ।ଜଗତସିଂହପୁର ଅଞ୍ଚଳର ୮ ଜଣ ସାଙ୍ଗ ବୁଲିବାକୁ ଆସି ଦିନ ୧୧ଘଟିକା ସମୟରେ ପିଁପୁର ସ୍ଥିତ ମହାନଦୀ କୂଳ ରେ ରିଲ୍ସ ବନାଉଥିଲେ। ଛାତ୍ରମାନଙ୍କ ମଧ୍ୟରୁ ଏସ କେ ସାଇନ ଓ ଅମିତ ପାଣି ଭିତରେ ପଶି ରିଲ୍ସ କରୁଥିଲେ। ହଠାତ ଅମିତ ଅଧିକ ପାଣି ଭିତରକୁ ଚାଲିଯାଇ ବୁଡିଯାଇଥିବାବେଳେ ଏସକେ ସାଇନ କୌଣସି ପ୍ରକାରେ ପହଁରି ଉପରକୁ ଚାଲିଆସି ନିଶ୍ଚିତ ବିପଦରୁ ରକ୍ଷା ପାଇ ଯାଇଥିଲେ। ଖବରପାଇ ସ୍ଥାନୀୟ ଗ୍ରାମବାସୀ ରଘୁନାଥପୁର ଦମକଳ ବାହୀନିକୁ ଖବର ଦେଇଥିଲେ। ଏହାଛଡା ସ୍ଥାନୀୟ ବ୍ୟକ୍ତି ପବିତ୍ର ମଲ୍ଲିକ , ବିଶ୍ୱଜିତ୍ ଦାସ, ରବୀନ୍ଦ୍ର ସେଠୀ,ବାବାଜୀ ସ୍ୱାଇଁ ଏକ ଦେଶୀ ଡଙ୍ଗାରେ ବୁଡିଯାଇଥିବା ଛାତ୍ରଙ୍କୁ ଖୋଜାଖୋଜି କରି ଅପରାହ୍ନ ୪ଘଟିକା ସମୟରେ ଅମିତଙ୍କ ମୃତଦେହକୁ ଉଦ୍ଧାର କରିଥିଲେ। ଦମକଳ ବାହୀନି ଅଧଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ ।ସେମାନେ ଉଦ୍ଧାରକାରୀ ଯନ୍ତ୍ର ଓ ରବର ବୋଟ ଆଣିନଥିବାରୁ ସ୍ଥାନୀୟ ଲୋକଙ୍କ ସରବ୍ୟର ଶିକାର ହେବାକୁ ପଡ଼ିଥିଲା। ପରେ ତିର୍ତ୍ତୋଲରୁ ଏକ ଟିମ ଆସି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ୍ୟ ସେମାନେ ବିଫଳ ହୋଇଥିଲେ।

# ସୃଷ୍ଟିଧର ପରିଡ଼ାଙ୍କ 'ମୁଠାଏ ସ୍ୱପ୍ନ' ଲୋକାର୍ପିତ



ଭୁବନେଶ୍ୱର, ୨.୫ : ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସାହିତ୍ୟିକ ତଥା ଦୈନିକ ଓଡ଼ିଆ ଖବରକାଗଜ 'ଧ୍ୱନି ପ୍ରତିଧ୍ୱନି'ର ସମ୍ପାଦକ ସୃଷ୍ଟିଧର ପରିଡ଼ାଙ୍କ ସଦ୍ୟ ପ୍ରକାଶିତ ନୂତନ ଗଳ୍ପ ସଂକଳନ "ମୁଠାଏ ସ୍ୱପ୍ନ" ପୁସ୍ତକକୁ ଶୁକ୍ରବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ପ୍ରେସ୍ ଲାଉଞ୍ଜ ପରିସରରେ ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ଲୋକାର୍ପିକଣ କରିଛନ୍ତି। ଏହି ଉପଲକ୍ଷେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲେଖକ ଶ୍ରୀ ପରିଡ଼ା 'ମୁଠାଏ ସ୍ୱପ୍ନ'ର ପୁସ୍ତକ ରଚନାର ପୃଷ୍ଠଭୂମି ଏବଂ ସାମ୍ପ୍ରତିକ ସମାଜିକ ରାଜନୈତିକ ଅବସ୍ଥାରେ ପ୍ରଭାବିତ ସାହିତ୍ୟର ବାସ୍ତବ ସ୍ଥିତି ବାବଦରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ବରିଷ୍ଠ ସାମ୍ବାଦିକ ଶ୍ରୀ ପଟ୍ଟନାୟକ ଲେଖକ ଶ୍ରୀ ପରିଡ଼ାଙ୍କ ସାହିତ୍ୟ ସାଧନା ଅଧିକ ସମୃଦ୍ଧ, ଶାଣିତ ଏବଂ ବିକଶିତ ହେଉ ବୋଲି କାମନା କରିବା ସହ ଓଡ଼ିଶାର ଜନ ଜୀବନକୁ ଉନ୍ନତ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ବ୍ଲକ ଓ ଗ୍ରାମା□ଳରେ ପାଠାଗାର ପ୍ରତିଷ୍ଠା କରିବା ନିହାତି ଆବଶ୍ୟକ ରହିଥିବାରୁ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବାଉରୀବନ୍ଧୁ ମହାରଣା, ବିପିନ ସିଂ, ବିମଳ ଭଞ୍ଜଦେଓ, ବିବେକାନନ୍ଦ ଜେନା, ଦେବକାନ୍ଦ ମହାପାତ୍ର, ବିଜୟ ପଣ୍ଡା, ପାର୍ଥସାରଥୀ ଜେନା, ମାଧବାନନ୍ଦ ବେହୁରା, ସନତ ମିଶ୍ର, ବିଭୂତି ଭୂଷଣ କର, କିଶୋର ମଙ୍ଗରାଜ, ପ୍ରିୟରଞ୍ଜନ ସାହୁ, ସନାତନ ଦଳବେହେରା, ସର୍ବେଶ୍ୱର ବର୍ଦ୍ଧନ, ବଳରାମ ପ୍ରସାଦ ନନ୍ଦ, ଉମେଶ ରାୟ, ବିଶ୍ୱଜିତ ଜେନା, ଉମେଶ ସାମନ୍ତରାୟ, ମନୋଜ ବେହେରା, ସୁକାନ୍ତ ମହାନ୍ତି, ମହେଶ୍ୱର ରଥ, ଗିରିଧାରୀଲାଲ ଷଡ଼ଙ୍ଗୀ ପ୍ରମୁଖ ଯୋଗଦାନ କରିଥିଲେ।

# ପ୍ରଭୁ ଗୋରେଖନାଥଙ୍କ ପିଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଜଗତସିଂହପୁର ତା୨/୫(ନିପ୍ର)ରଘୁନାଥପୁର ବ୍ଲକ ଅଧିନ ଛପଡାପଞ୍ଚାୟତ କେରେକେରାସ୍ଥିତ ପ୍ରଭୁଗୋରେଖନାଥଙ୍କ ପିଠରେ ପ୍ରତିବର୍ଷଭଳି ପବିତ୍ର ଅକ୍ଷୟତତିଆରେ ବିଶ୍ୱଶାନ୍ତିମହାଯଜ୍ଞ ଅନୁଷ୍ଠିତ ହୋଇଛି ।ଏହି ପରିପେକ୍ଷୀରେ ବୁଧବାର ଶୁଭ ଅଙ୍କୁରାରୋପଣ ଓ କଳସଯାତ୍ରା ଅନୁଷ୍ଠିତ ହୋଇ ଗୁରୁବାର ଅଗ୍ନିସ୍ଥାପନ କରାଯାଇଛି। ଏହି ମହାଯଜ୍ଞ ର ଶୁକ୍ରବାର ୩ୟ ଦିବସରେ ପ୍ରଭୁଙ୍କର ନିତିକାନ୍ତି ସହିତ ଯଜ୍ଞର ଆହୂତିପ୍ରଦାନ କରାଯାଇଛି। ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ କୁ ଦୃଷ୍ଟିରେରଖି ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କପାଇଁ ପାନୀୟ ଜଳ, ପ୍ରସାଦ ସେବନର ବ୍ୟବସ୍ଥା ଓ ତିର୍ତ୍ତୋଲ ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ କରାଯାଇଛି।

# ବିଦ୍ୟାଧରପୁର ପଞ୍ଚାୟତ ରେ ଏନଏମ୍ ସେଣ୍ଟର ଭୂମିପୂଜା

## ସରକାରଙ୍କୁ ଧନ୍ୟବାଦ ଦେଲେ ସରପଂଚ ଓ ଗ୍ରାମବାସୀ



ଜଗତସିଂହପୁର ତା ୨/୫(ନିପ୍ର)ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତ ଏକ ଏସିଏସଟି ବହୁଳ ପଞ୍ଚାୟତ। ଏହି ପଞ୍ଚାୟତରେ ସ୍ୱାସ୍ଥ୍ୟସେବାକୁ ସୁଗମ କରିବାପାଇଁ ସରପଞ୍ଚଙ୍କ ପ୍ରତିନିଧି ସମାଜ ସେବୀ ରହିମ ଖାଁ ପଞ୍ଚାୟତ ରେ ଏକ ଏନଏମ ସେଣ୍ଟର ପାଇଁ ବାରମ୍ବାର ସରକାର ଓ ପ୍ରଶାସନ ଙ୍କ ଦୃଷ୍ଟିଆର୍କଷଣ କରିଆସୁଥିଲେ। ଏବେ ନିକଟରେ ରଘୁନାଥପୁର ଠାରେ ଜିଲ୍ଲାପାଳଙ୍କ ଜନସୁଣାଣିରେ ମଧ୍ୟ ଅଭିଯୋଗ କରିଥିଲେ ।ଏହାକୁ ଅନୁଭବ କରି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଏହି ପଞ୍ଚାୟତ ରେ ଏକ ନୂତନ ଏନଏମ ସେଣ୍ଟର ପାଇଁ ଭୂମିପୂଜା କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ସରପଞ୍ଚ ସାହିଦା ତବସୁମ,ସମିତି ସଭ୍ୟା ସାଗରୀକା ତରାଇ,ପୂର୍ବତନ ସରପଞ୍ଚ ନାରାୟଣ ଦାସ,ସମାଜ ସେବୀ ପ୍ରସନ୍ନ ସେଠୀ,ବାବା ନୃସିଂହ ନାୟକ,ରବିନ୍ଦ୍ର ରାଉତ, ଭବାନୀ ଶଂଙ୍କର ଦାସ,ଅଜୟ ସାମଲ,ଓ୍ୱାଡ ସଭ୍ୟ ନନ୍ଦିନ ଦାସ,ସ୍ୱାସ୍ଥ୍ୟବିଭାଗ ଯନ୍ତ୍ରୀ ମନୋରଂଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।ଏହି କାର୍ଯ୍ୟପାଇଁ ସମାଜସେବୀ ରହିମି ଖାଁ ତଥା ଗ୍ରାମବାସୀ ସରକାର ଓ ସ୍ୱାସ୍ଥ୍ୟବିଭାଗକୁ ଧନ୍ୟବାଦ ଜ୍ଞାମ୍ପନ କରିଛନ୍ତି।

# ଯାଜପୁର ଜିଲ୍ଲାରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ଏବଂ ଶ୍ରମିକ ମାନଙ୍କୁ ସହାୟତା ବଣ୍ଟନ ସମାରୋହ

ଯାଜପୁର,୦୨.୦୫.୨୦୨୫: ଯାଜପୁର ଜିଲ୍ଲାରେ ଶ୍ରମିକ ମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ ସହିତ ଶ୍ରମିକମାନଙ୍କ ପାଇଁ ଜିଲ୍ଲାସ୍ତରୀୟ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମରେ ଯୁଗ୍ମ ଶ୍ରମ ଆୟୁକ୍ତ ଶ୍ରୀ ଶିବ ଶଙ୍କର ମିଶ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ବଡଚଣା ବିଧାୟକ ଅମର କୁମାର ନାୟକ, କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଯାଜପୁର ଜିଲ୍ଲା ଶ୍ରମ ଅଧିକାରୀ ଅତିଥି ଭାବେ ଯୋଗ ଦେଇ ମଇ ଦିବସରେ ଶ୍ରମିକ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ଶ୍ରମିକ ମାନଙ୍କ ଦେଶ ପାଇଁ ଅବଦାନ ଏବଂ ରାଜ୍ୟ ସରକାର ଶ୍ରମିକ ମାନଙ୍କ ପାଇଁ ଗ୍ରହଣ କରିଥିବା ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ କ୍ଷ ଜିଲ୍ଲା ଶ୍ରମ ଅଧିକାରୀ ଜିଲ୍ଲାରେ କାର୍ଯ୍ୟ କରୁଥିବା ଦୁଇ ବୋର୍ଡ ଯଥା ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ତରଫରୁ ଶ୍ରମିକ ମାନଙ୍କୁ ଆଜିର କାର୍ଯ୍ୟକ୍ରମ ରେ ପ୍ରଦାନ କରାଯାଇଥିବା ବିଭିନ୍ନ ସହାୟତା ବାବଦରେ ସୂଚନା ଦେଇଥିଲେ କ୍ଷ ମଞ୍ଚ ପରିଚାଳନା ସହକାରୀ ଶ୍ରମ ଅଧିକାରୀ ଶ୍ରୀ ସଞ୍ଜିତ କୁମାର ଦେଓ କରିଥିଲା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନ୍ୟତମ ସହକାରୀ ଶ୍ରମ ଅଧିକାରୀ ଶ୍ରୀମତୀ ସୁନନ୍ଦା ବିଶ୍ୱାଳ କ୍ଷ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ସହକାରୀ ଶ୍ରମ ଅଧିକାରୀ ଯଥା ସୌମ୍ୟ ସୁନ୍ଦର ରାଉତରାୟ,ସୌମ୍ୟ ରଞ୍ଜନ ବେହେରା, ସ୍ମୃତି ରଞ୍ଜନ ପଣ୍ଡା, ରଚନା ସେଠୀ ଙ୍କ ସହିତ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ମାନେ କାର୍ଯ୍ୟକ୍ରମ ସୁରଖୁରରେ ସମାପନ କରିବାରେ ସହଯୋଗ କରିଥିଲେ କ୍ଷ ଏହି କାର୍ଯ୍ୟକ୍ରମରେ ଓଡ଼ିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୧୫୦ ଜଣ ଆବେଦନକାରୀଙ୍କୁ ନୂତନ କାର୍ଡ, ୨୮୪ ଜଣ ଆବେଦନକାରୀଙ୍କୁ ସର୍ବମୋଟ ୧ କୋଟି ୪୬ ଲକ୍ଷ ୧୮ ହଜାର ଟଙ୍କାର ଅର୍ଥ ରାଶି ସିଧା ଆବେଦନକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇଥିଲା, ଯେଉଁଥିରେ ୯୦ ଜଣଙ୍କୁ ବିବାହ କାଳୀନ ସହାୟତା ବାବଦରେ ୪୪,୨୫,୦୦୦ /- ଟଙ୍କା, ୩୩ ଜଣ ମୃତ୍ୟୁ ବରଣ କରିଥିବା ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁ କାଳୀନ ସହାୟତା ବାବଦରେ ୮୮,୦୦,୦୦୦ /- ଟଙ୍କା, ୩୩ ଜଣ ମୃତ୍ୟୁ ବରଣ କରିଥିବା ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୧,୬୫,୦୦୦/- ଟଙ୍କା,୧ ଜଣ ହିତାଧିକାରୀଙ୍କୁ ପ୍ରସୂତୀକାଳୀନ ସହାୟତା ବାବଦରେ ୧୦,୦୦୦ /- ଟଙ୍କା ଏବଂ ୧୨୮ ଜଣ ହିତାଧିକାରୀଙ୍କ ପିଲା ପଢିବା ପାଇଁ ଶିକ୍ଷା ସହାୟତା ବାବଦରେ ୧୨,୧୮,୦୦୦ /- ଟଙ୍କା ପ୍ରଦାନ କରାଯାଇଥିଲା କ୍ଷ ସେହିପରି ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୫୦ ଜଣ ଆବେଦନକାରୀଙ୍କୁ ନୂତନ କାର୍ଡ ପ୍ରଦାନ କରାଯିବା ସହିତ ୧୦ ଜଣ ମୃତ୍ୟୁ ବରଣ କରିଥିବା ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁ କାଳୀନ ସହାୟତା ବାବଦରେ ୧୯,୦୦,୦୦୦ /- ଟଙ୍କା ପ୍ରଦାନ କରାଯାଇଥିଲା।

# ସଂପାଦକୀୟ

## ଏଥିରେ ସନ୍ଦେହ ନାହିଁ

ଜନତା ଦଳ (ୟୁନାଇଟେଡ୍) ନେତା ନୀତିଶ୍ କୁମାର ୨୦୧୫ ମସିହାରେ ବିହାର ମୁଖ୍ୟମନ୍ତ୍ରୀ ହେବା ପରେ ରାଜ୍ୟରେ ସମ୍ପୂର୍ଣ୍ଣ ନିଶା ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ଏଥିପାଇଁ ସେ ନିର୍ବାଚନ ଇସ୍ତାହାରରେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରି ୨୦୧୬ ଏପ୍ରିଲ୍ ମାସରେ ସମଗ୍ର ରାଜ୍ୟରେ ମଦ ବିକ୍ରିକୁ ବନ୍ଦ କରିଥିଲେ। ତେବେ ବିହାର ସରକାରଙ୍କ ଏହି ପଦକ୍ଷେପ ନୈତିକତା ଦୃଷ୍ଟିରୁ ସ୍ୱାଗତଯୋଗ୍ୟ ମନେ ହେଉଥିଲେ ହେଁ ବାସ୍ତବ କ୍ଷେତ୍ରରେ ନୀତିଶ କୁମାରଙ୍କୁ ଅଡୁଆରେ ପକାଇ ଥିବାର ଲକ୍ଷ୍ୟ କରାଯାଉଛି। କାରଣ ରାଜ୍ୟରେ ଖୋଲାଖୋଲି ମଦ ବିକ୍ରି ବା ମଦ୍ୟପାନକୁ ନିଷେଧ କରାଯାଇଥିବାରୁ ଏହାର ଚୋରାବାର ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଛି। ନିଶାଦ୍ରବ୍ୟ କାରବାର ସହ ଜଡ଼ିତ ବ୍ୟକ୍ତି ଅନ୍ୟ ରାଜ୍ୟରୁ ଏହାକୁ ଚୋରାରେ ଆଣି ବିହାରରେ ବିକ୍ରି କରୁଛନ୍ତି। ମଦ ବିକ୍ରି ଉପରେ ରୋକ୍ ଲଗାଯିବା ଫଳରେ ସରକାରଙ୍କ ଅବକାରୀ ଆୟ ବନ୍ଦ ହୋଇଥିବାବେଳେ ଲୋକଙ୍କ ନିଶା ସେବନର ଅଭ୍ୟାସକୁ ରୋକାଯିବା ସମ୍ଭବ ହୋଇନାହିଁ। ସବୁଠାରୁ ବିପଜ୍ଜନକ ବିଷୟ ହେଉଛି, ରାଜ୍ୟରେ ନିଶା ନିବାରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ବିଷାକ୍ତ ମଦମୃତ୍ୟୁର ଅବାରିତ ଧାରା ଛୁଟିଥିବାର ଲକ୍ଷ୍ୟ କରାଯାଉଛି, ଯାହା ନୀତିଶ୍ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ୨୦୧୬ ମସିହା ପରେ ପ୍ରାୟ ପ୍ରତିବର୍ଷ ବିଷାକ୍ତ ମଦ ପିଇ ବହୁ ଲୋକ ଅକାଳରେ ପ୍ରାଣ ହରାଉଥିବା ଖବର ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। ଚଳିତ ସପ୍ତାହରେ ବିହାରର ସାରନ୍ ଜିଲ୍ଲା ଅନ୍ତର୍ଗତ ଛାପ୍ରାରେ ବିଷାକ୍ତ ମଦ୍ୟପାନ କରି ୩୦ଜଣଙ୍କ ମୃତ୍ୟୁ ଘଟିଥିବାର ଖବର ମିଳିଛି। ଅନେକ ଆହତ ଲୋକଙ୍କ ସ୍ୱାସ୍ଥ୍ୟର ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ମିଳିଥିବା ସୂଚନା ଅନୁଯାୟୀ ସରକାରୀ କଟକଣା ସତ୍ତ୍ୱେ ସେହି ଅଞ୍ଚଳରେ ବିପୁଳ ପରିମାଣର ଦେଶୀ ମଦ ଚୋରାରେ ଆସି ପହଞ୍ଚିଥିଲା ଏବଂ ୫୦ରୁ ଅଧିକ ଲୋକ ପାଉଚ ପିଛା ୨୦ ଟଙ୍କା ଲେଖାଏଁ ଦେଇ ତାହାକୁ ପିଇଥିଲେ। ବିଷାକ୍ତ ମଦ ପିଇବା ମାତ୍ରେ ସେମାନେ ଶରୀରରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ ଓ ୫ଜଣଙ୍କର ସଙ୍ଗେ ସଙ୍ଗେ ମୃତ୍ୟୁ ଘଟିଥିଲା। ଅନ୍ୟମାନଙ୍କୁ ଡାକ୍ତରଖାନାକୁ ନିଆଯିବା ପରେ ଜଣଙ୍କ ପରେ ଜଣେ ପ୍ରାଣ ହରାଇଥିଲେ। ଚଳିତବର୍ଷ ମଦମୃତ୍ୟୁର ଏହା ପ୍ରଥମ ଘଟଣା ନୁହେଁ। ଗତ ଅଗଷ୍ଟ ମାସରେ ବିଷାକ୍ତ ମଦ ପିଇ ୧୧ଜଣ ପ୍ରାଣ ହରାଇଥିଲେ। ଯେଉଁ ବର୍ଷ ଆଇନ୍‌କୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଗଲା ସେହିବର୍ଷ ୧୬ଜଣ ଲୋକ ବିଷାକ୍ତ ମଦ ପିଇ ଆଖି ବୁଜିଥିଲେ। ଯେପରି ମନେ ହେଉଛି ନୀତିଶ୍ ସରକାରଙ୍କ ମହତ୍ ଆଭିମୁଖ୍ୟକୁ ବିଷାକ୍ତ ମଦମୃତ୍ୟୁର ଗୋଟିଏ ପରେ ବିଭୀଷିକା ଉପହାସିତ କରୁଛି। ସରକାରୀ ପରିସଂଖ୍ୟାନ ଅନୁଯାୟୀ ଗତବର୍ଷ ଅର୍ଥାତ୍ ୨୦୨୧ ମସିହା ନଭେମ୍ବର ମାସରେ ବିହାରର ମୁଜାଫରପୁର ଅଞ୍ଚଳରେ ବିଷାକ୍ତ ମଦ୍ୟପାନ କରି ୩୦ଜଣଙ୍କର ମୃତ୍ୟୁ ଘଟିଥିଲା। ମାର୍ଚ୍ଚରେ ବାଙ୍କା ଓ ମାଧେପୁରାରେ ୩୨ଜଣ ଲୋକ ମଦ ପିଇ ପ୍ରାଣ ହରାଇଥିଲେ। କେବଳ ୨୦୨୧ରେ ସମୁଦାୟ ୬୬ଟି ମଦମୃତ୍ୟୁ ଘଟଣା ନୀତିଶ ସରକାରଙ୍କ ନିଶାନିବାରଣ ଆଇନ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ରାଜ୍ୟ ସରକାର ଚୋରା ମଦ ବିକ୍ରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଜର ପୁଲିସ ଓ ପ୍ରଶାସନକୁ ଅଧିକ କ୍ରିୟାଶୀଳ କରିବାର ଜରୁରି ଆବଶ୍ୟକତା ରହିଛି। ନଚେତ୍ ଏଭଳି ଅଧାପନ୍ତରିଆ ନୀତିଶ କୁମାରଙ୍କ ପାଇଁ ଯେ ବୁମେରାଂ ହେବ, ଏଥିରେ ସନ୍ଦେହ ନାହିଁ।

## ପାଦର ସ୍ଥାନ

**ଅଜୟ କୁମାର ବେହେରା**

ବ୍ୟାଦ ପଦ୍ମ ଉପରେ ଅଛି ବୋଲି ପଦ୍ମପାଦ। ବାସ୍ନା ଘ୍ରାଣରେ ଜଣାପଡ଼ିଲେ ବାସ୍ନା କିନ୍ତୁ ଭିନ୍ନ ପ୍ରକାରରେ ଆସେ ଯାହା ଘ୍ରାଣରେ ନୁହଁ କର୍ଣ୍ଣ ଚକ୍ଷୁରେ ଜଣାପଡ଼େ ଓ ମୁଖରେ ପରିସ୍ଫୁଟ ବି ହୁଏ। ଜୟ ଜୟକାର ଏକ ଶୁଦ୍ଧ ବାସ୍ନା ଦୁର୍ନାମ ରଟନା ଏକ ଦୁର୍ଗନ୍ଧ ବାସ୍ନା। ଏହା ଘ୍ରାଣରେ ଆସେ ନାହିଁ। କାହାରି ସଭା ସମିତିରେ ପ୍ରଶଂସା ଏହା ଚକ୍ଷୁର ଗ୍ରାହ୍ୟ। ଭଗବାନଙ୍କର ଗୁଣଗାନ, ଭଜନ ଅର୍ଜନ କୀର୍ତ୍ତି ଜଣାଣ ଏହା ଭଗବାନର ବାସ୍ନା ମୁଖରେ ପ୍ରକଟ କରାଯାଉଛି। ଜଣାଣରେ ପ୍ରଭୁଙ୍କର କିଛି ଦୁର୍ଗୁଣ କୁହାଗଲେ ବି ଏହା ଅଭିମାନର ଭାଷା ପରୋକ୍ଷରେ ଅନ୍ୟକୁ ସେ ସାହାଯ୍ୟ କରିଥିଲା ବି ଜଣାଣ କର୍ତ୍ତାକୁ ସହାୟକ ହେଉନାହାଁନ୍ତି।

ଗୋଡ଼ତଳେ ପଡ଼ିବା ଆମ ଧର୍ମର ଏକ ବିଶେଷ ସମ୍ମାନ ଦେବା କାର୍ଯ୍ୟ ତେବେ ଗୁରୁଜନଙ୍କୁ ବୟସ୍କଙ୍କୁ ଗୋଡ଼ତଳେ ପଡ଼ିବାକୁ ହୁଏ ଅନେକ ରାଗକ୍ରୋଧ ନିରୁପାୟରେ ଅଳ୍ପ ବୟସ୍କଙ୍କୁ ଗୋଡ଼ତଳେ ପଡୁଛି କହିଦିଅନ୍ତି ପଡ଼ିବି ଯାଆନ୍ତି ଏ ଦୁଇରେ ଭାବ ଅଲଗା ଅଲଗା। ଗୁରୁଜନ ଗୁରୁ ଯେ ସେମାନେ ତାଙ୍କର ପାଦ ସେପରି ଗୁରୁ ସ୍ଥାନ ଦେବସ୍ଥାନ, ବହୁ ବିଦ୍ୟାୟତନରେ କରିଥାନ୍ତି। ତାଙ୍କର ଗୁରୁପାଦ ସେବା ସେମାନେ କରିଥାନ୍ତି। ଯେ କେହି ବଡ଼ଲୋକ ହୋଇଥାନ୍ତୁ ପଛେ ରାଜମନ୍ତ୍ରୀ ହୋଇଥାନ୍ତୁ ତାଙ୍କୁ ଖାଲିପାଦରେ ସମସ୍ତଙ୍କ ପରି ଖାଲିପାଦରେ ଯିବାକୁ ହୁଏ। ପାହାଚ ଉଠାରୁ ସର୍ବୋଚ୍ଚ ଦିଅଁଙ୍କର ବଇଠି ସିଂହାସନ ଯାଏ ଖାଲି ପାଦରେ ଯିବା ଦ୍ୱାରା ପାଦର ସଙ୍ଗ ପ୍ରଭାବ ନଷ୍ଟ ହୁଏ। ମାଟିର ସଙ୍ଗ ପ୍ରଭାବ ଅଛି। ମାଟି ସଙ୍ଗପ୍ରଭାବ କାଟିବା ପାଇଁ ପାଦ ଶୁଦ୍ଧି, ପାଦ ଧୌତ, ଗୋମୟ ଜଳରେ କରାଯାଏ। ଦେବ ମନ୍ଦିରରୁ ଫେରନ୍ତାଙ୍କୁ ତାଙ୍କର ଗ୍ରାମ ଭୂମିର ଲୋକ ପୂର୍ବେ ପ୍ରଣାମ, ଦଣ୍ଡବତ କରୁଥିଲା। ସେ ବୟସରେ ବଡ଼ ହୁଅନ୍ତୁ ବା ସାନ ହୁଅନ୍ତୁ। ଶ୍ରୀକ୍ଷେତ୍ରକୁ ଲୋକ ଚାଲି ଚାଲି ଆଗେ ଆସୁଥିଲେ। ସେ ଗ୍ରାମକୁ ଫେରିଲେ ଦେବ ଦର୍ଶନ ପାଇଁ କଷ୍ଟ ସହ୍ୟ କରିଥିବା ଲୋକକୁ ଏକ ସମ୍ମାନ ଏପରି କରାଯାଉଥିଲା। ଏପରିକି ଦଣ୍ଡ ଭାଙ୍ଗି ଅନେକ ଦେବ ସ୍ଥାନକୁ ଯାଉଥିଲେ ସେମାନଙ୍କର ଆଣ୍ଠୁ କହୁଣୀ ଛିଡ଼ି ରକ୍ତ ବହିଲେ ବି ସେ ଦେବ ଦର୍ଶନ ପାଇଁ କଷ୍ଟକୁ ଖାତିରି କରୁନଥିଲେ। ସେ ଦେବ ସ୍ଥାନରେ ପହଞ୍ଚିବା ପୂର୍ବରୁ ଦେବ ସ୍ଥାନ ଲୋକ ଏପରିକି ସ୍ଥାନୀୟ ରାଜା ସେ ଭକ୍ତକୁ ଦୁଃଖରୁ ରକ୍ଷା ପାଇଁ ଉପାୟ ଚିନ୍ତା କରୁଥିଲେ। ଏକାଗ୍ରତା ପାଇଁ ବୁଦ୍ଧ ଦେବା ବହୁ ତପସ୍ୟା ଅନଚୀନ ଅନିଦ୍ରା ରହି ଶେଷରେ ସିଦ୍ଧି ଲାଭ କରି ପରମ ସତ୍ୟ ସନ୍ଧାନୀ ହୋଇଥିଲେ। ଗୌତମ ରାଜପୁତ୍ର ହୋଇ ଜନ୍ମ, ସୁନ୍ଦରୀ ରମଣୀର ସ୍ୱାମୀ, ସନ୍ତାନ ପ୍ରାପ୍ତ ତଥାପି ସତ୍ୟ ସନ୍ଧାନୀ ପାଇଁ ସେ କେତେସାଧନା କରିଥିଲେ। ଦେବ ସ୍ଥାନରେ ଅନେକ ଲୋକ କିଛି ସିଦ୍ଧିପ୍ରାପ୍ତି ପାଇଁ ଅଧା ପଡ଼ିଥାନ୍ତି। ଶାରଳାଦେବୀ ମନ୍ଦିରରେ ଯେଉଁମାନେ ଗାୟକ ହେବାକୁ ଆଶା କରନ୍ତି ସେମାନେ ଏପରି କରିବା ଶୁଣାଯାଏ ଓ ଏବେ ବି ଦେଖାଯାଉଛି। ଜଣେ ଗାୟକ ସଭାରେ ଶାସ୍ତ୍ରକୁ ନେଇ ବିଷୟବସ୍ତୁ ଅଳଙ୍କାର ଭରି ନିରବଚ୍ଛିନ୍ନ ଲୋକଙ୍କୁ ସବୁରସରେ ମୁଗ୍ଧ କରି ଗାୟନ କରିବା ବଡ଼ ସାଧନା। ସେ ସାରସ୍ୱତ ସାଧକ। ପ୍ରକୃତିରେ ଏମାନଙ୍କର ପାଦ ଦେବ ସ୍ଥାନ ସିଦ୍ଧିସ୍ଥାନରେ ପଡ଼ି ତନ ମନ ଜ୍ଞାନ ଶୁଦ୍ଧ ହୋଇଯାଉଥିଲା। ଗୁରୁଙ୍କର ପାଦ ସେବାରେ ଅପୂର୍ବ ଫଳ ଅଛି। ଶ୍ରୀଜଗନ୍ନାଥଙ୍କର ପାଦ ନାହିଁ, ସେ ସମସ୍ତ ଗୁରୁଙ୍କୁ ପାଦ ପୂଜା ଅଧିକାର ଦେବା ଯେମିତି ଜଣା ପଡୁଛି ଭଗବାନ କୃଷ୍ଣ ଏକ ଗଧର ପାଦ ଧରିବା କୁହାଯାଏ। ଏ ହେଉଛି ଏକ ସତୀକୁ ହାସଲ ପାଇଁ ଏକ ଉଦାହରଣ। ଏବେ ବି ଲାଞ୍ଚ ଘୃଷ ପାଟିବା ଏଇ ଗଧ ପାଦ ଧରିବା କାମ। ଗଧ କେବଳ ପରିଶ୍ରମ କରେ ଗଣ୍ଡେ ଖାଏ। ହେଲେ ଅତ୍ୟଧିକ ମାଲିକ ପ୍ରେମୀ ପ୍ରେମୀ ଗଧ ଅନ୍ୟର କଥା ଶୁଣେ ନାହିଁ। ଗାଜର ଲାଉ ଗଧର ଥାଏ। ଏହି ଅର୍ଥ ମୋହ ଗଧକୁ ଗାଜର ପ୍ରୟୋଗ ପ୍ରକ୍ରିୟା ମାତ୍ର। ଫାଇଲ କାମ ସରକାରୀ ନିୟମ, କମ୍ପାନୀ ନିୟମ, ବ୍ୟାଙ୍କର ନିୟମ, ଜରିଆରେ ରୋକ ଲଗାଇବା ପୁଣି ଲାଞ୍ଚ ଘୋଷ ରିସ୍ତପତରେ ବହୁ ନମସ୍କାର ଗୋଡ଼ ଧରିବା ଦ୍ୱାରା ନିୟମ ଗୁଡ଼ିକରୁ ପୁଣି ଉପଧାରା ବାହାରିବ ହୋଇଯାଉଛି। ଲୋକ କି ମୂଲ୍ୟବାନ ପାଠ ପଢ଼ନ୍ତି, ଦେଶର ଜଣେ ଟିକସଦାତା ପ୍ରଜା ଏଇ ଟିକସରୁ କର୍ମଚାରୀ ଦରମା ପାଇଁ ଚଳୁଛି କିନ୍ତୁ ଗାଜର ପାଇଁ ଲୋଭରେ କାମ ପାଇଁ ତେଢ଼ା ନିୟମ ଲଗାଇ ଦେଉଛନ୍ତି। ଏହି ଗଧ ଥିଲା ଜରାସନ୍ଧର କର୍ମଚାରୀ। ଜରା ଅର୍ଥ ମୃତ୍ୟୁର ପୂର୍ବାବସ୍ଥା। ସନ୍ଧକୁ ସନ୍ଧିରେ ନେଲେ ଏପରି ଅବସ୍ଥାରେ ପାଞ୍ଚ ବର୍ଷ କାନୁନର କର୍ତ୍ତା ଏ ପାଞ୍ଚ ବର୍ଷ ଚାଲିଗଲେ ପୁଣି ନୂଆ କାନୁନ। ନୂଆ ଜରାସନ୍ଧ ବି ଆସି ପାରନ୍ତି। ହେଲେ ଗଧର ପଦବୀ ଗର୍ବ ରହିଛି। ପଦବୀ ସେ ପ୍ରୟୋଗ ପାଇଁ ସଂସାର ସମ୍ମାନୀୟକୁ ତାର ପାଦ ଧରିବାକୁ ବାଧ୍ୟ କରିଥିଲା, ଏବେ ଏହାର ରୂପୀ ସବୁ ଦପ୍ତରରେ ଦେଖାଯାଉଛି। ଶ୍ରୀକୃଷ୍ଣ ପରିବାର ପାଇଁ ଜନ୍ମ ଦରକାର ଥିଲା। ଜରାସନ୍ଧ ନାଶ ଅର୍ଥାତ୍ କାନୁନର ଦିଗ ପରିବର୍ତ୍ତନ। ଏପାଇଁ ତା'ର ବିଶ୍ୱସ୍ତ କର୍ମଚାରୀକୁ ଯେନତେନ ଶୁକଦେବ, ବୟସରେ ସ୍ଥାନ କିଛି ବିଦ୍ୟାସିଦ୍ଧି ବଶୀ କରିବା ତାକୁ ରାଜା ପରୀକ୍ଷି ପ୍ରଣାମ କରି ଭାଗବତ ଶାସ୍ତ୍ର ସାତ ଦିନ ଶୁଣିଛନ୍ତି। ବିଦ୍ୟାସିଦ୍ଧଙ୍କୁ ପ୍ରଣାମ କରାଯାଏ। ରାଜାଙ୍କୁ ନିତ୍ୟ ଭାଟ ବନ୍ଦନା କରନ୍ତି। ଏବେ ଭୋଟ ବୃତ୍ତି ହେଉଛି ଦଳୀୟ ଲୋକେ। ରାଜାଙ୍କର ଜୟ ଜୟକାର କରୁଛନ୍ତି। ରାଜା ବୟସରେ ସାନ ହେଲେ ବି ବନ୍ଦନୀୟ। ରାଜଦ୍ୱାରା ପାଦ ରଖିଲେ ଦଫା ଅଛି। ଯୁଦ୍ଧ ବିଜୟୀ ବା ଯୁଦ୍ଧରେ ବୀରଗତି ପ୍ରାପ୍ତ ସୈନିକ ଦେଶରେ ସମସ୍ତଙ୍କର ସମ୍ମାନର ପାତ୍ର ତା' ପାଇଁ ତୋପ ସଲାମୀ ଦିଆଯାଏ। ପୂର୍ବେ ଗନ ସାଲୁଟ ଦେଶୀୟ ରାଜାମାନେ ଅନ୍ୟ ରାଜ୍ୟରେ ପାଉଥିଲେ। ଯୁଦ୍ଧରେ ଜୟୀ ହୋଇଥିବା ସେନାପତି ଅନ୍ୟ ଦେଶରେ ତୋପ ସଲାମୀ ପାଆନ୍ତି। କାରିଗିଲ ଯୁଦ୍ଧରେ ପାକିସ୍ଥାନ ହାରିଥିଲା। ତାଙ୍କର ସେନାପତି ମୁସାରଫଙ୍କୁ ଭାରତରେ ତୋପ ସଲାମୀ ପରିଭ୍ରମଣ କାଳରେ କରାଯାଇନଥିଲା। ଏ ପାଇଁ ତାଙ୍କ କ୍ଷୋଭ ଆସିଥିଲା। ପାକିସ୍ଥାନର ପଦାଧିକାରୀ ଭାରତରେ ସେ ସମ୍ମାନ କେମିତି ପାଇବେ।

# ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ

**ଉମାଶଙ୍କର ପ୍ରସାଦ**

ହିନ୍ଦୁଶାସ୍ତ୍ର ଅନୁସାରେ- ନିରାକାର ପୁରୁଷ ଯୋଗନିଦ୍ରାରେ ଅଭିଭୂତ ଥିବା ସମୟରେ ହଠାତ୍ ତାଙ୍କର ସୃଜନ ଚେତନା ଜାଗ୍ରତ ହେଲା ଓ ତାଙ୍କ ନାଭି କମଳରୁ ପଦ୍ମଟିଏ ଜାତ ହେଲା ଯେଉଁଥିରେ ବ୍ରହ୍ମାଙ୍କର ଆବିର୍ଭାବ ହେଲା। ସେହି ନିରାଧାର ପୁରୁଷଙ୍କ ଇଙ୍ଗିତରେ ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ହେଲା ଏବଂ ବ୍ରହ୍ମା ଜୀବଜଗତ ସର୍ଜିଲେ। ଏହି ଜୀବ ଜଗତ ଓ ମନୁଷ୍ୟାଦିକୁ ପାଳନ ପାଇଁ ବିଷ୍ଣୁ ଏବଂ ଜଗତର ଅନାଚାର ତଥା ଦୁଷ୍ଟ ଶକ୍ତିର ସଂହାର ପାଇଁ ଶିବଙ୍କର ଆବିର୍ଭାବ ଘଟିଲା। ଏହି ତିନି ଦେବତାଙ୍କ ପରିକଳ୍ପନାରେ ସର୍ଜନ ସଙ୍କେତକୁ ଖୋଜା ଯାଇପାରେ। ଆମ ଭାରତୀୟ ପରମ୍ପରାରେ ଲେଖକ ଓ କବି ହେଉଛନ୍ତି କ୍ରାନ୍ତଦ୍ରଷ୍ଟା ପୁରୁଷ। ଋଗ୍‌ବେଦ କହେ କବିଟିଏ ହେଉଛି ଭୂୟୋଦ୍ରଷ୍ଟା ଋଷି। ସେ ସୃଜନସତ୍ତାରେ ଆଲୋକିତ ପୁରୁଷ। ସେ ଭୂମି ଓ ଭୂମାରେ ମୁଗ୍ଧ ସମର୍ପିତ ଆତ୍ମା। 'କବୃ' ଧାତୁରୁ ତ ପ୍ରତ୍ୟୟ ରୁ କବି ଶବ୍ଦ ନିଷ୍ପନ୍ନ। ଯେ ସୃଜନ ମନ୍ତ୍ରରେ ବିଭୋର ତଥା ବର୍ଣ୍ଣନା କାରୀ ସେ ତ କବି। 'ଅଗ୍ନିପୁରାଣ' କହେ "ଅପାର କାବ୍ୟସଂସାରେ କବିରେବ ପ୍ରଜାପତି"। ତେଣୁ କବି ଓ ଲେଖକମାନଙ୍କୁ କାଳେ କାଳେ ସ୍ରଷ୍ଟାର ଆସନରେ ଆସୀନ କରାଯାଇଛି। ଏଣୁ ପ୍ରତ୍ୟେକ ଲେଖକ ସୃଜନଶୀଳତାର ମନ୍ତ୍ରରେ ମନ୍ତ୍ରିତ ବ୍ୟକ୍ତିସତ୍ତା ଏହି ସୃଜନଶୀଳତାରେ ଲେଖକର ମା' ରୂପଟି ପ୍ରତିବିମ୍ବିତ ହେବା ସହ ସେ ଜଗତର ଜାଗ୍ରତ ପ୍ରହରୀ ଭାବେ ଉଦ୍‌ଭାସିତ ହୋଇଥାଏ। ପ୍ରତି ମଣିଷଠାରେ ସୃଜନଶୀଳତାର ନିତ୍ୟନିୟତ ଲୀଳା ଫୁଟିଉଠେ। ତେଣୁ ମଣିଷ ମାତ୍ରେ ସୃଜନଶୀଳ। ଯିଏ ସୃଜନଶୀଳ ତା'ର ଦାୟିତ୍ୱବୋଧ ରହିବା ସହ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ନିଜର କାର୍ଯ୍ୟଧାରାକୁ ସୁଚାରୁ ଭାବରେ କରି ଚାଲିଥାଏ।

ସୃଷ୍ଟି, ସ୍ଥିତି ଏବଂ ବିନାଶ ହିଁ ସର୍ଜନଶୀଳତାର ନିୟତି। ଲେଖକ ବା କବିଟିର ମନୋରାଜ୍ୟରେ ସତତ ସର୍ଜନ, ପରିପାଳନ ଏବଂ ବିଲୟୀଭାବର ଚକ୍ର ଲାଗି ରହିଥାଏ। ମନୋବିଜ୍ଞାନୀ ସିଗମଣ୍ଡ ଫ୍ରଏଡ ବି ମନୁଷ୍ୟର ମନୋରାଜ୍ୟରେ ତିନୋଟି ସ୍ତରର ପରିକଳ୍ପନା କରିଛନ୍ତି। ସେଗୁଡ଼ିକ ହେଲା ସଚେତନ (ମକ୍ଟଭଶ୍ୱମସକ୍ଟଙ୍କଶ୍ୱ), ପ୍ରାକ୍‌ଚେତନ (କ୍ଟଶ୍ୱରମକ୍ଟଭଶ୍ୱମସକ୍ଟଙ୍କଶ୍ୱ) ଏବଂ ଅବଚେତନ (ଙ୍କଭମକ୍ଟଭଶ୍ୱମସକ୍ଟଙ୍କଶ୍ୱ) ସ୍ତର। ମଣିଷ ଚେତନାର ତଳାତଳ ଇଲାକାରେ ବିଭିନ୍ନ ଅନୁଭୂତି ସ୍ମୃତି ରୂପେ ସଞ୍ଚିତ ହୋଇ ରହିଥାଏ। ତାହା ସଞ୍ଚୟନ, ସଂରକ୍ଷଣ, ବିସ୍ମରଣ ଓ ପୁନଃ ଆବାହନ ପର୍ଯ୍ୟାୟରେ ବିଘଟିତ ହୋଇ ସୃଜନର ରୂପ ନେଇଥାଏ। ସେହି ସୃଜନଶୀଳତା କଳି ରୂପ ଧରି କବିକଳ୍ପ ବାମନ ମାନଙ୍କୁ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତୁଲ୍ୟ ତିନିପାଦ ଭୂମି ଯାଚିଦିଏ। ଫଳରେ ସୃଜନ ପାତ୍ର ଭରିଯାଏ। ସୃଜନଶୀଳତା ପ୍ରଜ୍ଞା, ପ୍ରତିଭା ଓ ପ୍ରଣୋଦନାର ଅପେକ୍ଷା ରଖେ। ପ୍ରଜ୍ଞାଦୀପ୍ତ ମନୋଭୂମିରେ ସୃଜନସ୍ୱପ୍ନ ନୂଆ ନୂଆ ରୂପେ ବିକଶିତ ହୋଇ ପ୍ରତିଭା କୋଟିକୁ ଉନ୍ନିତ ହୁଏ। ସମୀକ୍ଷା ଶାସ୍ତ୍ରରେ ତ ନବ ନବ ଉନ୍ମେଷ ଶାଳିନୀ ପ୍ରଜ୍ଞାକୁ ହିଁ ପ୍ରତିଭା କୁହାଯାଏ। ଏହି ପ୍ରତିଭା ଯେତେବେଳେ ପ୍ରେରଣା ଭୂମିରେ ପାଦ ଥାପେ, ସେତେବେଳେ ହିଁ କବିତା ବା ସୃଜନଧର୍ମୀ ଲେଖାଟିଏ ଉଷା ପରି ଆସି ମନକୁ ରଙ୍ଗେଇ ଦିଏ। ବ୍ୟକ୍ତି ମଣିଷଟି କବି ବା ସର୍ଜନଶୀଳ ଲେଖକୀୟ ସତ୍ତା ବନିଯାଏ।

ଖିଆଲି ମଣିଷ ହିଁ ଅଧିକ ସୃଜନଶୀଳ। ଚିରା ଚରିତ ଶଗଡ ଗୁଳାରେ ପାଦ ଦେଲେ ସୃଜନର ଦିଗନ୍ତ ଦିଶେନା। ପ୍ରଜ୍ଞା ତ ବିବେକବୋଧ ସଂଜାତ ଅବବୋଧ; ପ୍ରତିଭାତ ନୂଆ ନୂଆ ରୂପ ନେଇ ଉଦେ ହୁଏ। ପ୍ରଣୋଦନା ସୃଜନଶୀଳ ମନ ବା ଭାବଭୋଳା ଦୃଷ୍ଟିକୁ ଉଦ୍ରେକ କରୁଥିବା ସେହି ସାଧନ ମାତ୍ର। ଏହି କାରକ ତିନୋଟି ସର୍ଜନଶୀଳତାର ନିୟାମକ। ଏହି କାରକ ତ୍ରୟର ସମନ୍ୱୟରେ ବ୍ୟକ୍ତି ମଣିଷଟି କବି ମଣିଷରେ ରୂପାନ୍ତରିତ ହୋଇଯାଏ। ଆମେ ଆମ ପୁରାଣ କଳ୍ପ ବା ମିଥ୍‌ର ସର୍ଜନ, ପାଳନ ଓ ବିଲୟନ ଧାରାରେ ବ୍ରହ୍ମା, ବିଷ୍ଣୁ ଓ ଧ୍ୱଂସକାରୀ ରୁଦ୍ରର କାର୍ଯ୍ୟକାରିତାକୁ ଲକ୍ଷ କରିପାରିବା। ଲେଖାଟି ପ୍ରଥମେ ମଣିଷ ଚେତନାର ଅବଚେତନ ସ୍ତରରେ ରହିଥାଏ। ପରେ ଅର୍ଦ୍ଧଚେତନ ସ୍ତରକୁ ଆସି କୋଷା ବାନ୍ଧେ ଏବଂ ଚେତନ ସ୍ତରକୁ ଆସିଲେ ହିଁ ପ୍ରଜାପତି ପରି ଲେଖାଟି ଚହଟେ; ତାହା କବି ବା ଲେଖକର ଆଦରର ଧନ ପାଲଟିଯାଏ। ବିଦଗ୍ଧ ପାଠକେ ଲେଖାଟିକୁ ଅପଣେଇ ନିଅନ୍ତି। ସୃଜନଶୀଳତା ପାଇଁ ମା ମନଲୋଡ଼ା। ମା' ମନ ନଥିଲେ କେହି କସ୍ମିନ କାଳେ କବି ବା ଲେଖକ ହୋଇପାରେନା। ମା' ଗର୍ଭରେ ଯେପରି ଭ୍ରୂଣ ସଞ୍ଚାର ଘଟି ବିଭିନ୍ନ ପର୍ଯ୍ୟାୟ ଦେଇ ତାହା ସନ୍ତାନ ରୂପ ନେଇ ଜନ୍ମେ; ଲେଖାଟିବି ନାନା ପ୍ରତିଘାତ ନେଇ ଅକ୍ଷର ରୂପ ନିଏ। ଲେଖାଟି ଯେତେବେଳେ ଗର୍ଜନ ମୁଖର ହୁଏ ସେତେବେଳେ କିଛି ହଟ ଚମଟ ସୃଷ୍ଟି କରିଥାଏ ମାତ୍ର ପରେ ତାହା ତୃପ୍ତି ନଦେଇ ଅତୃପ୍ତିର କାରଣ ହୋଇଥାଏ। ମଣିଷ ମାତ୍ରକେ ସାମାଜିକ ଜୀବ। ସେ କର୍ମ କଷଣ ସହି ଦେଶ, ଜାତି, ସମାଜ ଏବଂ ସର୍ବୋପରି ଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରେ। ଏହା ପାରିବାରିକ ସ୍ତରରୁ ସାମାଜିକ ସ୍ତର ଯାଏ ପରିବ୍ୟାପ୍ତ ହୋଇଥାଏ। କବି, ଲେଖକ ସମେତ ସର୍ଜନଶୀଳ ମଣିଷମାନେ ଜଗତର ଜାଗ୍ରତ ପ୍ରହରୀ। ଇଂରେଜ କବି ଶେଲି (ଚ.ଈ ଝଷରକ୍ଷକ୍ଷଛ) କହନ୍ତି- କବିମାନେ ଅମରତ୍ୱର ଶୁଶ୍ରୁଷାକାରୀ (ଘଙ୍କକ୍ସଶ୍ୱସଭଶ କ୍ଟଲ ସଜ୍ଞଜ୍ଞକ୍ଟକ୍ସ-ଶ୍ୱବକ୍ଷସଶ୍ୱଛ) ଏବଂ ଜଗତର ଅଣସ୍ୱୀକୃତ ବ୍ୟବସ୍ଥାପକ(ଶ୍ୱଷର ଙ୍କଭବମଲଭକ୍ଟଙ୍ଗକ୍ଷ-ରୟଶରୟ କ୍ଷରଶସଶ୍ୱକ୍ଷବଶ୍ୱକ୍ଟକ୍ସଶ୍ୱ କ୍ଟଲ ଶ୍ୱଷର ଙ୍ଗକ୍ଟକ୍ସକ୍ଷୟ)। ସେହିମାନେ ହିଁ ପୃଥିବୀର ମଣିଷ ସହ ମଣିଷର ଆଳାପ ଆଲୋଚନାର ସେତୁ ପ୍ରସ୍ତୁତ କରନ୍ତି। ଉକ୍ତ କଥାକୁ ଡକ୍ଟକ୍ସୟଶ୍ୱଙ୍ଗକ୍ଟକ୍ସଶ୍ୱଷ ସ୍ୱୀକୃତି ଦେଇ କହନ୍ତି—ଝଷର କ୍ଟକ୍ଟରଶ୍ୱ ସଶ୍ୱ ବ ଜ୍ଞବଭ ଶ୍ୱକ୍ଟରବଲ-ସଭଶ ଶ୍ୱକ୍ଟ କ୍ଟଶ୍ୱଷରକ୍ସ ଜ୍ଞରଭ, ଷରଭମର କ୍ଟକ୍ଟରଶ୍ୱକ୍ସଛ ସଶ୍ୱ ବ ଜ୍ଞକ୍ଟୟର କ୍ଟଲ ଷଙ୍କଜ୍ଞବଭ ମକ୍ଟଜ୍ଞଜ୍ଞଙ୍କଭସମବଶ୍ୱସକ୍ଟଭ. ମଣିଷ ହେଉଛି ମଣିଷର ପାରସ୍ପରିକ ଯୋଗା ଯୋଗର ଏକ ମାର୍ଗ ବିଶେଷ। ଯଦି ଲେଖକ ଓ କବି ସମାଜ ପ୍ରତି ସମର୍ପିତ ନହୁଏ ସେତେବେଳ ପର୍ଯ୍ୟନ୍ତ ଲେଖାର ମହକ ରହେନି ଓ ସେ ସମାଜର ଜାଗ୍ରତ ପ୍ରହରୀ ଭାବେ ପରିଗଣିତ ହୋଇନଥାଏ। ପ୍ରତ୍ୟେକ ସର୍ଜନ କାରି ଲେଖକ ହେଉ କି କବି ହେଉ ଅଲକ୍ଷିତ ଭାବରେ ଏକାନ୍ତ ଆଦର୍ଶକାମୀ ହେବାସହ ବଞ୍ଚି ବଞ୍ଚାଇବାର ରାହାଧରି ଚାଲିବା ଦରକାର।

# ଛାଡ଼ କରାଯାଇଥିବା ୧୦ ଲକ୍ଷ କୋଟି କାହାର ?

**ଗୋପାଳ ମହାପାତ୍ର**

ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଆଧୁନିକ ପୁଞ୍ଜିବାଦୀ ବ୍ୟବସ୍ଥାର ଜୀବନ ଅଟେ । ଏହି କ୍ଷେତ୍ରରେ ମଧ୍ୟ ଅନେକ ପରିବର୍ତ୍ତନ ହୋଇଥାଏ । କିନ୍ତୁ ବିଗତ କିଛି ବର୍ଷ ହେବ ଆମ ଦେଶର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଅଣ-ବିତ୍ତୀୟ (ଆର୍ଥିକ) କାରଣରୁ ଏଭଳି ପରିବର୍ତ୍ତନ ହୋଇଛି ଯାହା ଅର୍ଥବ୍ୟବସ୍ଥାକୁ ଅଧିକ ବ୍ୟବସ୍ଥିତ କରିବା ପରିବର୍ତ୍ତେ ନିମ୍ନଗାମୀ କରିଛି । ସୂଚନା ଅଧିକାର ଆଇନ୍ ଅନୁସାରେ ମିଳିଥିବା ତଥ୍ୟ ଅନୁସାରେ ବିଗତ ୫ ବର୍ଷ ମଧ୍ୟରେ ଏନ୍‌ପିଏ (ନନ୍ ପରଫରମିଙ୍ଗ୍ ଅସେଟ୍) ନାମରେ କେତେକ ବ୍ୟାଙ୍କ ୧୦ ଲକ୍ଷ କୋଟି ଟଙ୍କା ଛାଡ କରିଦେଇଛନ୍ତି । ନନ୍ ପରଫରମିଙ୍ଗ୍ ଆସେଟ୍ ଏଭଳି ଋଣକୁ କୁହାଯାଏ। ଯେଉଁ ଋଣର ମୂଳଧନ ଏବଂ ସୁଧର ଅସୁଲି ଧାର୍ଯ୍ୟ ସମୟଠାରୁ ୩ ମାସ ଅବଧି ମଧ୍ୟରେ ହୋଇନଥାଏ । ଧାର୍ଯ୍ୟ ସମୟର ୩ ମାସ ମଧ୍ୟରେ ଅସୁଲ୍ ହୋଇ ନପାରିଲେ ବ୍ୟାଙ୍କ ସେହି ଋଣ (ମୂଳଧନ + ସୁଧ)କୁ ଏନ୍‌ପିଏ ଘୋଷିତ କରିଥାଏ । ଏପରିକି ଏହି ଘୋଷଣା ପେର ଏନ୍‌ପିଏ କେମିତି ଅସୁଲ ହେବ ସେ କଥା ଉପରେ ବ୍ୟାଙ୍କ ଗୁରୁତ୍ୱ ଦେଇନଥାଏ । କାରଣ ଏନପିଏ ଘୋଷିତ ଋଣ ପୁଞ୍ଜି ବ୍ୟାଙ୍କର ଆମଦାନୀ ହିସାବରୁ ବାହାରିଯାଏ ଏବଂ ବ୍ୟାଙ୍କକୁ ସେହି ପୁଞ୍ଜି ବା ଅର୍ଥ ଉପରୁ ଟିକସ ମୁକ୍ତ ହୋଇଯାଇଥାଏ । ଏହି ଏନପିଏ ବାବଦରେ ବ୍ୟାଙ୍କ୍ ଓ ସରକାର ବେଳ ବେଳ କହିଥାନ୍ତି ଯେ ଅସୁଲି ପାଇଁ ଉଦ୍ୟମ ଚାଲିଛି କିନ୍ତୁ ଏହା ଏକ ପ୍ରକାର ବ୍ୟାଙ୍କର ଉତ୍ତରଦାୟୀତ୍ୱରୁ ଊର୍ଦ୍ଧ୍ୱରେ ରହିଯାଏ। ତଥ୍ୟ ଅନୁସାରେ ବିଗତ ୮ ବର୍ଷ ମଧ୍ୟରେ ବ୍ୟାଙ୍କ ଗୁଡ଼ିକର ଏନିପିଏ ମଧ୍ୟରୁ ମାତ୍ର ୧୦ ପ୍ରତିଶତ ଅସୁଲ ହୋଇପାରିଥିବା ବେଳେ କେନ୍ଦ୍ର ସରକାର ଲକ୍ଷ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛନ୍ତି । ଦେଶର ଇନ୍‌ସଲେଭନ୍ସି ଆଇନ୍ କାରଣରୁ ଋଣ ନେଇ ପୈଠ କରୁନଥିବା ଋଣଗ୍ରହୀତାମାନେ ସଙ୍କଟରେ ଥିଲେ କାରଣ ଥରେ ଋଣ ନେଇ ନ ଶୁଝିବା ବ୍ୟକ୍ତି ବା ସଂସ୍ଥାକୁ ଆଉ ବ୍ୟାଙ୍କରୁ ଋଣ ମିଳି ପାରିବ ନାହିଁ ବୋଲି ଏହି ଆଇନ୍‌ରେ ବ୍ୟବସ୍ଥା ଥିଲା। କିନ୍ତୁ କେନ୍ଦ୍ର ସରକାର ଏବେ ଏହି ଆଇନ୍‌ରେ କେତେକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏହି ଆଇନ୍ କାର୍ଯ୍ୟକାରୀ ହେଲେ ଋଣ ଖିଲାପି କରୁଥିବା ଲୋକ ପୁନର୍ବାର ଋଣ ପାଇପାରିବେ । ଏତେ ଟଙ୍କା ଛାଡ ପରେ ମଧ୍ୟ ବ୍ୟାଙ୍କମାନେ ତାଙ୍କର ଲାଭ ହେଉଛି ବୋଲି ରିପୋର୍ଟରେ ଦର୍ଶାଇଛନ୍ତି ଓ ଶେୟାର ବଜାରରେ ସାର୍ବଜନିକ (ସରକାରୀ) ବ୍ୟାଙ୍କ ଗୁଡ଼ିକର ଶେୟାରର ମୂଲ୍ୟ ମଧ୍ୟ ବଢିଛି । କିନ୍ତୁ କେତେକ ଅର୍ଥ ଶାସ୍ତ୍ରୀମାନଙ୍କ ମତ ହେଉଛି ଏନିପିଏ ଛାଡ ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଛି । ଘରୋଇ ବ୍ୟାଙ୍କ ଗୁଡ଼ିକର ପେଡ୍-ଇକ୍ୱିଟି ଅନୁପାତ ୫ ରୁ ୬ରେ ପହଞ୍ଚିବା ବେଳେ ସରକାରୀ ବ୍ୟାଙ୍କ ଗୁଡ଼ିକରେ ଶେୟାର ୧ ରୁ କମରେ ପହଞ୍ଚିଛି। କଥା କେବଳ ବଜାରରେ ସରକାରୀ ବ୍ୟାଙ୍କ ମାନଙ୍କର କମ୍ ମୂଲ୍ୟାଙ୍କନକୁ ନେଇ ନୁହେଁ । ବିଗତ ଦିନରେ ସରକାର କେତେକ ବ୍ୟାଙ୍କର ମିଶ୍ରଣ ନିଷ୍ପତ୍ତି ନେଇଛନ୍ତି। ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ମିଶ୍ରଣ ବ୍ୟାଙ୍କିଙ୍ଗ୍ ବ୍ୟବସାୟକୁ ପ୍ରଭାବିତ କରିଥାଏ ବୋଲି ଅନେକଙ୍କ ମତ। ଅନ୍ୟପକ୍ଷରେ ବ୍ୟାଙ୍କମାନଙ୍କ କାନ୍ଧରୁ ଋଣ ଆଦାୟର ବୋଝକୁ କମାଇ ଦିଆଯାଇଛି । ଏଣୁ ଆଗକୁ ଏନପିଏ ବୋଝ କେତେ ହେବ ସେକଥା ଅନୁମାନ କରିବା କଷ୍ଟକର । ସରକାର ତାଙ୍କ ବଜେଟ୍ ଉପସ୍ଥାପନ ବେଳେ କହିଥିଲେ ଯେ ଚଳିତ ବର୍ଷର ରାଜକୋଷିୟ କ୍ଷତି ୧୬.୬୧ ଲକ୍ଷ କୋଟି । ଅର୍ଥାତ୍ ଗୋଟିଏ ଝଟକାରେ ବ୍ୟାଙ୍କମାନେ ଏହାର ଦୁଇ ତୃତୀୟାଂଶ ପାଖାପାଖି ଋଣକୁ ଛାଡ କରିଦେବାପରେ ବ୍ୟାଙ୍କମାନଙ୍କର ସମୁଦାୟ ଏନ୍‌ପିଏ ସେମାନଙ୍କ ଜମାର ୧୧.୨ ପ୍ରତିଶତରୁ ୫.୯ ପ୍ରତିଶତରେ ପହଞ୍ଚିଛି । କଂଗ୍ରେସ ଶାସନ ବେଳେ ଯେତେବେଳେ ବ୍ୟାଙ୍କମାନଙ୍କର ଏନ୍‌ପିଏ ୪ ପ୍ରତିଶତ ବା ତା'ଠାରୁ କିଛି ଅଧିକ ଥିଲା ସେତେବେଳେ ବର୍ତ୍ତମାନର ଶାସକ ଦଳର ନେତାମାନେ ତୁମ୍ବିତୋଫାନ୍ କରୁଥିଲେ । କିନ୍ତୁ ଏବେ ସେମାନଙ୍କ ମୁହଁରେ ତୁଣ୍ଡି ବନ୍ଧା ହୋଇଛି । ଏନିପି ଛାଡ ପ୍ରସଙ୍ଗରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସରକାର ଋଣ ନେଇଥିବା ଲୋକଙ୍କଠାରୁ କେମିତି ଅସୁଲ ହୋଇପାରିବ ସେ ବାବଦରେ ଶକ୍ତ ଆଇନ୍ ମଧ୍ୟ ପ୍ରଣୟନ କରୁନାହାଁନ୍ତି । ଋଣ ନେଇ ପରିଶୋଧ କରୁନଥିବା ବ୍ୟକ୍ତି ବା ସଂସ୍ଥାଙ୍କୁ ଋଣ ନ ଦେବା ପାଇଁ ମଧ୍ୟ ଆଇନ୍ ନାହିଁ । ଏଣୁ ଅଧିକ ଲୋକ ଋଣ ନେଇ ପରିଶୋଧ କରିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । ଏଭଳି ଲୋକଙ୍କ ସଂଖ୍ୟା ୧୦ ବର୍ଷରେ ୧୦ ଗୁଣା ବଢିଛି। ବ୍ୟାଙ୍କରେ ଲୋକ ନିଜର କଷ୍ଟ ଉପାର୍ଜିତ ଅର୍ଥକୁ ଜମା ରଖିଥାନ୍ତି। ବ୍ୟାଙ୍କମାନେ ଏହି ଅର୍ଥକୁ ଋଣ ଦେଇଥାନ୍ତି ଓ ଋଣ ଆଦାୟ ନ ହେଲେ ଏହା ଏନପିଏ ଖାତାକୁ ଚାଲିଯାଏ । ପରେ ସରକାର ଏହାକୁ ଛାଡ କରିଦିଅନ୍ତି। ଏହାଦ୍ୱାରା ମାତ୍ର କିଛି ବ୍ୟକ୍ତିବିଶେଷ ଲାଭବାନ ହେଉଥିବା ବେଳେ ବ୍ୟାଙ୍କ ଓ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରଭାବିତ ହୋଇଥାଏ । ଘରୋଇ ବ୍ୟାଙ୍କ ଗୁଡ଼ିକରେ ଏନ୍‌ପିଏ କମ୍ ଥିବା ବେଳେ ସରକାରୀ ବ୍ୟାଙ୍କରେ ଏହାର ମାତ୍ରା ଅଧିକ। ସରକାର ଯେଉଁ ଏନ୍‌ପିଏ ଛାଡ କରିଛନ୍ତି ସେ ସବୁ ଅର୍ଥ କାହାର ? ଲୋକଙ୍କ ଜମା ପୁଞ୍ଜି ନୁହେଁ କି ? ଭାରତର ଅଗ୍ରଣୀ ବ୍ୟାଙ୍କ କୁହାଯାଉଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବିଗତ ୫ ବର୍ଷ ମଧ୍ୟରେ ୨୦୪୪୪୮ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛି । ସେହିପରି ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କ ୬୭୨୧୪ କୋଟି ବ୍ୟାଙ୍କ ଅଫ୍ ବରୋଦା ୬୬୭୧୧ କୋଟି ଟଙ୍କା ଏନ୍‌ପିଏ ଛାଡ କରିଛି । ଘରୋଇ ବ୍ୟାଙ୍କ ଆଇସିଆସିଆଇ ବ୍ୟାଙ୍କ ମଧ୍ୟ ୫୦୫୧୪ କୋଟି ଟଙ୍କାର ଏନ୍‌ପିଏ ଛାଡ କରିଛି । ମୋଟାମୋଟି ୧୦୦୯୫୧୦ କୋଟି ଟଙ୍କାର ଏନ୍‌ପିଏ ଛାଡ ହୋଇଛି । ନେତା ବା ଜନତା କେହି କେବେ ପ୍ରଶ୍ନ କରିନାହାଁନ୍ତି ଯେ ଛାଡ କରାଯାଇଥିବା ଏହି ଅର୍ଥ କାହାର ଥିଲା । ପ୍ରଶ୍ନ ତ ଦୂରର କଥା ବ୍ୟାଙ୍କମାନଙ୍କୁ ଏହାର ଉତ୍ତରଦାୟୀରୁ ମଧ୍ୟ ମୁକ୍ତ କରାଯାଉଛି ।

# 'ଧାରୟତି ଇତି ଧର୍ମ'

**କାଳି ଦାସ**

ଧର୍ମକୁ ନେଇ ଆମ ଦେଶରେ ଅନେକ ସମୟ ରେ ଅନେକ ପ୍ରକାର ବାଦ ବିବାଦ ଦେଖିବାକୁ ମିଳୁଛି ଧର୍ମ ଏବଂ ଧର୍ମନିରପେକ୍ଷତା ପରସ୍ପରର ବିପରୀତ ବୋଧକ ଶବ୍ଦ ନୁହନ୍ତି ବରଂ ପରସ୍ପର ପରସ୍ପର ର ପରିପୂରକ । ଧର୍ମ ର ବିପରୀତ ବୋଧକ ଶବ୍ଦ ହେଉଛି 'ଅଧର୍ମ'।

ଭାରତରେ ଧର୍ମ ଏବଂ ଧର୍ମ ବିଶ୍ୱାସ ଅନେକ ଦିନରୁ ଚାଲିଛି। ଏଠି ବସବାସ କରୁଥିବା ଲୋକମାନେ ନିଜ କୁ ହିନ୍ଦୁ ବା ସନାତନ କହିଥାନ୍ତି । ଆମର ଧର୍ମ ଗ୍ରନ୍ଥରେ ହିନ୍ଦୁ ଶବ୍ଦ ଦେଖିବାକୁ ମିଳେନାହି । ଆମର କୌଣସି ଏକ ଧର୍ମ ଗୁରୁ ନାହାନ୍ତି। ଋଷିମାନେ ତପସ୍ୟା କରି ଯେଉଁ ଦିବ୍ୟ ଜ୍ଞାନ ପାଇଥିଲେ ତାକୁ ଏହି ଦେଶରେ ବିତରଣ କରିଥିଲେ। ପରବର୍ତ୍ତୀ କାଳରେ ମହାପ୍ରଭୁ ଜୈନ ଏବଂ ବୁଦ୍ଧ ଆମେ ଧ୍ୟାନରତ ଅବସ୍ଥାରେ ଦେଖିବାକୁ ପାଉ । ବୁଦ୍ଧ ଦେବ ଦିବ୍ୟଜ୍ଞାନ ପାଇଥିଲେ ବୋଲି ମଧ୍ୟ ଉଲ୍ଲେଖ ରହିଛି । ଆମର ଧର୍ମଗ୍ରନ୍ଥ ମଧ୍ୟ ଅନେକ ।

ଭାରତରେ ଆଠଟି ଦର୍ଶନ ମଧ୍ୟ ରହିଛି । ଏଠି ଈଶ୍ୱରଙ୍କ ଉପରେ ବିଶ୍ୱାସ ବା ଆସ୍ତିକ କୁ ଯେତିକି ସମ୍ମାନ ଦିଆଯାଇଛି ଈଶ୍ୱରଙ୍କ ଉପରେ ବିଶ୍ୱାସ ନ କରୁଥିବା ନାସ୍ତିକଙ୍କୁ ସେତିକି ସମ୍ମାନ କରାଯାଇଛି । ସ୍ୱାମୀ ବିବେକାନନ୍ଦ କହିଛନ୍ତି ଯେ ଅନ୍ଧବିଶ୍ୱାସି ଠାରୁ ନାସ୍ତିକ ଭଲ କାରଣ ଜଣେ ନାସ୍ତିକ ର କ୍ରମ ବିକାଶ ହେବା ସମ୍ଭାବନା ରହିଛି ଯାହା ଜଣେ ଅନ୍ଧବିଶ୍ୱାସ ର ନାହି ଏବଂ ନିରଶ୍ୱରବାଦ ରହିଛି। ଏଠାରେ ଅଦ୍ୱୈତବାଦ ଏବଂ ଦଇତ୍ୱବାଦ ଉଭୟ ଦେଖିବାକୁ ମିଳିଛି। ଏଠି ପ୍ରକୃତି ର ଉପାସନା ହୋଇଛି।

ମଣିଷର ମଣିଷ ପଣିଆ କୁ ଗୁରୁତ୍ୱ ଦିଆଯାଇଛି। ଧର୍ମ ର ଅର୍ଥ ଏଇଠି ହେଲା 'ଧାରୟତି ଇତି ଧର୍ମ' ଏହାର ଅର୍ଥ ହେଲା ସେହି ପଦାର୍ଥ ଯାହା ଧାରଣ କରିଥାଏ ତାହା ହେଲା ସେହି ପଦାର୍ଥ ର ଧର୍ମ । ଯେମିତି ସୂର୍ଯ୍ୟଙ୍କ ଧର୍ମ ହେଲା ଆଲୋକ ଏବଂ ଉତ୍ତାପ। ବିନା ଆଲୋକ ଓ ବିନା ଉତ୍ତାପ ରେ ଆମେ ସୂର୍ଯ୍ୟଙ୍କୁ କଳ୍ପନା କରିପାରିବାନାହି । ସେହିପରି ଅଗ୍ନିର ଧର୍ମ ହେଲା ଦହନ। ଯେଉଁଠି ଦହନ ନାହି ସେଇଠି ଅଗ୍ନି ନାହି।

ସେହିପରି ମଣିଷର ଗୋଟିଏ ଧର୍ମ। ମଣିଷ ମରୀଭୂମିରେ ଥାଉ କିମ୍ବା ବରଫ୍ ଦେଶରେ ଥାଉ ସିଏ ସେହି ଧର୍ମ କୁ ପାଳନ କରିବା କଥା ଯାହାକୁ ଦେଖି ଆମେ କହିପାରିବା ଯେ ସିଏ ମଣିଷପରି ମଣିଷଟିଏ। ମଣିଷର ଧର୍ମ ଯିଏ ପାଳନ କରିପାରିଲାନାହି ସିଏ ମଣିଷ ହେଲେ ମଧ୍ୟ ଅମଣିଷ। ଯେଉଁଠି ଧର୍ମ ନାରେ ରକ୍ତପାତ ହେଉଛି ବା ହତ୍ୟା ହେଉଛି ସେଇଠି ଧର୍ମ ନଥାଏ ଥାଏ ଅଧର୍ମ । ଭାରତରେ ବସବାସ କରୁଥିବା ଲୋକମାନେ ଧର୍ମନିରପେକ୍ଷତାକୁ ନିଜ ଆଚରଣରେ ମିଶାଇ ଦେଇଛନ୍ତି। ଯେତେ ବେଳେ ବୁଦ୍ଧ ଧର୍ମର ପ୍ରଚାର ଓ ପ୍ରସାର ହେଲା ସେତେବେଳେ ଏଠାରେ ବସବାସ କରୁଥିବା ଲୋକମାନେ ବୁଦ୍ଧଙ୍କୁ ଭଗବାନଙ୍କ ଏକ ଅବତାର ରୂପେ ସ୍ୱୀକାର କଲେ ଏବଂ ବୁଦ୍ଧଙ୍କ ଉପାସନା କଲେ। ବୁଦ୍ଧ ଧର୍ମର ଯେତେବେଳେ ପ୍ରଚାର ହେଲା ସେତେବେଳେ କୌଣଶି ପ୍ରକାର ଅପ୍ରୀତିକର ଘଟଣା ସମାଜରେ ଘଟି ନଥିଲା । ରାଜ ଠାରୁ ରଙ୍କ ଯାଏ ସମ୍ରାଟ ଠାରୁ ଦାସ ଯାଏ ସମସ୍ତେ ବୁଦ୍ଧଙ୍କ ପଥ ରେ ଚାଲିବାକୁ ଆଗେଇ ଆସିଥିଲେ।

ଧର୍ମନିରପେକ୍ଷତା ବୋଲି ଗୋଟିଏ ଶବ୍ଦ ଆମକୁ ପାଶ୍ଚାତ୍ୟ ଦେଶ ରୁ ମିଳିଛି। ପୂର୍ବ ରୁ ଚର୍ଚ ପାଶ୍ଚାତ୍ୟ ଦେଶ ଗୁଡିକର ରାଜନୀତି, ଅର୍ଥନୀତି, ଶିକ୍ଷା, ସଂସ୍କୃତି ସବୁଥିରେ ହସ୍ତକ୍ଷେପ କରୁଥିଲା। ପରବର୍ତ୍ତିକାଳରେ ଚର୍ଚ୍ଚ ର ହସ୍ତକ୍ଷେପକୁ ରୋକିବାପାଇଁ ସେକୁଲେରିଜମ ବା ଧର୍ମନିରପେକ୍ଷତାକୁ ସ୍ଥାନ ଦିଆଗଲା । ଏହାଦ୍ୱାରା ଅନ୍ୟ ଅନୁଷ୍ଠାନ ଗୁଡିକ ଚର୍ଚ୍ଚର ନିୟମରୁ ମୁକ୍ତ ହେଲେ। ଆମ ଦେଶର ସମ୍ବିଧାନରେ ଧାରା ୨୫ଠାରୁ ୨୮ଭାରତୀୟ ନାଗରିକଙ୍କୁ ଧାର୍ମିକ ସ୍ୱତନ୍ତ୍ରତା ଦେଇଛି। ଭାରତୀୟ ସମ୍ବିଧାନର ଧାରା ୨୫, ଭାରତୀୟ ନାଗରିକଙ୍କୁ ନିଜର ବିଶ୍ୱାସକୁ ନେଇ ଉପାସନା କରିବାପାଇଁ ସ୍ୱାଧୀନତା ଦେଇଛି ଏବଂ ନିଜ ଶ୍ରଦ୍ଧାକୁ ନେଇ ଧର୍ମ ପାଳନ କରିବାର ସ୍ୱାଧୀନତା ଦେଇଛି। ଯଦି ନିଜ ଧର୍ମ ପାଳନ ସମୟରେ କିଏ ଯଦି ଅନ୍ୟର ସ୍ୱାଧୀନତାକୁ କିମ୍ବା ବିଶ୍ୱାସରେ ବାଧା ସୃଷ୍ଟି କରେ ତାହେଲେ ରାଜ୍ୟ ସରକାର ତା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବେ । ଧାରା ୨୬, ରେ ଏହା କୁହାଯାଇଛି ଯେ କୌଣସି ସଂପ୍ରଦାୟ ର ଲୋକ କିମ୍ବା ସଂଘଠନ ର ଲୋକ ସଂଘଠିତ ହୋଇ ନିଜ ଧର୍ମ ପାଳନ କରିପାରିବେ ଏଥିପାଇଁ ସେମାନଙ୍କ ସ୍ୱାଧୀନତା ରହିଛି । ସମ୍ବିଧାନର ଧାରା ୨୭ କୌଣସି ଧାର୍ମିକ ଅନୁଷ୍ଠାନ କରିବା ପାଇଁ ଧର୍ମ ସମ୍ବନ୍ଧିତ କୌଣସି କାର୍ଯ୍ୟ କରିବାପାଇଁ, ଯଦି ଦାନ ଏବଂ ଧନ ସଞ୍ଚୟ କରାଯାଏ ତାହେଲେ ସେହି ଧନ ଉପରେ ସରକାରଙ୍କୁ କର ଦେବାକୁ ପଡିବ ନାହି। ଭାରତୀୟ ସମ୍ବିଧାନ ର ଧାରା ୨୮ ରେ ଏହା ଉଲ୍ଲେଖ ଅଛି ଯେ ରାଜ୍ୟ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଶିକ୍ଷା ଅନୁଷ୍ଠାନରେ କୌଣସି ଧର୍ମର ଶିକ୍ଷା ଦିଆଯିବନାହି। ଆମର ସମ୍ବିଧାନର ଏହି ଧାରା ଗୁଡିକ ଭାରତୀୟ ସଂସ୍କୃତି ର ଧର୍ମନିରପେକ୍ଷ ବିଚାର ଧାରା କୁ ପ୍ରକାଶ କରାଇ ଥାଏ ।

ଆମ ସମ୍ବିଧାନ ରେ "ଧର୍ମନିରପେକ୍ଷ" ବୋଲି ଗୋଟିଏ ଶବ୍ଦ କେବେହେଲେ ନଥିଲା । ସମ୍ବିଧାନର ୪୨ ତମ ସଂଶୋଧନରେ ଧର୍ମନିରପେକ୍ଷ ଶବ୍ଦକୁ ଆମ ର ପ୍ରିୟମ୍ବଲରେ ସ୍ଥାନ ଦିଆଗଲା । ସେହି ସମୟର ବୁଦ୍ଧିଜୀବୀମାନେ ଏହି ସଂଶୋଧନକୁ ବିରୋଧ କରିଥିଲେ। ଭାରତୀୟ ସଂକୃତି ରେ ପୂଜା ଓ ଉପାସନା ଜଣଙ୍କର ବ୍ୟକ୍ତିଗତ ବିଚାର ଏଇଠି କବିସୂର୍ଯ୍ୟ ବଳଦେବ ରଥ ଜଗନ୍ନାଥଙ୍କୁ "ସର୍ପ କହି" ଗାଳି ଦେଇ ପାରନ୍ତି। ସର୍ପ ଜଣାଣ ଲୋକପ୍ରିୟ ହୋଇଛି। ଶ୍ରୀବସ୍ତ ବ୍ରାହ୍ମଣ ବିଷ୍ଣୁଙ୍କ ଛାତି ଉପରେ ପାଦ ରଖେ ଏବଂ ବିଷ୍ଣୁ ଆଦାରରେ ସେହି ପାଦ ଚିହ୍ନ କୁ ନିଜ ବକ୍ଷ ରେ ସ୍ଥାନ ଦିଅନ୍ତି। ଏମିତି ଅନେକ ଘଟଣା ବା ଦୃଷ୍ଟାନ୍ତ ଦେଖିବା କୁ ମିଳିଛି । ଭାରତୀୟ ସଂସ୍କୃତି ରେ ଭକ୍ତ ଓ ଭଗବାନଙ୍କ ସମ୍ବନ୍ଧ ସବୁଠାରୁ ନିଆରା। ଏଇଠି ଦେବତ୍ୱ ଭକ୍ତ ର ଭାବ ରେ ବନ୍ଧା। ଭଗବତ ଗୀତା ରେ ଭଗବାନ କହିଛନ୍ତି ଯୋ ମେ ଭକ୍ତ ସମେପ୍ରିୟ।

## ନିଶା ଖାଇ ଉଡ଼ାଇ ଦେଇଥିଲେ ଟଙ୍କା

# ଏବେ ମନ୍ଦିର ଆଗରେ ଭିକ୍ଷାବୃତ୍ତି



ନିଶା ମଣିଷକୁ ଚୋର, ଖଣ୍ଟରେ ପରିଣତ କରିବା ସହିତ ଧନୀରୁ ଗରିବ କରି ଦେଇଥାଏ। ମଣିଷ ନିଶାଗ୍ରସ୍ତ ହୋଇଗଲେ କୋଟିପତି ବି ଦିନେ ଦାଣ୍ଡର ଭିକାରୀ ପାଲଟିଯାଏ। ଏମିତି ଏକ ଘଟଣା ମଧ୍ୟପ୍ରଦେଶ ଇନ୍ଦୋରରେ ଦେଖିବାକୁ ମିଳିଛି। ଗତ ୨ ବର୍ଷ ହେବ କାଲାକାମାତା ମନ୍ଦିର ସମ୍ମୁଖରେ ଭିକ ମାଗୁଥିବା ରମେଶ ଯାଦବଙ୍କୁ ଦେଖି ସ୍ୱେଚ୍ଛାସେବୀ ସଂସ୍ଥା ସାହାଯ୍ୟ ପାଇଁ ଆଗେଇ ଆସିଥିଲେ। ଏନ୍‌ଜିଓ ପରିଚାଳକ ରୂପାଲି ଜୈନଙ୍କ କହିବାନୁସାରେ, ରମେଶ ଯାଦବଙ୍କ ସହ ତାଙ୍କ ଜୀବନ ବିଷୟରେ ଆଲୋଚନା କରିବା ପରେ ଆଶ୍ଚର୍ଯ୍ୟ ଜନକ ତଥ୍ୟ ସାମ୍ନାକୁ ଆସିଥିଲା। ରମେଶ ଯିଏକି ଦୁଇବର୍ଷ ହେବ ଭିକ ମାଗି ନିଜ ଗୁଜୁରାଣ ମେଣ୍ଟାଇଛନ୍ତି। ସିଏ ଜଣେ କୋଟିପତି। ରମେଶଙ୍କ କଥା ଶୁଣି ଆମେ ତାଙ୍କ ଘରକୁ ଯାଇଥିଲୁ। ତାଙ୍କ ଘର ଭିତର ସୌନ୍ଦର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲୁ। ଇନ୍ଦୋର ସହରରେ ତାଙ୍କ କେବଳ ବଙ୍ଗଳା ନାହିଁ ବିଭିନ୍ନ ଆପାର୍ଟମେଣ୍ଟ୍‌ରେ ଫ୍ଲାଟ୍ ବି ରହିଛି। ହେଲେ ଏଥିରୁ ହେଉଥିବା ଆୟ ନିଶାପାଣି କରି ରମେଶ ଉଡାଇ ଦେଉଥିଲେ। ଏଣୁ ପରିବାର ଲୋକେ ରମେଶଙ୍କୁ ଟଙ୍କା ଦେବା ବନ୍ଦ କରି ଦେଇଥିଲେ। ଭାବିଥିଲେ ଟଙ୍କା ନ ପାଇଲେ ରମେଶ ନିଶା ଖାଇବା ଛାଡି ଦେବ। କିନ୍ତୁ କିଛି ଲାଭ ମିଳି ନଥିଲା। ରମେଶ ନିଶା ଖାଇବା ପାଇଁ ନିଜ ଘର ଛାଡି ଚାଲି ଯାଇଥିଲେ। ଶେଷରେ କାଲକାମନ୍ଦିର ପାଖରେ ବସି ଭିକି ମାଗିବା ଆରମ୍ଭ କରିଥିଲେ। ଏଠାରେ ଭକ୍ତମାନେ ଯାହା ଦିଅନ୍ତି ସେଥିରେ ସେ ଚଳି ଥାଆନ୍ତି। ଗତ ଦୁଇବର୍ଷ ହେବ ସେ ଭିକ୍ଷାବୃତ୍ତି କରୁଛନ୍ତି। ସ୍ୱେଚ୍ଛାସେବୀ ସଂସ୍ଥା ରମେଶଙ୍କୁ ଉଦ୍ଧାର କରି କେନ୍ଦ୍ର ସରକାରଙ୍କ ଦୀନବନ୍ଧୁ ପୁନର୍ବାସ ଯୋଜନାରେ ସାମିଲ କରି ନିଶାଭ୍ୟାସ ଛଡାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଜଣାପଡିଛି।

# ପାରା ଉଡ଼ିଲା ୧୩ ହଜାର କି.ମି.

ପାରା ପରିବ୍ରାଜକ ପକ୍ଷୀ ନୁହେଁ କି ଏହା ପରିବ୍ରାଜନରେ ଏ ଦେଶରୁ ସେ ଦେଶକୁ ଉଡିଯାଏନାହିଁ। ଏହା ନିଜ ବାସସ୍ଥାନ ଅଞ୍ଚଳ ବାହାରକୁ ଯାଏନାହିଁ। ତେବେ ଏକ ଆମେରିକାନ୍ ପାରା କ୍ଷେତ୍ରରେ ବ୍ୟତିକ୍ରମ ଅନେକଙ୍କୁ ବିସ୍ମିତ କରିଛନ୍ତି। ପାରାଟି ଆମେରିକାରୁ ଉଡି ପହଞ୍ଚିଛି ଅଷ୍ଟ୍ରେଲିଆରେ। ଆମେରିକାରୁ ଅଷ୍ଟ୍ରେଲିଆର ଦୂରତ୍ୱ ପ୍ରାୟ ତେର ହଜାର କିଲୋମିଟର ବା ଆଠ ହଜାର ମାଇଲ୍। ମେଲବୋର୍ଣ୍ଣର ବାସିନ୍ଦା କେଭିନ୍ ସେଲି ବାର୍ଡ ପକ୍ଷୀଟିକୁ ନିଜ ଉଦ୍ୟାନରେ ଠାବ କରିଥିଲେ। ପାରାଟି ମଣିଷ ସହ ଚଳିବାରେ ଅଭ୍ୟସ୍ତ ଥିବାରୁ ଆପେ ଧରାଦେଇଥିଲା। ତାହା ପାଦରେ ବନ୍ଧା ହୋଇଥିବା ଟାଗ୍‌ରୁ କେଭିନ୍ ଜାଣିଲେ ଯେ, ଯୁକ୍ତ ରାଷ୍ଟ୍ର ଆମେରିକା ଅନ୍ତର୍ଗତ ଆଲାବାମାର ଜଣେ ବ୍ୟକ୍ତି ତାହାର ମାଲିକ। ଅଷ୍ଟ୍ରେଲିଆର ଆଇନ ଅନୁଯାୟୀ ଅନ୍ୟ ଦେଶର ପଶୁପକ୍ଷୀ ବିନା ଅନୁମତିରେ ଅଷ୍ଟ୍ରେଲିଆ ଆଣିବା ମନା। ତେଣୁ, ବିଦେଶୀ ପାରାର ଉପସ୍ଥିତି ବାବଦରେ କେଭିନ୍ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ। ତାହା ପରଠାରୁ ପକ୍ଷୀଟିକୁ ପଞ୍ଜୁରିରେ ବନ୍ଦୀ କରାଯାଇଛି। ପକ୍ଷୀଟି ଆଜୀବନ ବନ୍ଦୀ ରହିବ କି ଆମେରିକାରେ ଥିବା ତାହାର ମାଲିକଙ୍କ ପାଖକୁ ପଠାଯିବ।





ନିଜର ଦମ୍‌ଦାର ଷ୍ଟାଇଲ୍ ପ୍ରଦର୍ଶନ ଜରିଆରେ ବଲିଉଡ୍‌ରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଇଲିଆନା ଡି କ୍ରୁଜ୍। ଯେଉଁ ଫିଲ୍ମରେ ସେ କାମ କରୁଛନ୍ତି, ସବୁଥିରେ ତାଙ୍କ ଅଭିନୟ ଦକ୍ଷତା ପ୍ରସ୍ଫୁଟିତ ହୋଇଛି। ତଥାପି ଏହାଠୁ ଆହୁରି ଅଧିକ କରିବାର ଦକ୍ଷତା ତାଙ୍କର ରହିଛି ବୋଲି ନିଜେ ଇଲିଆନା କହିଛନ୍ତି।

# ଦକ୍ଷତା ଦେଖାଇବାର ସୁଯୋଗ ମିଳିନି

ଏକ ଗଣମାଧ୍ୟମ ସହ ବାର୍ତାଳପରେ ସେ କହିଛନ୍ତି, ଯେଉଁଭଳି ଭାବେ ତାଙ୍କ ଅଭିନୟ କ୍ୟାରିୟର ଆଗକୁ ଯାଉଛି, ତାକୁ ନେଇ ସେ ସନ୍ତୁଷ୍ଟ ନୁହନ୍ତି। ଅନେକ ଫିଲ୍ମ ସେ ନିଜ ଇଚ୍ଛା ଅନୁସାରେ କରିନାହାନ୍ତି। ତେବେ ଯାହା ହେଉ ନା କାହିଁକି ଏଣିକି ସେ ଆଗକୁ ବଢ଼ିବେ ଏବଂ ଭଲ ପ୍ରଦର୍ଶନ କରିବେ ବୋଲି କହିଛନ୍ତି। କିନ୍ତୁ ଅଭିନୟ ପ୍ରତି ତାଙ୍କ ଭିତରେ ଥିବା ଅସ୍ଥିରତା ଓ କ୍ଷୁଧାକୁ ନେଇ ସେ ବ୍ୟବସାୟ କରିବେ ନାହିଁ ବୋଲି ସ୍ୱଷ୍ଟ କରିଛନ୍ତି। ସାରା ଦେଶରେ ଓ ସୋସିଆଲ ମିଡିଆରେ ଇଲିଆନାଙ୍କର ଅସଂଖ୍ୟ ପ୍ରଶଂସକ ରହିଛନ୍ତି। ସୋସିଆଲ ମିଡିଆ ଜରିଆରେ ସେ ସବୁବେଳେ ଫ୍ୟାନ୍‌ଙ୍କ ସହ ଯୋଡି ହୋଇ ରହିଛନ୍ତି। ବର୍‌ଫି, ମେଁ ତେରା ହିରୋ, ବାଦ୍‌ଶାହୋ, ରେଡ୍, ପାଗଲପନ୍ତି ଭଳି ଅନେକ ହିଟ୍ ଫିଲ୍ମରେସେ କାମ କରିଛନ୍ତି। ଆହୁରି ଅନେକ ବଡ଼ ପ୍ରୋଜେକ୍ଟ ତାଙ୍କ ହାତରେ ଅଛି। ଅଭିଷେକ ବଚ୍ଚନ ଷ୍ଟାରର ବିଗ୍ ବୁଲ୍‌ରେ ସେ ନଜର ଆସିବେ। ଏଥିସହ ଅନ୍‌ଫେୟାର ଆଣ୍ଡ ଲଭ୍‌ଲି ସିନେପ୍ରେମୀ ତାଙ୍କୁ ରଣଦୀପ ହୁଡ୍‌ଡାଙ୍କ ଅପୋଜିଟ୍‌ରେ ଦେଖିବେ।

# ଘରୋଇ ଉପଚାରରେ ତ୍ୱଚାରୁ ହଟାନ୍ତୁ କଳାଦାଗ

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇଁ ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରିମ୍ ବ୍ୟବହାର କରିଥାନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନ ଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇଁ ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ୍। ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନ୍‌ସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ। ପୋଷଣ ଅଭାବରୁ ମଧ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଂଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ୍ କାରଣରୁ ମଧ ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ୍ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ। ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ୍ ସମୟରେ ଏହାର ଚିକିତ୍ସା କରାଇ ନିଅନ୍ତୁ। ଆଲର୍ଜି ବା ଔଷଧ ଯୋଗୁ ମଧ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଯ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥାନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ। ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୌଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ। ନିଦ ନ ହେବା ଯୋଗୁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇ ଚେଷ୍ଟା କରନ୍ତୁ। ମେକ୍‌ଅପ୍ ଅଧିକ ମାତ୍ରାରେ ହାଇଲାଇଟ୍‌ର ବ୍ୟବହାର କରିବା ଯୋଗୁ ମଧ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।



# ନାକରେ ଫସିଲା ଗୁଳି

ଜଣେ ଶିଶୁର ନାକରେ ଖେଳଣା ବନ୍ଧୁକର ଗୁଳି ୮ ବର୍ଷ ଧରି ଫସି ରହିଥିଲା। ତେଣୁ ସେ କୌଣସି ଜିନିଷର ଗନ୍ଧକୁ ବାରି ପାରୁନଥିଲା। ନାକରୁ ଦୁର୍ଗନ୍ଧଯୁକ୍ତ ତରଳ ପଦାର୍ଥ ବାହାରିବା ପରେ ପରିବାର ଲୋକେ ଚିକିତ୍ସା ପାଇଁ ଶିଶୁକୁ ଡାକ୍ତରଙ୍କ ପାଖକୁ ନେଇଥିଲେ। ଡାକ୍ତର ଶିଶୁର ପରୀକ୍ଷା କରିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଡାକ୍ତର ଶିଶୁ ନାକର ଏଣ୍ଡୋସ୍କୋପି ଓ ଟ୍ୟୁବ କ୍ୟାମେରା ଲଗାଇ ଦେଖିବା ପରେ ଅସୁବିଧା ଥିବା ଜାଣିବାକୁ ପାଇଥିଲେ। ଯାଞ୍ଚ ପରେ ଡାକ୍ତର ଶିଶୁକୁ ଗୋଟିଏ ସ୍ପ୍ରେ ଓ ଆଂଟିହିଷ୍ଟାମିନ ଔଷଧ ଦେଇଥିଲେ। ଏହାପରେ ଶିଶୁକୁ ୪ରୁ ୬ ସପ୍ତାହ ମଧ୍ୟରେ ପୁଣିଥରେ ଆସିବାକୁ କହିଥିଲେ। କିନ୍ତୁ ଶିଶୁଟି ଏକ ବର୍ଷ ପର୍ଯ୍ୟନ୍ତ ଚିକିତ୍ସା ପାଇଁ ଆସି ନଥିଲା। ୧୬ ବର୍ଷ ବୟସରେ ସେଭଳି ଯନ୍ତ୍ରଣା ସହିତ ଶିଶୁଟି ବଞ୍ଚୁଥିଲା। ନାକରୁ ବାହାରୁଥିବା ଦୁର୍ଗନ୍ଧଯୁକ୍ତ ପଦାର୍ଥ ପାଇଁ ତାକୁ ଅନେକ ସମୟରେ ଲାଜ ଲାଗିଥାଏ। ଏଥିପାଇଁ ସେ ସବୁବେଳେ ଏକା ରହିବାକୁ ଚାହିଁଥାଏ। ୮ ବର୍ଷ ପରେ ଡାକ୍ତର ସିଟି ସ୍କାନ କରିବା ପରେ ଶିଶୁ ନାକରେ ୯ ଏମ୍‌ଏମ୍‌ର ଗୁଳି ଥିବା ଜାରିବାକୁ ପାଇଥିଲେ। ଏହାପରେ ଶିଶୁ ନାକର ସର୍ଜରୀ କରାଯାଇଥିଲା। ଏହି ସର୍ଜରୀ ପରେ ଶିଶୁର ନାକର ମେଟାଲ ବିବି ପ୍ୟାଲେଟ ବାହାରକୁ ଆସିଥିଲା। ଶିଶୁଟିର ଘର ଲୋକଙ୍କ କହିବାନୁସାରେ ୮-୯ ବର୍ଷର ହୋଇଥିବା ବେଳେ ଏକ ଖେଳଣା ବନ୍ଧୁକରୁ ଗୁଳି ବାହାରି ନାକରେ ପଶି ଯାଇଥିଲା। କିନ୍ତୁ ସେ ସମୟରେ ନାକ ଭିତରେ ଗୁଳି ପଶିଥିବାର କୌଣସି ଲକ୍ଷଣ ଦେଖିବାକୁ ମିଳିନଥିଲା। ସେଥିପାଇଁ ଡାକ୍ତରଙ୍କ କୌଣସି ପରାମର୍ଶ ନେଇ ନଥିବା ଲୋକ କହିଛନ୍ତି। ଦ ୟୁନିଭର୍ସିଟି ଅଫ୍ ଟେକ୍ସାସ୍‌ର ଡାକ୍ତରୀ ଛାତ୍ର ଡାଏଲନ ଜେଡଙ୍କ କହିବାନୁସାରେ ଏହି ଶିଶୁଟିର ଘଟଣାରେ ଗୁଳି ଚିହ୍ନଟ କରିବା ବହୁତ କଷ୍ଟ ଥିଲା। କାରଣ ସମୟ ସହିତ ଟିସୁ ସମ୍ପୂର୍ଣ୍ଣ ଭାବେ ପ୍ୟାଲେଟକୁ ଘେରି ଦେଇଥିଲା। ଡାକ୍ତର ଗୁଳିକୁ ବାହାର କରିବା ପ୍ରଥମେ ଟିସୁର ଅସ୍ତ୍ରୋପଚର କରିଥିଲେ। ତେବେ ଯାଇ ଗୁଳି ଥିବା ସମ୍ପର୍କରେ ସଠିକ୍ ସୂଚନା ମିଳିପାରିଥିଲା। ଅସ୍ତ୍ରୋପଚାର ପରେ ଶିଶୁଟିର ନାକର ଅବସ୍ଥା ସ୍ୱାଭାବିକ ହୋଇଯାଇଛି। ନାକରୁ ଦୁର୍ଗନ୍ଧ ବି ବାହାରିବା ବନ୍ଦ ହୋଇଛି।

# ବିନା ଲକ୍ଷଣରେ ୪୫%ଙ୍କ ହୃଦ୍‌ଘାତ

ଆଜିକାଲି ଅଧିକାଂଶ ଲୋକ ହୃଦ୍‌ଘାତର ଶିକାର ହେଉଛନ୍ତି। ଅସୁସ୍ଥକର ପରିବେଶ, ଅତ୍ୟଧିକ ଚିନ୍ତା ଏହାର ମୁଖ୍ୟ କାରଣ ପାଲଟିଛି। ନିକଟରେ ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ, ୪୫ ପ୍ରତିଶତ ହୃଦ୍‌ଘାତ ବିନା କୌଣସି ଲକ୍ଷଣରେ ହେଉଛି। ପ୍ରାୟ ୨୫ ପ୍ରତିଶତ ହୃଦ୍‌ଘାତ ୪୦ ବର୍ଷ ବୟସ ମଧ୍ୟରେ ଘଟୁଛି। ଏମିତି ନୁହେଁ ଯେ, ହୃଦ୍‌ଘାତ ହେବା ପୂର୍ବରୁ କୌଣସି ଲକ୍ଷଣ ଦିଶେ ନାହିଁ, ବରଂ ଆମେ ଅଧିକାଂଶ ସମୟରେ ଜାଣିପାରନ୍ତି ନାହିଁ। ହଠାତ୍ ଆପଣଙ୍କୁ ଯଦି ଅସହଜ ମନେ ହେଉଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଏହା ବି ସାଇଲେଣ୍ଟ ହାର୍ଟାଟାକ୍‌ର ଏକ ଲକ୍ଷଣ ହୋଇଥାଏ। ସେହିପରି ବିନା କାରଣରେ ମୁଣ୍ଡ ବୁଲାଇବା ବି ଏହାର ଏକ ଲକ୍ଷଣ। ଯଦି ଖାଇନାହାନ୍ତି କିମ୍ବା ଖରାରେ ଯାଉଛନ୍ତି ତେବେ ଏହା ଭିନ୍ନ କଥା କିନ୍ତୁ ଅଯଥାରେ ମୁଣ୍ଡ ବୁଲାଇବା ଅର୍ଥ ହୃଦ୍‌ଘାତ ହୋଇପାରେ। ନିଶ୍ୱାସ ନେବାରେ ବି ଅସୁବିଧା ଅନୁଭୂତ ହୋଇଥାଏ ହୃଦ୍‌ଘାତ ପୂର୍ବରୁ। ଛୋଟ ଛୋଟ ନିଶ୍ୱାସ ନେବା ଏହାର ଏକ ଲକ୍ଷଣ। ନିଦ୍ରାହୀନତା ଅନେକ ରୋଗର ଲକ୍ଷଣ ହୋଇଥିବାବେଳେ ହୃଦ୍‌ଘାତର ପ୍ରମୁଖ କାରଣ ହୋଇଥାଏ।

# ମୋବାଇଲ, କମ୍ପ୍ୟୁଟର ପ୍ରଭାବରେ ଲୋକଙ୍କ ହାଡ଼ ଦୁର୍ବଳ ସହ ଉଚ୍ଚତା କମୁଛି

ଲୋକଙ୍କ ଦ୍ୱାରା ମୋବାଇଲ୍ କିମ୍ବା କୌଣସି ଉପକରଣକୁ ଦେଖିବା ପାଇଁ ମୁଣ୍ଡ ନୁଆଇଁ ତଳକୁ ଦେଖିବାକୁ ପଡେ। କିନ୍ତୁ ଅଧିକାଂଶ ସମୟ ଏଭଳି କଲେ ଆପଣଙ୍କ ଉଚ୍ଚତା ଯେ ବିପଦରେ ଆସିଯାଏ ଏହା ଆପଣ ଜାଣିନଥିବେ। ଆଜିର ସମୟରେ ଫୋନ୍ ଏବଂ ଟାବ୍‌ଲେଟ୍‌ର ବ୍ୟବହାର ବଢ଼ିବା ସହ ଲାପଟପ୍ ଓ ଡେସ୍କଟପ୍ କମ୍ପ୍ୟୁଟରର ବ୍ୟବହାର ମଧ୍ୟ ଅଧିକ ବଢୁଛି। ତେବେ ଏହି ଉପକରଣକୁ ବ୍ୟବହାର କରିବାକୁ ହେଲେ ବେକକୁ ତଳକୁ କରି କାମ କରିବାକୁ ହୋଇଥାଏ। କିନ୍ତୁ ବର୍ତମାନ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଗବେଷଣାରୁ ଜଣାପଡିଛି ଯେ, ଏହି ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟବହାର କରିବା ଦ୍ୱାରା ବେକ ଉପରେ ଏହାର ପ୍ରେସର ପଡୁଛି। ଯେଉଁଥିପାଇଁ ତାଙ୍କ ଉଚ୍ଚତାରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ଗବେଷଣାରୁ ଜଣାପଡିଛି ଯେ, ମହିଳା ଏବଂ ଛୋଟ ପିଲାମାନେ ଲମ୍ବା ଲୋକଙ୍କଠାରୁ ଅଧିକ ନିଜ ମୁଣ୍ଡକୁ ବିଭିନ୍ନ ଠାଣିରେ ବୁଲାଇଥାନ୍ତି। ତେଣୁ ସେମାନେ ଅଧିକ ସମୟ ବେକ ଯନ୍ତ୍ରଣାରେ କଷ୍ଟ ପାଇଥାନ୍ତି।



# ସୂଚନା ତଥ୍ୟରୁ ଫିଟିଲା ଗୁମର

## ଚାଷୀଙ୍କ ନାମରେ ଯୋଜନା - ମାରିପିଟି ଖାଇଗଲେ ଏନ୍‌ଜିଓ ସଂସ୍ଥା

ନିଶ୍ଚିନ୍ତକୋଇଲି ୨/୫(ନି.ପ୍ର): ସୂଚନା ତଥ୍ୟରୁ ଫିଟିଲା ଗୁମର ମାହାଙ୍ଗା ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ବିଭିନ୍ନ ଗୁମର ପଦାରେ ପଡିଛି । କୃଷି ଜିଲ୍ଲାକାର୍ଯ୍ୟାଳୟ ସାଲେପୁର ଚିଠି ନଂ ୨୨୦, ତା.୨୨.୦୩.୨୦୨୫ ରିଖ ଅନୁଯାୟୀ ତା,୦୮.୦୪.୨୦୨୫ ରିଖରେ ପ୍ରଦାନ ସୂଚନା ତଥ୍ୟରେ ରବି ଫସଲ ପାଇଁ ମାହାଙ୍ଗା ବ୍ଲକରେ ୨୦୨୪-୨୫ ଆର୍ଥିକ ବର୍ଷରେ ସିଆରଏଫ୍‌ଏମ୍ ଯୋଜନାରେ ଇକ୍ରିସାଟ୍ ଏନ୍‌ଜିଓ ସଂସ୍ଥାକୁ ମାହାଙ୍ଗା ବ୍ଲକର ୭ ଟି ପଂଚାୟତ ଯଥା ଲଳିତଗିରି, ପାଇକରାପୁର, ଗୋପାଳପୁର, ଗୋତରା, ଚାହାପଡା, ଶ୍ରୀକୃଷ୍ଣପୁର ଓ କଇଥା ଏପରିକି ବ୍ଲକ ଗ୍ରାମ ଯୋଜନାରେ ପୋଡାମରାଇ ଓ ବରାହୀପୁର ପଂଚାୟତରେ ୧୧୦୦ ହେକ୍ଟର ଚାଷ ଜମିରେ ମୁଗଚାଷ କରିବା ପାଇଁ ୩୧୫୦ ଜଣ ଚାଷୀଙ୍କୁ ମୁଗ ଚାଷ କରିବା ପାଇଁ ୨୮୦ କୁଇଣ୍ଟାଲ ବିହନ ଯୋଗାଇ ଦିଆଯାଇଥିବା ସୂଚନା ତଥ୍ୟରୁ ଜଣାପଡିଥିଲା । ଏଠାରେ ସୂଚନାଯୋଗ୍ୟ ଯେ ମୁଗ ବିହନ ମୋଟ ୧୬୦ କୁଇ□ାଲ, ଡିଏପି ୮୦୦ ଲିଟର, ବୋରକ୍ସ ୭୨୦୦ କେଜି. ଟ୍ରାଇକୋଡରମା ୧୬୦ କେ.ଜି. ,ପେଣ୍ଡି ମିଥାଲିନ୍ ୮୦୦ ଲିଟର, ପିଏସ୍‌ବି ଲିକ୍ୟୁଡ୍ ୨୦୦୦ ଲିଟର, ରାଇଜୋବିୟମ୍ ୧୬୦ ଲିଟର, କାର୍‌ବେଡେଜାମ୍ ,ମାକ୍ରେଜାମ୍ ୪୦୦ କେଜି, ଇମିଡାକ୍ଲୋପ୍ରାଇଡ୍ ୮୦ ଲିଟର ସରକାରଙ୍କ ପକ୍ଷରୁ ଏନ୍‌ଜିଓ ସଂସ୍ଥା ମାଧ୍ୟମରେ ଚାଷୀମାନଙ୍କ ପାଇଁ ଆସିଥିଲା । ଏଠାରେ ସୂଚନାଯୋଗ୍ୟ ଯେ ୭ଟି ପଂଚାୟତରେ ୨୨୦ କୁଇଣ୍ଟାଲ ବ୍ଲକ ଗ୍ରାମ ପାଇଁ ୨ଟି ପଂଚାୟତକୁ ୬୦ କୁଇ□ାଲ ମୁଗ ପ୍ରଦାନ କରାଯାଇଛି । ତେବେ ୧୬୦ କୁଇଣ୍ଟାଲ ବିହନ ସିଆରଏଫ୍‌ଏମ୍ ଯୋଜନାରେ ୨୮୦ କୁଇ□ାଲ ବିହନ ବ□ା ହେଲା କିପରି । ଅଧିକ ବିହନ ଆସିଲା କେଉଁଠୁ




। ସେହିପରି ଚାଷୀମାନଙ୍କୁ ପ୍ରକୃତରେ ସରକାରଙ୍କ ଦ୍ୱାରା ପ୍ରଦ□ ସାର, ଔଷଧ ବଣ୍ଟନ କରାଯାଇଛି ତ ? ପୂର୍ବରୁ ଏ ସଂପର୍କରେ ଗଣ ମାଧ୍ୟମରେ ଯେଉଁ ତଥ୍ୟ ପ୍ରକାଶ ପାଇଥିଲା ସୂଚନା ତଥ୍ୟ ମିଳିବା ପରେ ତାହା ବଦଳିଗଲା କିପରି ? ଚାଷୀଙ୍କର ନାଁରେ ଆସୁଥିବା ମୁଗ ବିହନ, ସାର ଓ ଔଷଧକୁ ଖାଇଲା କିଏ ? ଅପରପକ୍ଷରେ ତାଲିକାରେ ପ୍ରଦାନ କରାଯାଇଥିବା ସାର ଓ ଔଷଧର ପରିମାଣ ବ୍ଲକ ଗ୍ରାମରେ ପ୍ରଦାନ ଔଷଧ ଓ ବିହନକୁ ମିଶାଇଲେ ତାହା ମୂଳ ସୂଚନା ତଥ୍ୟରୁ ଅଧିକ ହେଉଛି । ପ୍ରକୃତରେ କୃଷକମାନଙ୍କୁ କେତେ ମୁଗ ବିହନ, ସାର ଓ ଔଷଧ ବ□ନ କରାଯାଇଛି ତାହା ତଦନ୍ତ ଯୋଗ୍ୟ । ମୁଗ ଅମଳ ସମୟରେ ଚାଷୀମାନଙ୍କ କ୍ଷେତରେ କ୍ରପ୍ କଟିଂ କରାଯାଇଛି କି ନାହିଁ, ଯଦି କରାଯାଇଛି ତାହାର ଜିପିଏସ୍ ଫଟୋ ଉଠାଯାଇଛି କି ନାହିଁ । ଅମଳ ସମୟରେ ଚାଷୀଙ୍କ ସହିତ କର୍ମଚାରୀମାନେ କ୍ରପ୍ କଟିଂ କରୁଥିବାର ଜିପିଏସ୍ ଫଟୋ ଏପରିକି ମୁଗ ଓ ସାର ବଣ୍ଟନ ସମୟରେ ଚାଷୀମାନଙ୍କ ସହିତ କର୍ମଚାରୀମାନଙ୍କର ଜିପିଏସ୍ ଫଟୋ ଉଠାଯାଇଛି କି ନାହିଁ । ବିହନ ବୁଣା ସମୟରେ ବିହନର ବିଶୋଧନ ଏବଂ ମୁଗ ଗଛ ହେବା ପରେ ଜୈବିକ ସାରର ସିଞ୍ଚନ କିଭଳି କରାଯାଏ ତାହା ଚାଷୀମାନଙ୍କୁ ପଚାରିଲେ ଏହାର ସତ୍ୟାସତ୍ୟ ଲୋକ ଲୋଚନକୁ ଆସିପାରିବ । ମାହାଙ୍ଗା ବ୍ଲକରେ ଚାଷୀମାନଙ୍କ ନାମରେ ଆସୁଥିବା ଯୋଜନା କିଭଳି ଭାବରେ ଏନ୍‌ଜିଓ ସଂସ୍ଥା, ବ୍ଲକ କୃଷି କାର୍ଯ୍ୟାଳୟ ଓ ସ୍ଥାନୀୟ ରାଜନୈତିକ ଦଳର କର୍ମୀମାନଙ୍କ ସଲାସୁତୁରାରେ ହରିଲୁଟ୍ କରାଯାଇଛି ସେ ସଂପର୍କରେ ରାଜ୍ୟ କୃଷି ବିଭାଗ ନିରପେକ୍ଷ ତଦନ୍ତ କରିବା ସହ ସଂପୃକ୍ତ ସଂସ୍ଥା ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି ହେଉଛି ।

## ନିଃସନ୍ତାନ ମହିଳାଙ୍କ ଦ୍ୱାରା ପଡ଼ିଲା ଗୋ ତୀର୍ଥରେ ବୁଡ଼

ନିମାପଡ଼ା , ୨/୫(ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ତୁଳସୀ ପୁର ପଞ୍ଚାୟତ ର ଗୋ ତୀର୍ଥ ଠାରେ ଶତାଧିକ ନି ସନ୍ତାନ ବୁଡ଼ ପକାଇଲେ ।ପୁଣ୍ୟ ତୋୟା ପ୍ରାଚୀ ନଦୀର ତ୍ରିବେଣୀ ସଙ୍ଗମ ର ଗୋ ତୀର୍ଥ ଠାରେ ପାରମ୍ପରିକ ପ୍ରଥା ନୁ ସାରେ ନି ସନ୍ତାନ ମହିଳା ମାନେ ସନ୍ତାନ ପ୍ରାପ୍ତି ଆଶାରେ ପ୍ରାତଃ ରେ ବୁଡ଼ ପକାଇ ନବ ବସ୍ତ୍ର ପିନ୍ଧି ସେଠାରେ ସ୍ୱ ସ୍ୱ ବିମାନରେ ବସିଥିବା ପ୍ରଭୁ ଅମରେଶ୍ୱର୍ ,ଓ ବନ୍ଦେ ଶ୍ୱର୍ ଠାକୁରଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ ।ସେହିପରି ଶ୍ରଦ୍ଧାଳୁ ଭକ୍ତ ମାନେ ନିଜ ନିଜ ପିତୃ ପୁରୁଷ ଙ୍କୁ ଶ୍ରାଦ୍ଧ ଦେଇ ,ମୁଣ୍ଡ ଲଣ୍ଡନ କରି ହୋମ କରି ପିତୃ ପୁରୁଷ ଙ୍କ ଅସ୍ଥି ବିସର୍ଜନ କରିଥିଲେ ।ଏଥିପାଇଁ ପ୍ରାଚୀ କୂଳ ର ଗୋ ତୀର୍ଥ ଓ ଅମରେଶ୍ୱର୍ ଶମ୍ଭୁ ମନ୍ଦିର ଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା ।ଅକ୍ଷୟ ତୃତୀୟା ତିଥିରେ ଗୋ ତୀର୍ଥ ଠାରେ ପିତୃ ପୁରୁଷଙ୍କ ଅସ୍ଥି ବିସର୍ଜନ କଲେ ସେମାନଙ୍କର ମୋକ୍ଷ ହୋଇଥାଏ ବୋଲି ପ୍ରାଚୀ ମହାତ୍ମ୍ୟ ରେ ବର୍ଣ୍ଣନା ହୋଇଛି । ଏହି ଦିନ ଗଙ୍ଗା ମାତା ଗୋ ତୀର୍ଥ କୁ ଆସି ବୁଡ଼ ପକାଇଥାନ୍ତି ବୋଲି ବିଶ୍ୱାସ ରହିଛି ।

## ଦେଓକୁଣ୍ଡି ଆଶ୍ରମ ବିଦ୍ୟାଳୟ ରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ମୟୂରଭଞ୍ଜ ୨/୫(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଦେଉକୁଣ୍ଡି ଆଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅନ୍ତ ଚରଣ ହେମ୍ବ୍ରମଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା କରାଯିବା ସହ ମାନପତ୍ର ପ୍ରଦାନ କରାଯାଇଛି । ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ୍ ଦାସଙ୍କ ଅଧ୍ୟକ୍ଷତାରେ ଏହି ଅବସରରେ ଏକ ସଭା ଆୟୋଜନ କରାଯାଇ ତାଙ୍କର ଅବସରକାଳୀନ ସମୟ ସୁଖମୟ ହେଉବୋଲି ଶ୍ରୀଦାସ ବକ୍ତବ୍ୟ ଦେବା ସହ ତାଙ୍କର ଶିକ୍ଷକତା ଜୀବନର ଅନୁଭୂତି ଓ ସଫଳତା ବିଷୟରେ ମତବ୍ୟକ୍ତ କରିଥିଲେ ।ବିଦ୍ୟାଳୟର ପ୍ର.ଶି ଅନ୍ତ ଚରଣ ହେମ୍ବ୍ରମ ନିଜର ଶିକ୍ଷକତା ଜୀବନର ଅନୁଭୂତି କହିବା ସହିତ ବିଦ୍ୟାଳୟର ବିକାଶରେ ତାଙ୍କର ଅବଦାନ ସହଯୋଗ କରିଥିବାରୁ ସେ ସମସ୍ତ ଶିକ୍ଷକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।ଏହି ଅବସରରେ ସମସ୍ତ ଏସ୍‌ଏସ୍ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତି ଥିଲେ ।

## ଦୁର୍ଘଟଣାରେ ଆଖି ବୁଜିଲେ ସଞ୍ଜୟ

ପାଟଣା ୨/୫(ନି.ପ୍ର): ଘଟଗାଁ ବ୍ଲକ ଅଞ୍ଚଳ ଢେଙ୍କିକୋଟ ବାସିନ୍ଦା ସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ପରିଦର୍ଶକ ଚର୍ତୁଭୂଜ ଦାସଙ୍କ ଚତୁର୍ଥ ପୁତ୍ର ତଥା ସେବା ଫାଉଣ୍ଡେସନ ପରିଚାଳିତ ଶ୍ରୀଗୁରୁକୁଳ ଶିକ୍ଷାନୁଷ୍ଠାନ ସମ୍ପାଦର ଜନପ୍ରିୟ କର୍ମଚାରୀ ସଞ୍ଜୟ କୁମାର ଦାସ (୪୬) ଙ୍କର ଆଜି ସଡ଼କ ଦୁର୍ଘଟଣାରେ ଅକାଳ ବିୟୋଗ ଘଟିଛି । ସେ ଘଟଗାଁ ବାଇକ ଯୋଗେ ଯାଉଥିବା ସମୟରେ ବାଟହରିଚନ୍ଦନପୁର ପୂର୍ବରୁ ତାଙ୍କ ବାଇକ ଆଗକୁ ଏକ ବଳଦ ଚାଲି ଆସିବାରୁ ସେ ଭାରସାମ୍ୟ ହରାଇ ତଳେ ପଡ଼ି ଯାଇଥିଲେ ଓ ମୁଣ୍ଡରେ ଆଘାତ ଲାଗିଥିଲା । ପ୍ରଥମେ ତାଙ୍କୁ ଘଟଗାଁ ଓ ପରେ କଟକ ବଡ ଡାକ୍ତରଖାନା ନିଆଯାଇଥିବାବେଳେ ଚିକିତ୍ସା ସମୟରେ ତାଙ୍କର ପରଲୋକ ଘଟିଛି ।

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଝରିଗାଁ ବିଧାୟକ ନରସିଂହ ଭତ୍ରା ଙ୍କ ଦ୍ୱାରା ଅଖୀ ମୁଠି ଅନୁକୂଳ



ଝରିଗାଁ ୨/୫(ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଝରିଗାଁ ବିଧାୟକ ନରସିଂହ ଭତ୍ରା ଅଖିମୁଠି ଅନୁକୂଳ କରିଛନ୍ତି । ଝରିଗାଁ-ଉମରକୋଟ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ବାଞ୍ଜିଆମ୍ବା ଗ୍ରାମ ନିକଟରେ ଅନୁଷ୍ଠିତ ଅକ୍ଷୟ ମୁଠି ବା ବିହନ ବୁଣା କାର୍ଯ୍ୟକ୍ରମର ବିଧାୟକ ଆଖିମୁଠି ଅନୁକୂଳ କରିଛନ୍ତି ।ବିଧାୟକ ଜମିରେ ବିହନ ବୁଣିବା ସହ ହଳଲଙ୍ଗଳ ଧରି ହଳ ମଧ୍ୟ କରିଛନ୍ତି । ଅଖିମୁଠି ଅନୁକୂଳ କରି କୃଷି ଓ କୃଷକର ଉନ୍ନତୀ କାମନା କରିଛନ୍ତି । ଚାଷୀଙ୍କ ସହିତ ବିଲରେ ବିଧାୟକ ପୂଜାର୍ଚ୍ଚନା କରି ଅଖିମୁଠି ଅନୁକୂଳ କରିବା ସହ ନିଜେ ହଳ କରି ବିହନ ବୁଣିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀ,କୃଷକ ମୋର୍ଚ୍ଚା ରାଜ୍ୟ ପ୍ରଭାରୀ, ଯୋଗଦୀଶ କଲର, ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ଆତ୍ମା ଚେୟାରମ୍ୟାନ ଚିତ୍ର ପ୍ରସାଦ ତିୱାରୀ,ବରିଷ୍ଠ ସମାଜସେବୀ ପଦ୍ମନାଭ ପାଣ୍ଡେ,ବରିଷ୍ଠ ଚାଷୀ ଅଶୋକ ମୂର୍ତ୍ତୀ, ସୁମିତ୍ରା ମାଝୀ,ପ୍ରେମାନନ୍ଦ ପାଣ୍ଡେ, ତମ୍ବୁଦାସ ପନକା, ପଦ୍ମନ ସାନ୍ତା, ସୁବାସ ଗଣ୍ଡ, ମୋହନ ପ୍ରଧାନୀ.ଭିକାରି ନାୟକ, ରବୀନ୍ଦ୍ର ନାୟକଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ ।ଆଗାମୀ ଦିନ ମାନଙ୍କରେ ଚାଷୀ ଭାଇ ମାନଙ୍କର ଜମିରେ ଭଲ ଫସଲ ଅମଳ ହେବା ସହିତ କୃଷି ପ୍ରଧାନ ରାଜ୍ୟ ଆମ ଓଡ଼ିଶା କୃଷିକ୍ଷେତ୍ରରେ ସମଗ୍ର ଦେଶର ଏକ ନମ୍ବର ରାଜ୍ୟରେ ପରିଣତ ହେଉ ବୋଲି କହିବା ସହ ପ୍ରଭୁଙ୍କ ପାଖରେ କାମନା କରିଥିଲେ ।

# ସାନ୍ତରାପୁର ପଞ୍ଚାୟତ ରେ ସମ୍ପର୍କ ଶିବିର



ପାଟଣା ୨/୫(ନି.ପ୍ର): ଘଟଗାଁ ବ୍ଲକ ସୌଜନ୍ୟରୁ ସାନ୍ତରାପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଖବର ଅନୁଯାୟୀ ଏଥିରେ ପ୍ରାୟ ୮୫ ଜଣ ବ୍ୟକ୍ତିଙ୍କର ଅଭିଯୋଗ ଶୁଣାଣି ହେବା ସହ ତନ୍ମଧ୍ୟରୁ ୬୫ ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇପାରିଛି । ଏଠାରେ ସୂଚନାଯୋଗ୍ୟ ଯେ ବ୍ଲକ ପ୍ରଶାସନକୁ ଲୋକଙ୍କ ପାଖକୁ ନେଇ ସଭିଙ୍କ ସହଭାଗିତାରେ ଏକ ସ୍ୱଚ୍ଛ, ସକ୍ରିୟ ଓ ଉତ୍ତରଦାୟୀ ପ୍ରଶାସନର କାର୍ଯ୍ୟକାରିତା ପାଇଁ ବ୍ଲକ ତରଫରୁ ଏଭଳି ନିଆରା ପ୍ରୟାସ କରାଯାଉଛି ବୋଲି ବିଡ଼ିଓ ଖଗେଶ୍ୱର ବରାଳ ପ୍ରକାଶ କରିଥିଲେ । ବ୍ଲକ ଏବଂ ପଞ୍ଚାୟତର ବିଭିନ୍ନ ଅଧିକାରୀ ଏହି ଶିବିରରେ ସକ୍ରିୟ ଅଂଶଗ୍ରହଣ କରି ଲୋକଙ୍କ ସୁଖ ଦୁଃଖ ବୁଝିବା ସହିତ ବିଭିନ୍ନ ଯୋଜନାରୁ ସେମାନେ ପାଉଥିବା ସୁଫଳ ବିଷୟରେ ମଧ୍ୟ ପ୍ରଶାସନ ପଚାରି ବୁଝିବା ଜନସାଧାରଣଙ୍କୁ ଆନନ୍ଦିତ କରିଛି । ସାନ୍ତରାପୁର ଚଟୁରୀ ସାହିରେ ନଳକୂପ ଖରାପ ଥିବାରୁ ଲୋକେ ଏକ ପୁରାତନ କୂଅର ପାଣିକୁ ବ୍ୟବହାର କରୁଥିବା ଜାଣିବା ପରେ ତୁରନ୍ତ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ଯନ୍ତ୍ରୀଙ୍କୁ ବିଡ଼ିଓ ଶ୍ରୀ ବରାଳ ନଳକୂପର ତ୍ୱରିତ ମରାମତି ପାଇଁ ନିର୍ଦ୍ଦେଶ ଦେବା ସହ କୂଅଟିକୁ ବିଶୋଧନ ପାଇଁ ବ୍ୟବସ୍ଥା କରିଥିବା ଜଣାଯାଇଛି ।ସେହିପରି ରଘୁବେଡାରେ ସବୁଦିନିଆ ରାସ୍ତାର ଅଭାବ ଉପରେ ଏକାଧିକ ମହିଳାଙ୍କ ଅଭିଯୋଗର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ମନରେଗା ଯୋଜନାରୁ ଏହାର କାର୍ଯ୍ୟ ଆରମ୍ଭ ପାଇଁ ବିହିତ ପଦକ୍ଷେପ ନେବାକୁ ଏଡ଼ିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ପରେ ସାନ୍ତରାପୁର ଗ୍ରାମପଞ୍ଚାୟତର ଆଦିମ ଜନଜାତି ଜୁଆଙ୍ଗ ଅଧ୍ୟୁଷିତ ଗ୍ରାମ କୁଲାଡେରାକୁ ବିଡ଼ିଓ ଓ ବ୍ଲକ ଟିମ ତୋଫାନି ଗସ୍ତ କରି ଲୋକଙ୍କ ସୁଖ ଦୁଃଖ ବୁଝିବା ସହ ଉନ୍ନୟନ ମୂଳକ କାର୍ଯ୍ୟର ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିଥିଲେ । କୁଲାଡେରାରେ କାଳବୈଶାଖୀରେ କ୍ଷତିଗ୍ରସ୍ତ ଓଭରହେଡ ଟାଙ୍କି ଓ ନଳକୂପର ତ୍ୱରିତ ମରାମତି ପାଇଁ ଗୋଟିଏ ଦିନ ଭିତରେ ଆଶୁ ପଦକ୍ଷେପ ନେବାକୁ ସେ ଲୋକମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଏହା ସହ ସେଠାରେ ଥିବା ଜଳାଶୟର ପୁନଃରୁଦ୍ଧାର, ଗୋଷ୍ଠୀ କେନ୍ଦ୍ରର କାର୍ଯ୍ୟ ସମାପ୍ତି ଓ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ସୁବଣ୍ଟନ ଆଦି ଉପରେ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ଜନସାଧାରଣଙ୍କୁ ଆଶ୍ୱସ୍ତ କରିଥିବା ଜଣାଯାଏ । ଏହା ପୂର୍ବରୁ ବ୍ଲକର ବଡ଼ଜାମୁପସି, ଢେଙ୍କିକୋଟ ଓ ପୁରୁମୁଣ୍ଡା ପଞ୍ଚାୟତରେ ଏଭଳି ସମ୍ପର୍କ ଶିବିର ସଫଳତାର ସହ ଆୟୋଜନ କରାଯାଇଛି ବୋଲି ସୂଚନା ମିଳିଛି । ଆଜିର ଏହି ସମ୍ପର୍କ ଶିବିରରେ ବିଡ଼ିଓ ଖଗେଶ୍ୱର ବରାଳ, ଏବିଡ଼ିଓ ଚିତ୍ତରଞ୍ଜନ ନାୟକ, ବବିତା ସିଂ, ନିର୍ବାହୀ ଅଧିକାରୀ ରୀନାରାଣୀ ଜେନା, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିପିନ ଚନ୍ଦ୍ର ଖଣ୍ଡା, ଏଡିଇଓ ନିରଞ୍ଜନ ବାରିକ ଓ ବ୍ଲକ ଗ୍ରାମୀଣ ଆବାସ ସହାୟକ ଦୟାସାଗର ମହାନ୍ତ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ, ଦାବି ଓ ପ୍ରସ୍ତାବର ଶୁଣାଣିରେ ଆନୁଷଙ୍ଗିକ ସହଯୋଗ ପ୍ରଦାନ କରିଥିଲେ ।

## ଅକ୍ଷୟତୃତୀୟା ରେ ଚାଷ କାର୍ଯ୍ୟ ଅନୁକୂଳ

ଆଠମଲ୍ଲିକ ୨/୫(ନି.ପ୍ର): ଆଠମଲ୍ଲିକ ଉପଖଣ୍ଡ କିଶୋର ନଗର ବ୍ଲକ ଅନ୍ତରଗତ ଲୁହାମୁଣ୍ଡା ଗ୍ରାମରେ ବ୍ଲକ ସ୍ତରୀୟ ଚାଷ ଅନୁକୂଳ 'ଅଖି ମୁଠି'କାର୍ଯ୍ୟ ଆରମ୍ଭ ହୋଇଯାଇଛି ।ଏହା ଏକ ପାରମ୍ପରିକ କୃଷିଭିତିକ ପର୍ବ ହୋଇଥିବାରୁ ବୈଦିକ ରୀତି ଅନୁଯାଇ କୃଷକ ମନେ ଚାଷ କାର୍ଯ୍ୟ ଅନୁକୂଳ କରିଥାନ୍ତି । ଏହି ପରିପରଖି ରେ ଲୁହାମୁଣ୍ଡା ଗ୍ରାମ ର କୃଷକ ମନେ ଚାଷକାର୍ଯ୍ୟ ଅନୁକୂଳ କରିଥିଲେ । ଏହିକାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ସଂଜୀବ ସାହୁ ଯୋଗାଦେଇ ଯଥା ରୀତି ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରି ଜମିକୁ ହଳ କରାଜାଇ ଧାନ ବୁଣି ମୁଠି ଅନୁକୂଳ କରିଥିଲେ ଏବଂ ଏହାର ତତ୍ପର୍ଯ୍ୟ ବିଷୟ ରେ ଲୋକମଙ୍କୁ ବୁଝାଇଥିଲେ ।ଏହି ଦିବସ ରେ ଦାନପୁଣ୍ୟ କଲେ ଅକ୍ଷୟ ପୁଣ୍ୟ ଲାଭ ହୋଇଥାଏ ବୋଲି ପୁରାଣ ରେ ବର୍ଣନା ଅଛି ପୁନଶ୍ଚ ଏହିଦିନ ମନ୍ଦିର ପ୍ରତିଷ୍ଠା, ଗୃହ ପ୍ରବେଶ, ବିବାହ, ନୂତନ ଦ୍ରବ୍ୟ କ୍ରୟ, ପାଇଁ ଉତ୍ତମ ତିଥି ଭାବରେ ବିବେଚନା କରାଯାଇ ଥାଏ ।

## ୫ କିଲୋଗ୍ରାମ ଗଂଜେଇ ଜବତ ,ଏକ ଗିରଫ

ନିମାପଡା ୨/୫(ନି.ପ୍ର): ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ ନିମାପଡା ଥାନା ଅଧୀନ ଡେଣୁଅ ଛକ କେନାଲ ବ୍ରିଜ ନିକଟରେ ଚଢ଼ାଉ କରି ବିଚିତ୍ରାନନ୍ଦ ସ୍ୱାତ, ବୟସ -୫୫ ବର୍ଷ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ତାଙ୍କ ନିକଟରୁ ୫ କି.ଗ୍ରା ଗଞ୍ଜେଇ ଜବତ କରାଯାଇ ନିମାପଡା ଅବକାରୀ ଥାନା କେସ ନଂ :- ୨୦/୨୫-୨୬ ରେ କୋର୍ଟ ଚାଲାଣ କରି ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପ-କକ୍ଷରାଗଓରକୁ ପଠାଯାଇଛି. ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୫୦,୦୦୦ ଟଙ୍କାରୁ ଉର୍ଦ୍ଧ ହେବ.ଏହି ଚଢ଼ାଉରେ ଅବକାରୀ ଏ ଏସ ଆଇ -ଶ୍ରୀ ସନ୍ତୋଶେ କୁମାର ମହାରଣା, ଷ୍ଟାଫ ତପନ କୁମାର ପ୍ରଧାନ,ସ୍ୱାଗତିକା ଘଡେଇ,ସୁସାନ୍ତ ଜେନା ପ୍ରମୁଖସାମିଲ ଥିଲେ ।

## ମହାବିଦ୍ୟାଳୟ କର୍ମଚାରୀ ଙ୍କୁ ଅ୍ୱସର କାଳୀନ ସମ୍ବର୍ଦ୍ଧନା

ପାଟଣା ୨/୫(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ସ୍ୱାମ ପାଟଣା ଆଞ୍ଚଳିକ ମହାବିଦ୍ୟାଳୟ ରେ କାର୍ଯ୍ୟରତ ଜନପ୍ରିୟ କର୍ମଚାରୀ ଦୈତାରୀ ମହାନ୍ତ ଙ୍କୁ ଆଜି ମହାବିଦ୍ୟାଳୟ ପରିସରରେ ଅବସର କାଳୀନ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି ।ଅଧ୍ୟକ୍ଷ ବିରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ ,ମୁଖ୍ୟ ବକ୍ତା ଭାବେ ଏହି ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର କୁଶଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଅ୍ୱସର ଗ୍ରହଣ କରୁଥିବା ଶ୍ରୀ ମହାନ୍ତ ଙ୍କ କର୍ତ୍ତବ୍ୟ ନିଷ୍ଠାର ପ୍ରଶଂସା କରିବା ସହ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।ପ୍ରାଧ୍ୟାପକ ଅଶ୍ୱିନୀ କୁମାର ସାହୁ କାର୍ଯ୍ୟକ୍ରମ ର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ରେ ଅନ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ବଗେଇପଦରରେ ଜିଲ୍ଲାସ୍ତରୀୟ ପବିତ୍ର ଅକ୍ଷୟ ତୃତୀୟା ଦିବସ ପାଳିତ

କୋରାପୁଟ ୨/୫(ନି.ପ୍ର): କୋରାପୁଟ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା କୃଷି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ଦିବସ ପାଳନ ହୋଇଯାଇଛି ।କୋରାପୁଟ ବ୍ଲକ ଅନ୍ତର୍ଗତ ଦେବୀଘାଟ ପଞ୍ଚାୟତର ବଗେଇପଦର ଗ୍ରାମରେ ଆୟୋଜିତ ଉତ୍ସବରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଖିମୁଠି ଅନୁକୂଳ, ଭୂମିପୂଜନ ନୀତିକାନ୍ତି କାର୍ଯ୍ୟକ୍ରମ କରିବା ସହ ହଳ ଲଙ୍ଗଳ ଧରି ପ୍ରଥମ ଖରିଫ ଚାଷ ପାଇଁ ଶୁଭ ଦେଇଥିଲେ ।ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଭୁବନେଶ୍ୱର ଠାରେ ଆଭାସୀ ମାଧ୍ୟମରେ ସିଏମକିଷାନ ଯୋଜନାରେ ଚାଷୀଙ୍କୁ ଆଜି ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୨ ହଜାର ଟଙ୍କା ଲେଖାଏଁ ଜିଲ୍ଲାର ୧୪ ଗୋଟି ବ୍ଲକର ୧୩୨୦୯୨ ଜଣଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝୀ ,ମାନ୍ୟବର ସାଂସଦଙ୍କ ପ୍ରତିନିଧି ବାବୁଲା ବେନିଆ, ଦେବୀଘାଟି ପଞ୍ଚାୟତ ସମିତି ସଭ୍ୟା ମଞ୍ଜୁଳା ବାଘ, କୃଷି ବିଭାଗ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ମିଶ୍ର, କେସିସି ବ୍ୟାଙ୍କ ସେକ୍ରେଟେରୀ ଅତୁଲ୍ୟ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## କଂଗ୍ରେସ ଦଳ ତରଫରୁ ଅକ୍ଷୟ ତୃତୀୟା ପାଳନ



ପାଟଣା ୨/୫(ନି.ପ୍ର): କୃଷି ଓ କୃଷକର ମହାନ ପର୍ବ ଅକ୍ଷୟ ତୃତୀୟାରେ ସାରା ଦେଶରେ ମହା ଆଡମ୍ବର ସହକାରେ ଚାଷୀମାନେ ପାଳନ କରୁଛନ୍ତି । ଆଜି କେନ୍ଦୁଝର ଜିଲ୍ଲା କୃଷକ କଂଗ୍ରେସ ସେଲର ସଭାପତି ଦିଲ୍ଲିପ କୁମାର ସାହୁ ତତ୍ୱାବଧାନରେ ତେଲକୋଇ ବ୍ଲକରେ ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ଚରଣ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଖିମୁଠି ଅନୁକୂଳ କରିଥିଲେ । ସେହିପରି ସମ୍ମାନିତ ଅତିଥି ଭାବେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ସଂଗ୍ରାମ ଦାସ, କେନ୍ଦୁଝର ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ସଭାପତି ଭଦ୍ରସେନ ପ୍ରଧାନ, ବରିଷ୍ଠ ଆଇନଜୀବି ନାରାୟଣ ପ୍ରଧାନ, କଂଗ୍ରେସ ନେତା ଅରକ୍ଷିତ ପ୍ରଧାନ, ନୀଳମଣି ସାହୁ, ବିଭୁତି ଭୂଷଣ ସାହୁ, ଶରତ କୁମାର ପାତ୍ର, ଦୁର୍ଯ୍ୟୋଧନ ବିଶ୍ୱାଳ, ଅନ୍ତର୍ଯ୍ୟାମୀ ପାତ୍ର, ଚନ୍ଦ୍ରମଣି ସାହୁ, ଧିରେନ କୁମାର ପ୍ରଧାନ, କଳାକାର ସାହୁ, ହେମନ୍ତ ବିଶ୍ୱାଳ, ବିଜୟ କୁମାର ସାହୁ, ବିଜୟ କୁମାର ପ୍ରଧାନ, ନୀଳାଦ୍ରି ନାଏକ, ମହିଳା କଂଗ୍ରେସ ନେତ୍ରୀ ସୁକେଶିନୀ ପାତ୍ର, ସାଧବାଣୀ ନାଏକ, ପଦ୍ମନୀ ନାଏକ, ଗୋମତୀ ନାଏକ ଓ ମଞ୍ଜୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ବାଲିଗୁଡା ବ୍ଲକରେ ଶିକ୍ଷା ବିଭାଗ ତରଫରୁ ଡ୍ରପ ଆଉଟ ସର୍ଭେ କାର୍ଯ୍ୟ ଆରମ୍ଭ

ବାଲିଗୁଡା ୨/୫(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକରେ ବୁଧବାର ଠାରୁ ଡ୍ରପ ଆଉଟ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ମେ ୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ମାଝି ଓ ସିଆରସିସି ସୌଦାମିନି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣସପଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନିଜ ଅଞ୍ଚଳ ରେ ଘରକୁ ଘର ବୁଲି ଡ୍ରପ ଆଉଟ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ନମିତା ପ୍ରହରାଜ ଏକ ୪ ଜଣିଆ ଟିମ ଗଠନ କରି ଶିକ୍ଷୟିତ୍ରୀ ସବିତା ମହାନ୍ତି , ଜ୍ୟୋତିର୍ମୟୀ ଶତପଥି , ମିନାକ୍ଷୀ ତ୍ରିପାଠୀ ,ପ୍ରମିଳା ବଳିଆରସିଂ ,ମୋହିନୀ ପ୍ରଧାନ ,ସୁଦିପ୍ତା ମହାପାତ୍ର , ଲକ୍ଷ୍ମୀ ପ୍ରିୟା ମଲ୍ଲିକ, ଶିକ୍ଷକ ରଞ୍ଜନ କୁମାର ପାନିଗ୍ରାହୀଙ୍କୁ ନେଇ ୪ ଟି ସାହି କୁ ଯାଇ ଶୂନରୁ ୧୮ ବର୍ଷର ପିଲାଙ୍କୁ ଚିହ୍ନଟ କରିବେ ଶିକ୍ଷକ, ଶିକ୍ଷୟିତ୍ରୀ । କେଉଁ ଗ୍ରାମର କେତେ ପିଲା ଅଧାରୁ ପାଠପଢ଼ା ଛାଡ଼ିଛନ୍ତି ତାହାର ତାଲିକା ପ୍ରସ୍ତୁତ କରିଛନ୍ତି । ଆଖପାଖ ଅଞ୍ଚଳ ସମେତ ନିକଟବର୍ତ୍ତୀ ଗାଁ ,ସାହି, କଲୋନି ରେ ପହଞ୍ଚି ସେମାନେ ପିଲାଙ୍କ ସମ୍ପର୍କରେ ଟିକିନିଖି ତଥ୍ୟ ସଂଗ୍ରହ କରିବେ ଗାଁରେ କେତେ ପିଲା ରହିଛନ୍ତି ? ପିଲାଙ୍କ ନାମ, ବୟସ, ଲିଙ୍ଗ ଆଦି ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି । କେଉଁ କାରଣ ପାଇଁ ଅଧାରୁ ପିଲା ପାଠପଢ଼ା ଛାଡ଼ିଛନ୍ତି ତାହା ମଧ୍ୟ ସ୍ପଷ୍ଟ କରିବେ, କେଉଁ ଭାଷାରେ କଥାବାର୍ତ୍ତା କରନ୍ତି, ଦିବ୍ୟାଙ୍ଗ କି ନାହିଁ; ସେ ସଂକ୍ରାନ୍ତରେ ମଧ୍ୟ ସମସ୍ତ ତଥ୍ୟ ସଂଗ୍ରହ କରାଯିବା ସହ ବ୍ଲକ ର ପ୍ରତ୍ୟେକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଶିକ୍ଷକ, ଶିକ୍ଷୟିତ୍ରୀ ଏହି କାର୍ଯ୍ୟ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

## ପ୍ରଧାନ ଶିକ୍ଷକ ଙ୍କୁ ଅ୍ୱସର କାଳୀନ ବିଦାୟ ସମ୍ବର୍ଦ୍ଧନା

ପାଟଣା ୨/୫(ନି.ପ୍ର): ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ବେଗନାଖମଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ର ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ମହାନ୍ତ ଙ୍କୁ ଆଜି ଅ୍ୱସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଆୟୋଜିତ କାର୍ଯ୍ୟକ୍ରମ ରେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତ ଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।ବିଶିଷ୍ଟ ଅତିଥି ଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାତ,ଅ୍ୱସର ପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଅବସର ପ୍ରାପ୍ତ ଶିକ୍ଷକ ମାଞ୍ଚ କେନ୍ଦୁଝରର ର ସମ୍ପାଦକ ଧରଣୀଧର ଦାସ,ମୁଖ୍ୟ ବକ୍ତା ଭାବେ ଅବସର ପ୍ରାପ୍ତ ବି ଇ ଓ ଉତ୍ତମ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ ।ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ସଚ୍ଚିଦାନନ୍ଦ ସେଠୀ, ବିଜୟ କୁମାର ଓଝା, ପ୍ରକାଶ କୁମାର ରାୟ, ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ କମଳା କାନ୍ତ ପତି, ସି ଆର ସି ସି ଶୈଳେନ୍ଦ୍ର ମହାନ୍ତ, ବିଦ୍ୟାଳୟ ପରିଚାଳନା ସଭାପତି ହରେକୃଷ୍ଣ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷକ ପାର୍ଥ ସାରଥୀ ବେଜ କାର୍ଯ୍ୟକ୍ରମ କୁ ସଂଯୋଜନା ଓ ପରିଚାଳନା କରିଥିଲେ ।ଅ୍ୱସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ମହାନ୍ତ ଙ୍କ ବିଦ୍ୟାଳୟ ପ୍ରତି ଥିବା ଅବଦାନ,ସମାୟାନୁ ବର୍ତିତା ଓ ଜଣେ ଉତ୍ତମ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିବାରୁ ତାଙ୍କର କାର୍ଯ୍ୟ ଶୈଳୀକୁ ସମସ୍ତେ ମନେ ପକାଇ ଥିଲେ ।ଏହି ଅବସରରେ ବିଦ୍ୟାଳୟ ର ଛାତ୍ରଛାତ୍ରୀ ,ଶିକ୍ଷକ ଶିକ୍ଷୟିତ୍ରୀ,ପୁରାତନ ଛାତ୍ରଛାତ୍ରୀ ଙ୍କ ଦ୍ୱାରା ଉତ୍ତରୀୟ ଓ ଉପଢୌକନ ଦେଇ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ।

## ଅଖି ମୁଠି ଅନୁକୂଳ କରି ହଳ ଧରିଲେ ବିଧାୟକ

ପାଟଣା ୨/୫(ନି.ପ୍ର): ପାଟଣା ବ୍ଲକ ମୁଖ୍ୟାଳୟ ବଡ ପାଟଣା ପଞ୍ଚାୟତ ଗୁଲୁଦିପଶି ବାସିନ୍ଦା ବନବିହାରୀ ଦାସଙ୍କ ଚାଷ ଜମି ରେ ଆଜି ପାଟଣା ବ୍ଲକ କୃଷି ବିଭାଗ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଦିବସ ପାଳନ କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ନୀତି କାନ୍ତିରେ ପୂଜାର୍ଚ୍ଚନା କରିବା ପରେ ଅଖି ମୁଠି ଅନୁକୂଳ କରିବା ସହ ଜମି ରେ ହଳ କରିଥିଲେ । ପୂଜକ ଭାବେ ତରୁଣ କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ । କାର୍ଯ୍ୟକ୍ରମରେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣା ପାଣି ନାୟକ,ବଡ଼ ପାଟଣା ସରପଞ୍ଚ ବିନତି ବାନରା, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳା କାନ୍ତ ଦାଶ, ପଲାଶ ଘାଟି ସମିତି ସଭ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶନାଥ ନାୟକ ,ବ୍ଲକ କୃଷି ଅଧିକାରୀ ବର୍ଷା ବୈଶାଳୀ, ସହକାରୀ କୃଷି ଅଧିକାରୀ ପରେଶ କୁମାର ଦାଶ, ଭାଜପା ନେତା ସୁବ୍ରତ କୁମାର ଦ୍ୱିବେଦୀ, ନିରଞ୍ଜନ ମହାନ୍ତ, ପ୍ରମୋଦ ବାରିକ, କପିଳ ବାରିକ, କୃଷି ଅଧିଦର୍ଶକ ଦୂର୍ଗା ଚରଣ ତ୍ରିପାଠୀ, ଅଭୟ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ଗ୍ରାମ କୃଷି କର୍ମଚାରୀ ଧରଣୀଧର କିଶାନ ଓ ଇନ୍ଦ୍ରଜିତ ପୁହାଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଉଦୀୟମାନ ସୁଭଦ୍ରା ସ୍ୱାବଲମ୍ବୀ ମହିଳା ଶିକ୍ଷାନୁଷ୍ଠାନର ମହିଳା ସଶକ୍ତିକରଣ କାର୍ଯକ୍ରମ

ମୟୂରଭଞ୍ଜ ୨/୫(ନି.ପ୍ର): ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ଆର୍ଥିକ ସମସ୍ୟାକୁ ଦୃଷ୍ଟିରେ ରଖି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଦୀୟମାନ ସୁଭଦ୍ରା ସ୍ୱାବଲମ୍ବୀ ମହିଳା ଶିକ୍ଷାନୁଷ୍ଠାନ କଟକ ଶାଖା ପକ୍ଷରୁ ସ୍ଥାନୀୟ ମହିଳାମାନଙ୍କୁ ବିନାମୂଲ୍ୟରେ ଦୀର୍ଘଦିନ ଧରି ସିଲାଇ ଶିକ୍ଷା ଦିଆଯାଉଥିଲା ସିଲାଇ ଶିକ୍ଷା ଦିଆଯିବା ପରେ ଅନୁଷ୍ଠାନ ପକ୍ଷରୁ ସେମାନଙ୍କର ପରୀକ୍ଷା ମଧ୍ୟ ଅନୁଷ୍ଠିତ ହୋଇଯାଇଛି । ପାଖାପାଖି ୫୦ରୁ ଉର୍ଦ୍ଧ ମହିଳା ସିଲାଇ ଶିକ୍ଷା କଲାପରେ ପରୀକ୍ଷା ମଧ୍ୟ ଦେଉଥିଲେ । ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସମ୍ପାଦିକା ଗୀତାଞ୍ଜଳୀ ନିଜେ ସେମାନଙ୍କୁ ସିଲାଇ ଶିକ୍ଷା ଦାନ କରି ଉତ୍ସାହିତ କରିଥଲେ । ଅନୁଷ୍ଠାନର ସଭାନେତ୍ରୀ ସାହିତ୍ୟିକା ମୀରା ବେଉରା ମହିଳାମାନେ ଅନଷ୍ଟକ୍ଷନରୁ ପାଇଥିବା ଶିକ୍ଷା ଦ୍ୱାରା କିପରି ନିଜେ ସ୍ୱାବଲମ୍ବୀ ହେବା ସହ ସମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ସେ ସମ୍ପର୍କରେ ସେମାନଙ୍କୁ ସଚେତନ କରିଥଲେ ।ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ମୁଖ୍ୟ ଶାଖା ଚଣ୍ଡିଖୋଲ ରୁ ଅନୁଷ୍ଠାନ ର ପ୍ରତିଷ୍ଠାତା ଶ୍ରୀ ଅନିଲ କୁମାର ଦାସ ଓ ସମ୍ପାଦିକା ଅରୁଣି ନନ୍ଦ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗଦେଇ ମହିଳା ମାନଙ୍କୁ ଉତ୍ସାହିତ କରିଥି ଲେ । କାର୍ଯକାରୀ ସଭାନେତ୍ରୀ ମଞ୍ଜୁଲତା ଜେନା, ଉପସଭାନେତ୍ରି ଅନ୍ନପୂର୍ଣ୍ଣା ଦାଶ, ମାନସିଦାସ, କଳ୍ପନା ବେହେରା, ବିବେକ ଦଳାଇ, ଅଂଶୁମାନ ସିଂହ, ସମାଜସେବୀ ଚିତ୍ତରଞ୍ଜନ ପରିଡ଼ା, ପାଙ୍କଜିନି ପରିଡ଼ା ଜୋଗଦେଇ କାର୍ଯକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଉପଦେଷ୍ଟା ଶ୍ରି ଦିନେଶ ଗୁପ୍ତା ଆଗାମୀ ଦିନରେ ଅନୁଷ୍କ୍ଷନର ବାର୍ଷିକ ଉତ୍ସବରେ କୃତି ମହିଳାଙ୍କୁ ପୁରସ୍କୃତ କରାଯିବ ବୋଲି ଘୋଷଣା କରି ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

# ଗଣଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା ଅକ୍ଷିମୁଠି ଶୁଭାରମ୍ଭ

ଗୁଣପୁର ୨/୫(ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା । ଏହି ଅବସରରେ ରାୟଗଡ଼ା ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳନ ଉତ୍ସବ ଗୁଣପୁରସ୍ଥିତ କୃଷି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ସରକାରଙ୍କ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ବିକାଶ, ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅକ୍ଷିମୁଠି ଶୁଭାରମ୍ଭ କରିଥିଲେ । ଆଜିର ଏହି ପବିତ୍ର ଦିବସରେ ଖରିଫ୍ ଋତୁ ପାଇଁ ସିଏମ୍ - କିଷାନ ରାଶି ୨୦୦୦ ଚାଷୀମାନଙ୍କୁ ପ୍ରଦାନ କରାଗଲା । ମୁଖ୍ୟ ଅତିଥିଙ୍କ କରକମଳରେ ବୈଦିକ ରୀତିନୀତି ଅନୁଯାୟୀ ପୂଜକଙ୍କ ଦ୍ୱାରା ମନ୍ତ୍ର ଉଚ୍ଚାରଣ, ଭୂମି ପୂଜନ, ଅକ୍ଷ ଧାନ ପୂଜନ, ହଳ ବଳଦ ପୂଜନ ତଥା ବିଭିନ୍ନ ଦେବାଦେବୀଙ୍କ ଆବାହନ ପୂର୍ବକ ଗୁଣୁପୁର ଠାରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମହା ଆଡ଼ମ୍ବର ପାଳିତ ହୋଇଥିଲା । ଏଥିରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ମୁଣ୍ଡରେ ପାଗ ବାନ୍ଧି ପାରମ୍ପରିକ ନୀତି ଅନୁସାରେ ହଳ କରି ଅକ୍ଷୀ ମୁଠି ଚାଷ ଜମିରେ ବୁଣିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟ୍ଟୱାରୀ ସମ୍ମାନିତ ଅତିଥି ଏଂ ରାୟଗଡ଼ା ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଗୁଣପୁର ଉପ ଜିଲ୍ଲାପାଳ କିରନ ଦୀପ କୌର ସହୋତା ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଚଳିତ ବର୍ଷର ସିଏମ କିଷାନର ପ୍ରଥମ ପ୍ରୋତ୍ସାହନ ରାଶି ଡିବିଟି ମାଧ୍ୟମରେ ପ୍ରଦାନ ପୂର୍ବକ ଏହାର ଶୁଭାରମ୍ଭ କରାଯାଇଥିଲା ।ଏହି ଅବସରରେ ମାନ୍ୟବର ମନ୍ତ୍ରୀ ନିଜର ବକ୍ତବ୍ୟରେ କହିଛନ୍ତି ଯେ କୃଷକଟିଏ ତା ହୃଦୟରେ ଭକ୍ତି ଓ ନିଷ୍ଠା ସହକାରେ ଏହି ପର୍ବଟିକୁ ପାଳନ କରେ , ଆଜିର ଦିନରେ ଧାନ ବୁଣା କାର୍ଯ୍ୟ ଆରମ୍ଭ ହୁଏ । ଅକ୍ଷୟ ତୃତୀୟା ଦିନଟି ଶାସ୍ତ୍ରୀୟ ଏବଂ ପୌରାଣିକ ଉଭୟ ମତରେ ଏକ ପବିତ୍ର ତଥା ଧର୍ମୀୟ ଭାବନାର ଦିନ । ଶ୍ରୀଜଗନ୍ନାଥଙ୍କର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ବାର୍ଷିକ ରଥ ଗଢ଼ାକାମ ମଧ୍ୟ ଏହି ଅକ୍ଷୟ ତୃତୀୟା ଦିନରୁ ହିଁ ଅନୁକୂଳ ହୋଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି । ଏଥିସହ



ଆଜିର ପବିତ୍ର ଦିନଟିକୁ ରାଜ୍ୟ ସରକାର କୃଷକକୁ ସମର୍ପିତ କରିଥିବା ସେ ସୂଚନା ଦେଇଛନ୍ତି । ସେ ଆହୁରୀ ମଧ କହିଛନ୍ତି, ସମୃଦ୍ଧ ଗ୍ରାମୀଣ ଜୀବନର ମୂଳ ଆଧାର ହେଉଛି କୃଷକଙ୍କ ସଶକ୍ତୀକରଣ । ଆଜି ସାରା ରାଜ୍ୟରେ କୃଷକ ଦିବସ ପାଳନ କରାଯାଉଛି । ଏହି ଦିବସ ଆମକୁ ଆମ ପରମ୍ପରା, ସଂସ୍କୃତି ସହ ଯୋଡ଼ି ରଖିବାରେ ସହାୟକ ହେବ । ସେହିପରି ଅନ୍ନଦାତାଙ୍କୁ ଅଧିକ ସଶକ୍ତ କରିବାକୁ ବଜେଟରେ ଦୃଢ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ବର୍ଷ କୃଷି ବଜେଟ ପୂର୍ବ ବର୍ଷ ତୁଳନାରେ ୧୨ ପ୍ରତିଶତ ଅଧିକ ରହିଛି । ସୂଚନାଯୋଗ୍ୟ, ଆଜିର ଶୁଭ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାରେ ରାଜ୍ୟର ୫୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ୨୦୨୫ ଖରିଫ୍ ଋତୁ ପାଇଁ ୧୦୨୫ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ଡ଼ିବିଟି ମାଧ୍ୟମରେ ହସ୍ତାନ୍ତର କରିଛନ୍ତି । ସିଏମ୍ କିଷାନ ଯୋଜନାରେ ଖରିଫ୍ ଋତୁ ପାଇଁ ରାୟଗଡ଼ା ଜିଲ୍ଲାର ୮୭,୨୨୩ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୩,୫୧୬ ଜଣ ଭୂମିହୀନ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି । ରାୟଗଡ଼ା ଜିଲ୍ଲାରେ ମୋଟ୍ ୯୦,୭୩୯ ଜଣ ଚାଷୀ ଏଥିରେ ଲାଭବାନ୍ ହୋଇଛନ୍ତି । ସିଏମ୍ କିଷାନ ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସମସ୍ତ ଯୋଗ୍ୟ ବିବେଚିତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରତ୍ୟେକ ଫସଲ ଋତୁ ଆରମ୍ଭରେ ୨୦୦୦ଟଙ୍କା ହିସାବରେ ବାର୍ଷିକ ୪୦୦୦ଟଙ୍କାର ଆର୍ଥିକ ସହାୟତା ଏବଂ ଭୂମିହୀନ କୃଷକ ପରିବାରଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଆନୁଷଙ୍ଗିକ କୃଷି କାର୍ଯ୍ୟକ୍ରମ ଯଥା ପଶୁପାଳନ, ମତ୍ସ୍ୟ ଚାଷ ଓ ଉଦ୍ୟାନକୃଷି ଭଳି ଯେକୌଣସି ବୃତ୍ତି ଆପଣେଇବା ପାଇଁ ତିନୋଟି କିସ୍ତିରେ ସମୁଦାୟ ୧୨,୫୦୦ ଟଙ୍କାର ସହାୟତା ପ୍ରଦାନ କରାଯାଉଅଛି ।

## ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ

ଚିକିଟି ୨/୫(ନି.ପ୍ର): ଷଷ୍ଠି ପୂର୍ତ୍ତି ଅବସରରେ ଅଧ୍ୟାପକ ଶ୍ରୀ ସନାତନ ଗୌଡଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ନିମନ୍ତେ ଚିକିଟି ମହାବିଦ୍ୟାଳୟ ପରିସରରେ ଏକ ସଭା ଅଧକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ସଭାରେ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ ଶିକ୍ଷା ବିଭାଗର ପ୍ରାକ୍ତନ ପ୍ରାଧ୍ୟାପକ ଡ. ରାଜେଶ କୁମାର ପାତ୍ର, ଗଣିତ ବିଭାଗର ପ୍ରାଧ୍ୟାପକ ଡ.ସନ୍ତୋଷ କୁମାର ବଡ଼ି, ଅଧ୍ୟାପକ ଶ୍ରୀ ସୁନୀଲ କୁମାର ପଣ୍ଡା, ଅଧ୍ୟାପକ ଡ.ସଂଜୟ କୁମାର ପଣ୍ଡା, ଅଧ୍ୟାପକ ଶ୍ରୀ ସୁନୀଲ କୁମାର ପାଢ଼ୀ, ଭେଟେରାନ୍ସ୍ ଡ.ରାମଶଙ୍କର ପଟ୍ଟନାୟକ ଓ ଅଧ୍ୟାପିକା ଡ. ସୁଜାତା ସାମନ୍ତରାୟ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ। ଅଧକ୍ଷ ସଭାପତି ଅଭିଭାଷଣରେ ଅଧ୍ୟାପକ ଗୌଡଙ୍କ ସଂପର୍କରେ ୩୫ ବର୍ଷର ଅନୁଭୂତିକୁ ପ୍ରକାଶ କରିଥିଲେ।ସମ୍ମାନିତ ଅତିଥି ଡ. ପାତ୍ର ଏକ ସରଳ ନିଷ୍କପଟ ବ୍ୟକ୍ତି,ଡ.ବଡ଼ି ବନ୍ଧୁ ପରି ବନ୍ଧୁ ଟିଏ ବୋଲି ଏବଂ ଆଇ.ଆର.ପି.ଏମ ବିଭାଗର ଅଧ୍ୟାପକ ସୁନୀଲ କୁମାର ପଣ୍ଡା ଏକ ବିଜ୍ଞ ଏବଂ ଛାତ୍ର ବତ୍ସଳ ଅଧ୍ୟାପକ ଭବରେ ଓଡ଼ିଶାରେ ପରିଚିତ ବୋଲି ଅଧ୍ୟାପକ ଗୌଡଙ୍କ ଉଦ୍ଦେଶ୍ୟରେ କହିଥିଲେ। ସ୍ୱାଗତ ଭାଷଣ ଏବଂ ମଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ଡ.ସଂଜୟ କୁମାର ପଣ୍ଡା। ମାନପତ୍ର ପାଠ କରିଥିଲେ ଡ. ରାମଶଙ୍କର ପଟ୍ଟନାୟକ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପିକା ଡ. ସୁଜାତା ସାମନ୍ତରାୟ। ସମସ୍ତ କର୍ମଚାରୀ ସଭାକାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବାରେ ସହାୟ ହୋଇଥିଲେ।

## ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅବସର ଗ୍ରହଣ

କୋଟପାଡ଼ ୨/୫(ନି.ପ୍ର): କୋଟପାଡ଼ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ଖଗେଶ୍ୱର ଗୋଲରି ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି ।ଏହି ଅବସରରେ କୋଟପାଡ଼ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦୁଃଖପ୍ରକାଶ କରିଥିବା ସହ ତାଙ୍କ ଭବିଷ୍ୟତ ଜୀବନ ସୁଖମୟ ହେଉ ବୋଲି କାମନା କରିଥିବା ଖବର ହସ୍ତଗତ ହୋଇଛି। ଶ୍ରୀ ଗୋଲରି ଶିକ୍ଷକତାରୁ ଚାକିରୀ ଜୀବନ ଆରମ୍ଭ କରିଥିବାବେଳେ ଅବସର ଗ୍ରହଣ ପର୍ଯ୍ୟନ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀରେ ଅବସ୍ଥାପିତ ହୋଇଥିଲେ ।ସେ ଜଣେ କର୍ମଠ ଓ ପ୍ରତିଭା ସମ୍ପନ୍ନ ଅଧିକାରୀ ହୋଇଥିବାବେଳେ ଶିକ୍ଷାକ୍ଷେତ୍ରରେ ଉନ୍ନତି ପାଇଁ କୋଟପାଡ଼ ବ୍ଲକରେ ସର୍ବଦା ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଆସୁଥିଲେ। ତାଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଜୀବନର ଉତ୍ତରୋତ୍ତର କାମନା କୋଟପାଡ଼ ବ୍ଲକର ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ କରାଯାଇଛି। ସଂଘର ପକ୍ଷରୁ ସଭାପତି ସନ୍ତୋଷ କୁମାର ଦର୍ଚ୍ଛି, ସଂପାଦକ ତୁଳାରାମ ମାଝୀ, ଲକ୍ଷ୍ମୀନାରାୟଣ ମାଝୀ, ସୁକାନ୍ତ ଭତ୍ରା, ଡମ୍ବୁରୁ ପୂଜାରୀ, ମାନସ ମଣ୍ଡଳ, ବଦ୍ରିନାଥ ନାୟକ, ବନମାଳୀ ଚଲାଣ, ଇଶ୍ୱର ଭଣ୍ଡାରି,ତିର୍ଥବାସୀ ଚୈଧୁରୀ, ଗୋପାଳ ସମରଥ ପ୍ରମୁଖ ଏବିଇଓ ଶ୍ରୀ ଗୋଲରିଙ୍କ ଭବିଷ୍ୟତ ଜୀବନ ସୁଖମୟ ଓ କୁସୁମିତ ହେଉ ବୋଲି କାମନା କରିଥିବା ଖବର ହସ୍ତଗତ ହୋଇଛି।

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରଥ କାଠ ପୂଜା

ବାଲିଗୁଡା୨/୫(ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କନ୍ଧମାଳ ଜିଲ୍ଲାର ସର୍ବ ପୁରାତନ ବାଲିଗୁଡାର ଶ୍ରୀଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁଯାୟୀ ବାଲିଗୁଡା ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସକାଳୁ ରଥ ନିର୍ମାଣ ପାଇଁ ନୂତନ କାଠ ସଂଗ୍ରହ କରାଯାଇ ମନ୍ଦିର ମଧ୍ୟରେ ପୂଜକ ମହେଶ୍ୱର ପଣ୍ଡା ନୂତନ କାଠରେ ଗଙ୍ଗା ଜଳ ଛିଞ୍ଚନ କରି ଚନ୍ଦନ ସିନ୍ଦୁର ଲଗାଇବା ସହ ଦୀପ ,ଧୂପ ଓ ପୁଷ୍ପ ମାଲ୍ୟ ଦେଇ ମନ୍ତ୍ର ଉଚାରଣ କରି ପୂଜାର୍ଚ୍ଚନା କରିଥିବା ବେଳେ ରଥ କାଠକୁ ରଥ କରିବା ପାଇଁ ରାଜେନ୍ଦ୍ର ମହାରଣା କାଠକୁ ନେଇ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିଲେ । ମହାପ୍ରଭୁଙ୍କ ଘୋଷଯାତ୍ରା ପ୍ରସ୍ତୁତି ଆଜି ଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ରତ୍ନ ବେଦୀରୁ ଜନ୍ମବେଦୀ ପର୍ଯ୍ୟନ୍ତ ନିର୍ମାଣ ହେବ ତିନି ରଥ। ଏଥିରେ ଟ୍ରଷ୍ଟ ପକ୍ଷରୁ ଟି.ଶ୍ରୀନିବାସ ରାଓ , ମଧୁସୂଦନ ଦାସ ଓ ଲୋକନାଥ ପାତ୍ରୀଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ ।

## ବସୁଧା ପ୍ରକଳ୍ପର କାମ ସରିଛି,ପାଇପ୍ ବିଛା ସରିଛି
# ହେସେଲପାଟା ରେ କିନ୍ତୁ ମିଳୁ ନାହିଁ ଜଳ

ମୟୂରଭଞ୍ଜ ୨/୫(ନି.ପ୍ର): ଚଳିତ ଗ୍ରୀଷ୍ମ ସମୟ ରେ ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକର ବିଭିନ୍ନ ଗାଁ ରେ ଜଳ ଯନ୍ତ୍ରଣା ଲାଗି ରହିଥିଲାବେଳେ ହେସେଲପାଟା ଗାଁ ରେ ନା ମିଳୁଛି ବସୁଧା ଜଳ ନା ଶୋଷ ମେଣ୍ଟାଉଛି ସାହି ସାହିରେ ଥିବା ନଳକୂପ ଜଳ । ପାଣି ପାଇଁ ଗରା ମାଠିଆ ଧରି ଉଭୟ ରିଣ୍ଡ ହେଉଛନ୍ତି ମହିଳା ଓ ପୁରୁଷ ।ନଳକୂପର ଲୁହାଳିଆ ପାଣି ଓ ଗୁଣ୍ଡ ମିଶ୍ରିତ ପିଇ ଜୀବନ ବଞ୍ଚାଉଛନ୍ତି ଗ୍ରାମବାସୀ ।ମୟୂରଭଞ୍ଜ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଜାମଦା ବ୍ଲକ



ହେସେଲପାଟା ଗାଁ ରେ ଲାଗି ରହିଛି ଜଳ ଯନ୍ତ୍ରଣା ।ଗାଁ ର ତିନି ସାହି ଡୁଙ୍ଗୁରି ସାହି,ରୋଡ଼ସାହି,ବଡ଼ସାହି ର ବାସିନ୍ଦା ମାନେ ଜଳ ପାଇଁ ନଳକୂପରୁ ଜଳ ଆଣିବାକୁ ଯାଇ ବହୁ ସମୟ ଛିଡ଼ା ହୋଇ ଜଳ ଆଣୁଥିବା କଥା ଗ୍ରାମବାସୀ କହିଛନ୍ତି ।ଗାଁରେ ଛୋଟରୁ ବଡ଼ ସମେତ ୬୦୦୦ ହଜାରରୁ ଅଧିକ ଜନସଂଖ୍ୟା ରହିଛି ।ଅଧିକାଂଶ ଘରେ ଗାଈଗୋରୁ,ଛେଳିମେଣ୍ଢା ରହିଛନ୍ତି ।ଗ୍ରୀଷ୍ମ କାଳରେ ସବୁ ଜୀବ ଏହି ନଳକୂପ ଓ ପୋଖରୀ ପାଣି ଉପରେ ନିର୍ଭର କରୁଥିବା ଗାଁ ର ବରିଷ୍ଠ ନାଗରିକ କହିଛନ୍ତି ।ସୂଚନା ଯୋଗ୍ୟ ଯେ ବସୁଧା ଟାଙ୍କି ଦୁଇବର୍ଷ ପୂର୍ବରୁ ନିର୍ମାଣ କାମ ସରିଛି ଏବଂ ପାଇପ୍ ସବୁ ସାହି କୁ ୧ ବର୍ଷ ପୂର୍ବରୁ ବିଛାସରିଛି ଏବଂ ଘରକୁଘର ପାଇପ୍ ସଂଯୋଗ ସରିଛି ।କିନ୍ତୁ ଗ୍ରାମବାସୀ ସ୍ୱଚ୍ଛ ଜଳ ପାଇନପାରିବା ଦୁଃଖ ଓ ପରିତାପର ବିଷୟ ।ଏପଟେ ବସୁଧା ଯୋଜନାରେ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଦେବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ପାଣି ଟାଙ୍କି ନିର୍ମାଣ କରାଗଲା। ଲୋକଙ୍କ ଘରକୁ ପାଣି ସଂଯୋଗ କରାଗଲା। ବସୁଧା ନିର୍ମାଣ ହୋଇକି ଦୁଇବର୍ଷ ବିତିଲାଣି ହେଲେ ଗ୍ରାମବାସୀଙ୍କୁ ମିଳୁନି ପାନୀୟ ଜଳ ଟୋପେ।ଗ୍ରାମବାସୀ ଦୁଃଖ ଓ କ୍ଷୋଭର ସହ କହିଛନ୍ତି ଯେ ଆମକୁ ବସୁଧା ଟାଙ୍କିରୁ ସ୍ୱଚ୍ଛ ଜଳ ଯୋଗାଇ ଦିଆଯାଉ ସେଥିପ୍ରତି ଉପଜିଲ୍ଲାପାଳ ଓ ଜିଲ୍ଲାପାଳ ତୁରନ୍ତ ପପଦକ୍ଷେପ୍ ନିଅନ୍ତୁ ।

## ମା ବେଲେଶ୍ୱରୀଙ୍କ ପୀଠରେ ଗୀତା ଯଜ୍ଞ

ନିମାପଡା ୨/୫(ନି.ପ୍ର): ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରି ଛକ ଥାନା ,ପୁରୁଣା ଫାଣ୍ଡି ଛକ ସ୍ଥିତ ମା ବେଲେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଗୀତା ଯଜ୍ଞ ଓ ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଯାଇଛି ।ଏହି ଯଜ୍ଞ ରେ କର୍ତ୍ତା/ କର୍ତ୍ତି ଭାବେ ଥାନା ଅଧିକାରୀଣୀ ମମତା ବିଶ୍ୱାଳ ଓ ତାଙ୍କ ସ୍ୱାମୀ ଅଶୋକ ବାବୁ ଥିଲେ ।ପୁରୋହିତ ଙ୍କ ଦ୍ୱାରା ପୂଜା ପାଠ ସରିବା ପରେ ମା ଙ୍କ ଚଳନ୍ତି ପ୍ରତିମା ଏକ ସୁସଜ୍ଜିତ ବିମାନରେ ବଜାର ପରିକ୍ରମା କରାଯାଇଥିଲା । ଘୋଡ଼ା ନାଚ ସଙ୍କୀର୍ତ୍ତନ ମଣ୍ଡଳୀ ଘଣ୍ଟ ,ବାଜା ବାଣ ଫୁଟାଇ ଲୋକମାନେ କାନ୍ଧେଇ ନେଇ ବିଭିନ୍ନ ସ୍ଥାନରେ ପନ୍ଥି ଭୋଗ ଖାଇ ଓର ପଟ ଶ୍ରୀ ଜଗନ୍ନାଥ ମନ୍ଦିର , ତା ପରେ ଥାନା ପରେ ବ୍ରହ୍ମ କୁଣ୍ଡି ଗ୍ରାମ ବୁଲିବା ପରେ ମା ରାତ୍ରରେ ଆସ୍ଥାନ କୁ ଫେରିଥିଲେ ଥାନା ପକ୍ଷରୁ ପ୍ରସାଦ ସେବନ ର ଆୟୋଜନ କରାଯାଇଥିଲା ।୧୯୮୧ ମସିହା ଠାରୁ ମା ଙ୍କ ଠାରେ ଏହି ଗୀତା ଯଜ୍ଞ ଅନୁଷ୍ଠିତ ହେଉଛି ।ସନ୍ଧ୍ୟାରେ ଭଜନ ସମାରୋହ ସହ ଅନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ହୋଇଥିଲା । ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜନାର୍ଦ୍ଦନ ପାଢ଼ୀ ସମେତ ଥାନାର ସମସ୍ତ ଷ୍ଟାଫ୍ ସହଯୋଗ କରିଥିଲେ ।ଚଳିତ ବର୍ଷ ଏହି ମେଳଣ ଅତି ଉଚ୍ଚ କୋଟୀର ହୋଇଛି ବୋଲି ପ୍ରତ୍ୟକ୍ଷ ଦର୍ଶୀ ମାନେ କହିଛନ୍ତ।

## ଅତାବିରା ରେ ପର୍ଶୁରାମ ଜୟନ୍ତୀ ପାଳିତ

ବରଗଡ଼ ୨/୫(ନି.ପ୍ର):ଯୁଗେ ଯୁଗେ ଦୁଷ୍ଟମାନଙ୍କର ସଂହାର ପାଇଁ ଅବତାର ନେଉଥିବା ବିଷ୍ଣୁଙ୍କର ଦଶା ବତାର ମଧ୍ୟରୁ ବିଶ୍ୱ ବନ୍ଦ୍ୟ ପର୍ଶୁରାମ ହେଉଛନ୍ତି ଷଷ୍ଠ ଅବତାର ।ଅହଙ୍କାରୀ ଦୁଷ୍ଟ କ୍ଷତ୍ରୀୟଙ୍କ ପୃଥ୍ୱୀଲୋକରେ ଦୌରାତ୍ମ୍ୟ ବଢିଯାଇଥଲକ୍ଷ ।ପୃଥ୍ୱୀଲୋକକୁ ଶାନ୍ତି ପ୍ରଦାନ ନିମନ୍ତେ ପର୍ଶୁରାମଙ୍କର ଜନ୍ମ ହୋଇଥିଲା ।ବୈଶାଖ ଶୁକ୍ଲ ତୃତୀୟା ଅର୍ଥାତ ଅକ୍ଷୟ ତୃତୀୟାରେ ଭୃଗୁବଂଶୀ ଯମଦଗ୍ନୀ ଓ କ୍ଷେତ୍ରୀୟାଣୀ ରେଣୁକା ଙ୍କ ଗର୍ଭରୁ ସେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ବ୍ରାହ୍ମଣ କୂଳରେ ପର୍ଶୁରାମ ଙ୍କର ଜନ୍ମୋତ୍ସବ ପାଳନର ପରମ୍ପରା ରହିଛି। ଆଜି ଅତାବିରା ବ୍ରାହ୍ମଣ ପରିବାର ର ମିଳିତ ଆନୁକୂଲ୍ୟରେ ପର୍ଶୁରାମ ଜୟନ୍ତୀ ପାଳିତ ହୋଇଯାଇଛି ।ପ୍ରଥମେ ଅତାବିରା ସ୍ଥିତ ମାଁ ଦୂର୍ଗା ଙ୍କ ମନ୍ଦିର ରେ ଶ୍ରୀ ଶ୍ରୀ ଭଗବାନ ପର୍ଶୁରାମ ଙ୍କ ଜନ୍ମୋତ୍ସବ ପାଇଁ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା ।ଏଥିରେ ସପତ୍ନିକ ନିଶିକାନ୍ତ ପଣ୍ଡା ଓ ସୁଷମା ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇ ମାଁ ଦୁର୍ଗାଙ୍କ ପୂଜା ଆଳତି ପୂର୍ବକ ବ୍ଲକ କର୍ମ କାଣ୍ଡିୟ ପଣ୍ଡିତ ମାନେ ତଥା ଅଞ୍ଚଳର ବ୍ରାହ୍ମଣ ସମାଜର ସମସ୍ତ ପରିବାର ଜୟ ପର୍ଶୁରାମ ଧ୍ୱନିରେ ଘଣ୍ଟ ଓ ଦୁଲୁଦୁଲି ବାଜା ସହ ଶୋଭାଯାତ୍ରା ବାହାରି ସ୍ଥାନୀୟ ଅଗ୍ରସେନ ଭବନ ଠାରେ ପହଞ୍ଚିଥିଲେ ।ସେଠାରେ ଫୁଲ ଚନ୍ଦନ ଦେଇ ସତ୍ୟ ନାରାୟଣ ମିଶ୍ର ଓ ପରିବାର ଙ୍କ ଦ୍ୱାରା ସମସ୍ତ ବ୍ରାହ୍ମଣ ମାନଙ୍କ ପାଦଧୌତ କରାଯାଇ ଥିଲା ।ଏହାପରେ ଏକ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ସମସ୍ତେ ପ୍ରସାଦ ସେବନ କରିଥିଲେ।

# ହଳ ଲଙ୍ଗଳ ଧରି ଚକୁଳି ଫାର୍ମ ରେ ଜିଲ୍ଲା ସ୍ତରୀୟ କୃଷକ ଦିବସ ଓ ଅଖୀ ମୁଠି ଅନୁକୂଳ କଲେ ନେତା ମନ୍ତ୍ରୀ

ବରଗଡ଼୨/୫(ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି ଫାର୍ମ ଠାରେ ଆୟୋ ଜିତ ରାଜ୍ୟ ସ୍ତରୀୟ କୃଷକ ଦିବସ ସମା ରୋହରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସି.ଏମ୍ କିଷାନ ଯୋଜନା ରେ ରାଜ୍ୟର ୫୦,୧୬,୯୩୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ୪୯,୪୮୨ ସଂଖ୍ୟକ ଭୂମିହୀନ କୃଷି ପରିବାର ଏବଂ ୨,୩୮୨ ଜନଜାତି କୃଷକ ପରିବାରକୁ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି ।ଏହି ପରିପ୍ରେକ୍ଷୀରେ ଅତାବିରା ବ୍ଲକ ଅନ୍ତର୍ଗତ ଚକୁଳି ଫାର୍ମ ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ଅକ୍ଷୟ ତୃତୀୟା ଏବଂ କୃଷକ ଦିବସ ତଥା 'ଅଖି ମୁଠି ଅନୁକୂଳ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗୀୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ମାନ୍ୟବର ସାଂସଦ ପ୍ରଦୀପ ପୁରୋହିତ ଏବଂ ମାନ୍ୟବର ବିଧାୟକ



ଭଟଲି ଇରାଶିଷ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟନ ହେବା ସହ ଅଧିକ ଫସଲ ଅମଳ ନିମନ୍ତେ ପୂଜାର୍ଚିନା କରି ସହ ଚାଷୀ ଭାଇ ଭଉଣୀଙ୍କ ଉନ୍ନତି ଲାଗି ରାଜ୍ୟ ସରକାର ବଦ୍ଧପରିକର,ସେମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା,ଫସଲ ବିବିଧି କରଣ ଓ ସମନ୍ୱିତ କୃଷି କାର୍ଯ୍ୟକ୍ରମ ଏବଂ ଶ୍ରୀଅନ୍ନ ଅଭିଯାନ ଭଳି ଅନେକ କୃଷକ କଲ୍ୟାଣକାରୀ ଯୋଜନା ରାଜ୍ୟ ସରକାର କାର୍ଯ୍ୟକାରୀ କରିଛନ୍ତି ବୋଲି କହିଛନ୍ତି ।ସୂଚନା ଯୋଗ୍ୟକି,ଏହି ଅବସରରେ ବରଗଡ଼ ଜିଲ୍ଲା ସର୍ବମୋଟ ୧,୯୫,୩୭୦ କ୍ଷୁଦ୍ର ଏବଂ ଭୂମିହୀନ ଚାଷୀଙ୍କ ଖାତାକୁ ପିଏମ କିସାନ ସମ୍ମାନ ନିଧି ଟଙ୍କା ଡିବିଟି ମାଧ୍ୟମରେ ଆସିଥିବା ବେଳେ କୃଷି କ୍ଷେତ୍ର ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଚାଷୀଙ୍କୁ ପୁରସ୍କୃତ କରିବା ସହ କିଛି ଚାଷୀଙ୍କୁ ଟ୍ରାକ୍ଟର କିଣିବା,କୃଷି ଉଦ୍ୟୋଗ ଖୋଲିବା ଚାଷୀଙ୍କୁ ସବସିଡି ଟଙ୍କା ପ୍ରଦାନ କରିଛନ୍ତି ।ସେମାନଙ୍କ ମଧ୍ୟରେ କୋମ୍ବାଇନ ହାର୍ଭେଷ୍ଟର କ୍ରୟ ନିମନ୍ତେ ଅତାବିରା ବ୍ଲକ ଖରମୁଣ୍ଡାର ଉମାକାନ୍ତ ପ୍ରଧାନ ଓ ଚକୁଳି ଗ୍ରାମର ରିମାଲପୁଡି ଦୁଗାଦେବୀଙ୍କୁ ୩ ଲକ୍ଷ,ଟ୍ରାକ୍ଟର କ୍ରୟ ନିମନ୍ତେ ବରଗଡ଼ ବ୍ଲକ ତୋରା ଗ୍ରାମର ପୂର୍ଣଚନ୍ଦ୍ର ସାହୁଙ୍କୁ ୧. ୫ ଲକ୍ଷ ଓ କଳାପାଣିର ରାଜୁ ସାହୁଙ୍କୁ ୧. ୨ ଲକ୍ଷ ସବସିଡି ଟଙ୍କା ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଛି ।କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରସନ୍ନ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା,ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ,ପୌରାଧକ୍ଷା କଳ୍ପନା ମାଝୀ,ଲୋକ ପ୍ରତିନିଧି,ଅଂଚଳର ଚାଷୀ ଏବଂ ବିଭାଗୀୟ ଅଧିକାରୀ କର୍ମଚାରୀ ଉପସ୍ଥିତ ରହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ରେ ଆଭାସୀ ମାଧ୍ୟମରେ ଜଡିତ ଥିଲେ।

## ଭକ୍ତକବି ଜୟଦେବ ଜୟନ୍ତୀ ଉତ୍ସବ ଏବଂ ଆଲୋଚନା ଚକ୍ର ଅନୁଷ୍ଠିତ

ବରଗଡ଼ ୨/୫(ନି.ପ୍ର): ଜଗନ୍ନାଥଙ୍କ ପରମ ଭକ୍ତ ତଥା ବିଶ୍ୱ ପ୍ରସିଦ୍ଧ କବି ଗୀତଗୋବିନ୍ଦ ରଚୟିତା ଜୟଦେବଙ୍କ ଜୟନ୍ତୀ ଉତ୍ସବ ଏବଂ ଆଲୋଚନା ଚକ୍ର ସ୍ଥାନୀୟ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି ।ମହୋତ୍ସବରେ ସାଧୁସନ୍ଥ ତଥା ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ କବି ଜୟଦେବଙ୍କ ୭୨ ଗୀତ ଗୋବିନ୍ଦର ଶୋକ୍ଳ ଗାନ କରି ସହର ପରିକ୍ରମା କରି ପରେ ସଂସ୍କୃତି ଭବନ ଠାରେ ଆୟୋଜିତ ଆଲୋଚନା ଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ସମେତ ସାମ୍ବାଦିକ ବାଲାଜୀ ବିଭୂରଞ୍ଜନ ତରା ସିଆ,ସରୋଜ ଷଡ଼ଙ୍ଗୀ,ମିଶନ ଶକ୍ତି ପ୍ରୋଗ୍ରାମ ଅଫିସର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦ୍ୱାଦଶ ଶତାବ୍ଦୀର କବି ଜୟଦେବ ଓଡ଼ିଶାର ଗର୍ବ ଓ ଗୌରବ ।ସାମ୍ପ୍ରତିକ ବ୍ୟସ୍ତ ବହୁଳ ଜୀବନରେ ମାନସିକ ଶାନ୍ତି ନିମନ୍ତେ ସମସ୍ତେ ଆଧ୍ୟାତ୍ମିକତା ଆଡକୁ ଯିବାକୁ ହେଲେ କବି ଜୟଦେବଙ୍କୁ ଅନୁକରଣ କରିବା ଆବଶ୍ୟକ ।ମୁଖ୍ୟ ବକ୍ତା ଭାବେ ଡ଼ ରବି ନାରାୟଣ ସାହୁ ଯୋଗ ଦେଇ ଭକ୍ତକବି ନିଜର ମହାକାବ୍ୟ 'ଗୀତ ଗୋବିନ୍ଦ' ପାଇଁ ବେଶ୍ ଜଣାଶୁଣା ବୋଲି ନିଜ ବକ୍ତବ୍ୟ ରଖିଥିଲେ ।ଜୟଦେବ ପୁରୀକୁ ମହାପ୍ରଭୁ ଜଗନ୍ନାଥଙ୍କୁ ଦେଖିବାକୁ ଯାଉଥିଲେ ।ସେହି ଯାତ୍ରା ସମୟରେ ହିଁ ସେ ଗୀତଗୋବିନ୍ଦ ରଚନା ପାଇଁ ପ୍ରେରଣା ପାଇଥିଲେ ।ଗୀତଗୋବିନ୍ଦର ପଦାବଳୀ ଶ୍ରୀଜଗନ୍ନାଥ ଙ୍କର ଅତ୍ୟନ୍ତ ପ୍ରିୟ ବୋଲି ଗ୍ରହଣ କରାଯାଏ ।କୁହାଯାଏ,ପୁରୁଷୋ ତ୍ତମ କ୍ଷେତ୍ରରେ ପହଞ୍ଚିବା ପରେ ସେ ଜଗନ୍ନାଥଙ୍କୁ ଦେଖିଥିଲେ ।ଗୋଟିଏ ଗଛ ତଳେ ରହି ପ୍ରଭୁଙ୍କ ପାଇଁ ଗୀତ ଗାଇବା ଆରମ୍ଭ କଲେ ।ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅନ୍ୟ ସାଧୁ-ମହାତ୍ମାଙ୍କ ସତସଙ୍ଗ ସେଠାରେ ହେବାକୁ ଲାଗିଲା।

# ନାଳ ପାଣି ହିଁ ଭରଷା
## ମିଳୁନାହିଁ ପାନୀୟଜଳ ବସୁଧା ଯୋଜନା ପାଇପ୍ ପଡ଼ିଛି ହେଲେ ପାଣି ଆସୁନି



ବାଲିଗୁଡା ୨/୫(ନି.ପ୍ର): କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ତିନି ନମ୍ବର ୱାର୍ଡ଼ ଚଞ୍ଚଳାସାହି ବାମ୍ବାଡ଼ି ଗାଁରେ ପାନୀୟଜଳ ଜଳ ସମସ୍ୟା କୁ ନେଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଦିର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାକାର ଗୋଟିଏ ସାହିର ଲୋକେ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଖରା ବର୍ଷା ଦିନେ ପାନୀୟଜଳ ପାଇଁ ଅଞ୍ଚଳବାସୀ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି । ଖରା ଦିନେ ନାଳ ଚୁଆ ପାଣି ବ୍ୟବହାର କରୁଥିବା ବେଳେ ବର୍ଷା ଦିନେ ବହୁତ ଅସୁବିଧା ସମୁଖୀନ ହେଉଥିବା କହିଛନ୍ତି । ଅନ୍ୟ ପଟେ ଏହି ପାନୀୟଜଳ ଅସୁବିଧା କୁ ନେଇ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି ବୋଲି କହିଛନ୍ତି । ସରକାର ପାନୀୟଜଳ ସୁବିଧା ପାଇଁ ଅନେକ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ କେତେକ ସ୍ଥାନରେ ଆଜି ଚୂଆ ନାଳ ପାଣି ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ତେଣୁ ପ୍ରଶାସନ ଏଥିପ୍ରତି ସଠିକ ଦୃଷ୍ଟି ଆକର୍ଷଣ କରିବା ସହ ବାମ୍ବାଡ଼ି ସାହିରେ ସଲାର ଟାଙ୍କି ନିର୍ମାଣ ପାଇଁ ଗ୍ରାମବାସୀ ପୁର୍ବତନ ସରପଞ୍ଚ କଣ୍ଡିଫୁଲ ପ୍ରଧାନ ଲାମ୍ବୁର ପ୍ରଧାନ ସୁଲୋଚନା ପ୍ରଧାନ,ଗୀତାଞ୍ଜଳି ପ୍ରଧାନ ମାଳତୀ ପ୍ରଧାନ ସୁକାନ୍ତି ପ୍ରଧାନ ସୁଲେଖା ପ୍ରଧାନ ଜାନକୀ ପ୍ରଧାନ ସମେତ ଗ୍ରାମବାସୀ ଦାବି କରିଛନ୍ତି ।

# ପୂ:ତଟ ରେଳବାଇ ମିଶ୍ରିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ସମାରୋହ

ଜଟଣୀ ୨/୫(ନି.ପ୍ର): ପୂର୍ବତଟ ରେଳବାଇ ମିଶ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଖୋର୍ଦ୍ଧା ରୋଡ ପକ୍ଷରୁ ରେଳବାଇ ସ୍କୁଲ ପରିସରରେ ୨୦୨୪-୨୫ ବର୍ଷ ପାଇଁ ବାର୍ଷିକ ସମାରୋହ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶ୍ରୀ ଶୁଭ୍ର ଜ୍ୟୋତି ମଣ୍ଡଳ ଏବଂ ଖୋର୍ଦ୍ଧା ରୋଡର ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ ଶ୍ରୀ ଆର.ଏନ.ଏ. ପରିଡା ଉପସ୍ଥିତ ଥିଲେ ।ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସବିତା କୁମାରୀ ସ୍ୱାଗତ ଭାଷଣ ଦେଇ ବାର୍ଷିକ ରିପୋର୍ଟ ଉପସ୍ଥାପନା କରିଥିଲେ ।ଖୋର୍ଦ୍ଧା ରୋଡରେ ଅବସ୍ଥିତ ରେଳବାଇ ସ୍କୁଲ ପୂର୍ବତଟ ରେଳବାଇ ଜୋନର ସବୁଠାରୁ ପୁରୁଣା ରେଳବାଇ ସ୍କୁଲ ମଧ୍ୟରୁ ଗୋଟିଏ, ଯେଉଁଠାରେ ପ୍ରାୟ ୯୦୦ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସଫଳତାର ସହ ଅଧ୍ୟୟନ କରୁଛନ୍ତି। ଏହି ବର୍ଷ ବାଲଭାଟିକା-୩ ଇଂରାଜୀ ମାଧ୍ୟମର ୫-୬ ବର୍ଷ ବୟସର ପିଲାମାନଙ୍କ ପାଇଁ ପ୍ରି-ସ୍କୁଲିଂ ପାଇଁ ଖୋଲାଯାଇଛି। ECORMHS ସ୍କୁଲର ଛାତ୍ରଛାତ୍ରୀମାନେ ସମସ୍ତ କ୍ଷେତ୍ରରେ ଭଲ ଫଳାଫଳ ପାଉଛନ୍ତି। ଯଥା: ଶିକ୍ଷାଗତ ଶିକ୍ଷା, ଅଲିମ୍ପିଆଡ୍ ପରୀକ୍ଷା ଏବଂ କ୍ରୀଡା ଇତ୍ୟାଦି ୨୦୨୪ ମସିହାରେ ମାଷ୍ଟର ପ୍ରବିତ୍ର କୁମାର ସାହୁ ମାଟ୍ରିକରେ ୯୨% ନମ୍ବର ରଖି ଜଟଣୀ ବ୍ଲକରେ ଟପ୍ପର ହୋଇଥିଲେ। କୁମାରୀ ତନୁଶ୍ରୀ ପାଢୀ ଉଇଝର ଦଶମ ବୋର୍ଡ ପରୀକ୍ଷାରେ ୯୪% ମାର୍କ ପାଇଛନ୍ତି। ମିସ୍ ଡି. ମୋନିକା +୨ କଳାରେ ୭୦% ମାର୍କ ପାଇଛନ୍ତି। ଏହା ବ୍ୟତୀତ, ସ୍କୁଲର ଅନେକ ଛାତ୍ର ରାଜ୍ୟସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଲିମ୍ପିଆଡ୍ ପରୀକ୍ଷାରେ ସ୍ୱର୍ଣ୍ଣ ପଦକ, ରୌପ୍ୟ ପଦକ, କାଂସ୍ୟ ପଦକ ଜିତିଛନ୍ତି। ମାଷ୍ଟର ହିମାଂଶୁ ଶେଖର ସାହୁ ଚେସ୍ ରେ ବିଭିନ୍ନ ସ୍ତରରେ ଚାମ୍ପିଅନସିପ ଜିତିଥିଲେ ।ଏହି ଅବସରରେ ବକ୍ତବ୍ୟ ରଖି ଶ୍ରୀ ଆର.ଏନ.ଏ. ପରିଡା, ବରିଷ୍ଠ ବିଭାଗୀୟ କାର୍ମିକ ଅଧିକାରୀ, ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ..ସେ କହିଥିଲେ ଯେ ପିଲାମାନେ ସେମାନଙ୍କର ସ୍ୱପ୍ନକୁ ସାକାର କରିବା ଏବଂ ସମାଜର ଭଲ ନାଗରିକ ହେବା ପାଇଁ କଠିନ ପରିଶ୍ରମ କରିବା ଉଚିତ ।ଅତିରିକ୍ତ ରେଳ ପ୍ରବନ୍ଧକ (ଇନ୍ଫ୍ରା) ଶ୍ରୀ ଶୁଭ୍ର ଜ୍ୟୋତି ମଣ୍ଡଳ, ଭଲ ଶିକ୍ଷାଗତ ଫଳାଫଳ ଆଣିଥିବା ପିଲାମାନଙ୍କୁ ଏବଂ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି ଅବସରରେ ସ୍କୁଲ ପତ୍ରିକା 'ସଂକଳ୍ପ' ଉନ୍ମୋଚିତ ହୋଇଥିଲା ।ପୂର୍ବତଟ ରେଳବାଇ ମିଶ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ସବିତା କୁମାରୀଙ୍କ ନେତୃତ୍ୱରେ, ବିଦ୍ୟାଳୟ ଗ୍ରୀଷ୍ମ ଶିବିର, ଶିକ୍ଷା ସପ୍ତାହ, ବିଜ୍ଞାନ ପ୍ରଦର୍ଶନୀ, ସ୍ୱଚ୍ଛତା ହିଁ ସେବା, ଜନ ଜାତୀୟ ଦିବସ, ପ୍ରବନ୍ଧ ଏବଂ ବିତର୍କ ପ୍ରତିଯୋଗିତା ଇତ୍ୟାଦି ବିଭିନ୍ନ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ମଧ୍ୟ ଆୟୋଜନ କରାଯାଇଛ ।ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଟି ଶିକ୍ଷକ ଶ୍ରୀଯୁକ୍ତ ଜି. ବିନୟ ଭୂଷଣ ଏବଂ ଶ୍ରୀଯୁକ୍ତ ଦୀପକ କୁମାର ଦେଙ୍କ ଦ୍ୱାରା ସଂଯୋଜିତ କରଯାଇଥିଲା।

## ଅକ୍ଷୟ ତୃତୀୟାରେ ଧାନ ବୁଣା ଶୁଭାରମ୍ଭ

ବେଲଗୁଣ୍ଠା ୨/୫(ନି.ପ୍ର): ଆଜି ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଗୋବରା ଠାରେ ଧାନ ବୁଣା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ଏହି ଅବସରରେ ସ୍ଥାନୀୟ ନୃସିଂହନାଥ ମନ୍ଦିର ନିକଟସ୍ଥ ଜମିରେ ବଳଦ ଦ୍ୱାରା ପାରମ୍ପରିକ ରୂପେ ଚାଷ କରାଯିବା ପରେ ବରିଷ୍ଠ ଚାଷୀ ତଥା ପୂର୍ବତନ ପୋଲିସ୍ ଅଧିକାରୀ ସୁରେନ୍ଦ୍ର ଗୌଡ଼ ଅକ୍ଷି ମୁଠି ଅନୁକୂଳ କରି ଚାଷ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ନୃସିଂହ ମନ୍ଦିର ପୂଜକ ନରହରି ଗନ୍ତାୟତ ପୂଜାପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ କୃଷକ ସାମ୍ମୁଖ୍ୟ ସଭାପତି ଶିଶିର କାନ୍ତ ନାୟକ,ପୂର୍ବତନ ସମିତିସଭ୍ୟ ରାମଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ଅଧକ୍ଷ ସନ୍ତୋଷ କୁମାର ବିଶ୍ୱାଳ, ଗୋବରା ପଂଚାୟତ ଚାଷୀ ସହଯୋଗୀ କୁନା ପରିଡା,ରାଧା ମୋହନ ମାଝୀ, ବେଣୀପଲ୍ଲୀରୁ ରବୀନ୍ଦ୍ର କୁମାର ନାୟକ, ନୂଆଁପଡ଼ାରୁ ରବୀନ୍ଦ୍ର ନାୟକ, ଟୁନା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ସୁରେନ୍ଦ୍ର ପ୍ରଧାନ ଚାଷୀ ଗୀତ ଗାଇଥିଲେ।

# ଭକ୍ତିମୟ ପରିବେଶରେ ସମ୍ପନ୍ନ ହେଲା ୩ ମନ୍ଦିରର ରତ୍ନମୁଦ ଉତ୍ସବ, ସାମିଲ ହେଲେ ଏମ୍‌ପି-ବିଧାୟକ



ଥୁଆମୂଳ ରାମପୁର,୨।୫: କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାସ୍ଥିତ ମା' ମାଣିକେଶ୍ୱରୀ, ଶ୍ରୀ ଜଗନ୍ନାଥ ଏବଂ ରାମେଶ୍ୱର ମହାଦେବଙ୍କ ନୂତନ ନିର୍ମାଣାଧୀନ ଭବ୍ୟ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗତ ୨୮ ତାରିଖ ସୋମବାର ଶୁଭାରମ୍ଭ ହୋଇଥିବା ଏହି ନବ ନିର୍ମିତ ତିନୋଟି ମନ୍ଦିର ସହ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ସ୍ୱତନ୍ତ୍ର ଭାବେ ଅଙ୍କୁର ରୋପଣ ଏବଂ ପରେ ଯଜ୍ଞ ମଣ୍ଡପରେ ସ୍ଥାପନ ପାଇଁ ନଦୀରୁ ଜଳଧାରଣ କରି ଗ୍ରାମର କୁନି କୁନି ଝିଅ ଏବଂ ମହିଳାଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଯାହା ଯଜ୍ଞ ଅନୁଷ୍ଠାନରେ ସ୍ଥାପନା କରାଯାଇଥିଲା କ୍ଷ ଏହାପରେ ପଞ୍ଚକର୍ମ, ସୂର୍ଯ୍ୟ ପୂଜା, ବନଯୋଗ ଏବଂ ଯଜ୍ଞାରମ୍ଭ ପାଇଁ ଅଗ୍ନି ପୂଜା କରି ଅଗ୍ନି ସ୍ଥାପନ କରାଯାଇଥିଲା।ମଙ୍ଗଳବାର ବିଧି ଅନୁସାରେ ବନଯାଗ ନୀତି ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତ ଦେବାଦେବୀଙ୍କ ଆବାହନ କରି ସୁନା କୁରାଢ଼ି ଦ୍ୱାରା ଶିଳ୍ପୀ ଇନ୍ଦ୍ର ଇନ୍ଦ୍ରାଣୀଙ୍କ ସୁନ୍ଦର ମୂର୍ତ୍ତି ତିଆରି ହେଲା ପରେ ଆବାହନ କରି ଜୀବନ୍ୟାସ ଦେଇ ମନ୍ଦିର ଚୂଡ଼ାରେ ଥିବା ରତ୍ନମୁଦ ସ୍ଥାନରେ ସ୍ଥାପନ କରାଯାଇଥିଲା। ମାଣିକେଶ୍ୱରୀ ମନ୍ଦିର ଯଜ୍ଞ ଅନୁଷ୍ଠାନ ପାଇଁ ପୁରୀର ପ୍ରସିଦ୍ଧ ଦେବଶର୍ମା ସତ୍ୟ ନାରାୟଣ ତ୍ରିପାଠୀ ମୁଖ୍ୟ ପୁରୋହିତ ଏବଂ ଦେବଶର୍ମା ଚକ୍ରଧର ପଣ୍ଡା ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ତାପସ କୁମାର ରାୟଗୁରୁ ଏବଂ ଧର୍ମପତ୍ନୀ ସତ୍ୟ ନାରାୟଣ ମୁଣ୍ଡଛିନା ଏବଂ ତାଙ୍କ ଧର୍ମପତ୍ନୀ ଯୁଗଳ ଦ୍ୱୟ ରହିଥିଲେ। ଜଗନ୍ନାଥ ମନ୍ଦିର ପାଇଁ ମୁଖ୍ୟ ପୁରୋହିତ ଭାବେ ରାୟଗଡ଼ାର ଜଗନ୍ନାଥ ମହାପାତ୍ର ଏବଂ ତାଙ୍କ ସହଯୋଗୀ ଏବଂ ଏଥିରେ କର୍ତ୍ତା ଭାବେ ଶିବଶଙ୍କର ଦଳପତି ଧର୍ମପତ୍ନୀ ଏବଂ ରାମେଶ୍ୱର ମହାଦେବ ମନ୍ଦିର ଯଜ୍ଞରେ ପୂଜାର୍ଚ୍ଚନା ପାଇଁ ଜୟପାଟଣା ଅଞ୍ଚଳର ମୁଖ୍ୟ ପୁରୋହିତ ଶ୍ରୀପତୀ ଠାକୁର, ଜାମିନୀ କାନ୍ତ ମୁଣ୍ଡ, ଦିଲ୍ଲୀପ କୁମାର ପଣ୍ଡା, ଟିକୁ ମୁଣ୍ଡ, ଦିବାକର ମୁଣ୍ଡ, ବଦ୍ରୀପ୍ରସାଦ ପଣ୍ଡା ଥିବାବେଳେ ଆଲୋକ ରଞ୍ଜନ ମୁଣ୍ଡ ଏବଂ ତାଙ୍କ ଧର୍ମପତ୍ନୀ ଅଷ୍ଟ ପ୍ରହରୀ ନାମଯଜ୍ଞ ଅନୁଷ୍ଠାନରେ ଗୌତମ ଖମାରୀ, ସ୍ମିତ ରଞ୍ଜନ ପଣ୍ଡା, ମାଣିକଲାଲ ପାଣିଗ୍ରାହୀ ଏବଂ କର୍ତ୍ତା ଭାବେ ପ୍ରସାନ୍ତ କୁମାର ମୁଣ୍ଡଛିନା ଏବଂ ଧର୍ମ ପତ୍ନୀ କାର୍ଯ୍ୟ କରିଥିଲେ। ରତ୍ନମୁଦ ଉତ୍ସବ କାର୍ଯ୍ୟକ୍ରମରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ଏବଂ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କ ସହଯୋଗ ରହିଥିବା ବେଳେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ଏବଂ ତାଙ୍କ ସ୍ୱାମୀ ପୂର୍ବତନ ଏମ୍‌ପି ଅର୍କ କେଶରୀ ଦେଓ, ଭବାନୀପାଟଣା ସଦର ଯୁବ ବିଧାୟକ ସାଗର ଚରଣ ଦାସ, ନର୍ଲା ବିଧାୟିକା ମନୋରମା ମହାନ୍ତି, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପୋଡ଼ଯୋଶୀ, ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ବଳଭଦ୍ର ମାଝୀ, ସମାଜସେବୀ ତଥା ଯୁବନେତା ଚଞ୍ଚେର ମାଝୀ, ଯୁବ ନେତା ରମେଶ ମାଝୀ, ଟିକିରି ଉତ୍କଳ କମ୍ପାନୀ ଏଜିଏମ୍ ମନୋଜ ଦାସ, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଡ, ପୂର୍ବତନ ଲୋକ ସଭା ଏମ୍‌ପି ପ୍ରାର୍ଥିନୀ ଦ୍ରୌପଦୀ ମାଝୀ, ମହାରାଜ ପରିବାରରୁ ଭାରତ ଦେଓ , ଆଦିତ୍ୟ ଦେଓ, ସମାଜସେବୀ ଭବାନୀ ଶଙ୍କର ନିଆଲ, ସମାଜସେବୀ ରାମଚନ୍ଦ୍ର ମହାପାତ୍ର, ଧର୍ମଗଡ଼ ଏନ୍‌ଏସି ଉପାଧକ୍ଷା ମନୀଷା ମୁଣ୍ଡ ମିଶ୍ର, ରବିନ ସିଂହ ଦେଓ, ସ୍ଥାନୀୟ ବ୍ଲକ ଅଧକ୍ଷ ଦୟାନିଧି ମାଝୀ, ଜୋନ ୧ ଜିଲାପରିଷଦ ଟୁନି ଖୋସ୍‌ଲା ଜୋନ ୨ ଜିଲା ପରିଷଦ ଜୟନ୍ତୀ ମାଝୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ରତ୍ନମୁଦ ଉତ୍ସବର ମୁଖ୍ୟ କମିଟି ସହିତ ବିଭିନ୍ନ ମନ୍ଦିର କମିଟିର ସଦସ୍ୟଙ୍କ ସମେତ ଗ୍ରାମର ବିଭିନ୍ନ ଯୁବ ଅନୁଷ୍ଠାନର ସଦସ୍ୟ ଏବଂ ବୁଦ୍ଧିଜୀବୀ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ଅଧକ୍ଷତାରେ ସୁରକ୍ଷା ବାହିନୀ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା।

## ଗରିବଙ୍କ ପାଇଁ 'ସହଯୋଗ'

ଭୁବନେଶ୍ୱର, ୨/୫: ରାଜ୍ୟ ସରକାର ଗରିବ ଲୋକଙ୍କର ସମସ୍ୟାର ସମାଧାନ ସହଜରେ ଶେଷ କରିବା ପାଇଁ ଆଉ ଏକ ପଦକ୍ଷେପ ନେଇଛନ୍ତି। ଏଥି ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପ୍ରୟାସ କରାଯାଇଛି। ରାଜ୍ୟର ଗରିବ ଲୋକେ 'ସହଯୋଗ' ମାଧ୍ୟମରେ ଉପକୃତ ହେବେ। ସହରାଞ୍ଚଳରେ ରହୁଥିବା ଗରିବ ଲୋକଙ୍କ ହାତ ପାହାନ୍ତାରେ ବିଭିନ୍ନ ଯୋଜନାର ଫାଇଦା ପହଞ୍ଚାଇବା ଲାଗି କାମ କରିବ 'ସହଯୋଗ'। ପ୍ରାରମ୍ଭିକ ଭାବେ ଏଥିରେ ୮ଟି ବିଭାଗର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍‌କାର୍ଡ, ଆୟୁଷ୍ମାନ କାର୍ଡ, ଭିନ୍ନକ୍ଷମ ପରିଚୟପତ୍ର, ସୁଭଦ୍ରା, ଶ୍ରମ କାର୍ଡ, ମଧୁବାବୁ ପେନସନ, ସୁକନ୍ୟା ସମୃଦ୍ଧି ଭଳି ୧୩ଟି ଯୋଜନାକୁ ସାମିଲ କରାଯାଇଛି। ଆଗାମୀ ଦିନରେ ଏଥିରେ ଆହୁରି ଅନେକ ଯୋଜନା ସାମିଲ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ପ୍ରାରମ୍ଭିକ ଭାବେ ଏଥିରେ ୮ଟି ବିଭାଗର ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସନ୍ ?କାର୍ଡ, ଆୟୁଷ୍ମାନ କାର୍ଡ, ଭିନ୍ନକ୍ଷମ ପରିଚୟପତ୍ର, ସୁଭଦ୍ରା, ଶ୍ରମ କାର୍ଡ, ମଧୁବାବୁ ପେନସନ, ସୁକନ୍ୟା ସମୃଦ୍ଧି ଭଳି ୧୩ଟି ଯୋଜନାକୁ ସାମିଲ କରାଯାଇଛି। ଶ୍ରୀ ମହାପାତ୍ର କହିଛନ୍ତି ଯେ, ଟାଟା ଫାଉଣ୍ଡେସନ ଟ୍ରଷ୍ଟ ସହଯୋଗରେ ବିଭିନ୍ନ ପୌରାଞ୍ଚଳରେ ଥିବା ଫ୍ରଣ୍ଟଲାଇନ୍ ୱାର୍କରମାନେ ଏନେଇ ସର୍ଭେ କରିବା ସହ ବିଭିନ୍ନ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଦିଗରେ କାମ କରିବେ। ଆଜିଠାରୁ ୨ ମାସ ଧରି ଚାଲିବ ଏହି ଅଭିଯାନ। ଡୋର ଟୁ ଡୋର ସର୍ଭେ କରିବେ ଫ୍ରଣ୍ଟଲାଇନ୍ ୱାର୍କର। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା, କଟକ, ଭଦ୍ରକ, ଗଞ୍ଜାମ, ସୁନ୍ଦରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଭଳି ୮ଟି ଜିଲ୍ଲାର ୪୪ ପୌରାଞ୍ଚଳରେ କାର୍ଯ୍ୟକାରୀ ହେବ ସହଯୋଗ।

## ରାଜ୍ୟପାଳଙ୍କୁ ଭେଟିଲେ ମହା ଡାକପାଳ



ଭୁବନେଶ୍ୱର, ୨/୫: ଓଡ଼ିଶା ମଣ୍ଡଳର ମୁଖ୍ୟ ମହା ଡାକପାଳ ଶ୍ରୀ ନିର୍ମଳଜିତ ସିଂହ, ଏବଂ ଡାକ ସେବା ନିର୍ଦ୍ଦେଶକ ଶ୍ରୀ ଅମିତ କୁମାର ଝା, ଆଜି ରାଜଭବନ ଠାରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଗସ୍ତ ସମୟରେ ମୁଖ୍ୟ ମାନ୍ୟବର ରାଜ୍ୟପାଳଙ୍କୁ ରାଜ୍ୟର ନାଗରିକମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଡାକ ସେବା ଏବଂ ଭାରତୀୟ ଡାକର ଆଗାମୀ ଆଇଟି ଆଧୁନିକୀକରଣ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ ଯାହା ଅତ୍ୟନ୍ତ ଗ୍ରାହକ ଅନୁକୂଳ ହେବ। ଓଡ଼ିଶା ମଣ୍ଡଳ ମୁଖ୍ୟ ମହା ଡାକପାଳ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କୁ ଗୋଟିଏ "ମାଇଁ ଷ୍ଟାମ୍ପ" ପ୍ରଦାନ କରିଥିଲେ।

## ବଢୁଛି ଜଳକଷ୍ଟ, ଅସ୍ତିତ୍ୱ ହରାଉଛି ଜଳାଶୟ



ବରଗଡ଼, ୨/୫: ବରଗଡ଼ ପୌର ପରିଷଦ ୧୯ୱାର୍ଡକୁ ନେଇ ଗଠିତ। ଏକଦା ପ୍ରତି ୱାର୍ଡରେ ଏକାଧିକ ଜଳାଶୟ(ବନ୍ଧ,କଟା) ରହିଥିଲା। ପୂର୍ବପୁରୁଷମାନେ ଶ୍ରମଦାନ କରି ଏଠାରେ ଅନେକ ଜଳାଶୟ ଖୋଳିଥିଲେ ଏବଂ ସେଗୁଡ଼ିକର ପୃଥକ୍ ନାମକରଣ କରିଥିଲେ। ବରଗଡ଼ ସହରରେ ପୂର୍ଣ୍ଣିବନ୍ଧ, ମଝଲି ବନ୍ଧ, ବାହାବଲ ବନ୍ଧ, ସୁନାରୀ ବନ୍ଧ, ରାଣୀବନ୍ଧ, ଭୁର୍ଷୁନ ବନ୍ଧ, ଦୋରାବନ୍ଧ, ନିଲିବନ୍ଧ, ମନାବନ୍ଧ, ଦାନୀକଟା, ଖଜୁରକଟା, ନାମବନ୍ଧ, ରୁହୁନିଆ ବନ୍ଧ, ବିଶି ବନ୍ଧ, ଫକୀରା ବନ୍ଧ ନାମକ ପାଖାପାଖି ୨୫ବନ୍ଧ, କଟା ରହିଥିଲା। ସେହି ଜଳାଶୟ ପାଣିକୁ ସ୍ଥାନୀୟ ଲୋକେ ପିଇବାଠାରୁ ଆରମ୍ଭ କରି ରୋଷେଇ ଏବଂ ଅନ୍ୟ କାର୍ଯ୍ୟରେ ବ୍ୟବହାର କରୁଥିଲେ। କିନ୍ତୁ ରାଜନୈତିକ, ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ଜଳାଶୟଗୁଡ଼ିକ ଅସ୍ତିତ୍ୱ ହରାଇବାରେ ଲାଗିଛି। ଏପରି କି ଅନେକ ଲୋପ ପାଇ ଗଲାଣି। ପାଣି ବଦଳରେ କେଉଁଠି ଅନାବନା ଘାସ, ଲଟା ପରିପୂର୍ଣ୍ଣ ଅଛି ତ ଆଉ କେଉଁଠାରେ ଜଳାଶୟ ଶୁଖିଲା ପଡ଼ିଛି। ସେହିପରି ମଇଳା, ଆବର୍ଜନା ପକାଇବା ଯୋଗୁ କିଛି ଜଳାଶୟ ପୋତି ହୋଇଯାଉଥିବା ବେଳେ ଶୁଖିଲା ପଡ଼ିଥିବା କେତେକ ବନ୍ଧକଟା ଏବେ ପିଲାଙ୍କ କ୍ରିକେଟ୍ ପିଚ୍ ପାଲଟିଛି। ଏପରି କି କିଛି ନିର୍ଦ୍ଦିଷ୍ଟ ଜଳାଶୟକୁ ପୋତି ଦେଇ ତାକୁ ବିକ୍ରି କରାଯାଇଥିବା ଭଳି ଗୁରୁତର ଅଭିଯୋଗ ହୋଇଥିବାବେଳେ ଯେଉଁ ଅଳ୍ପ କେତେକ ଜଳାଶୟରେ ପାଣି ରହିଛି, ତାହା ମଧ୍ୟ ବ୍ୟବହାର ଉପଯୋଗୀ ହୋଇପାରୁ ନ ଥିବା ସହରବାସୀ କହିଛନ୍ତି। ଏଭଳିସ୍ଥଳେ ଜଳସ୍ତର ହ୍ରାସ ପାଉଥିବାବେଳେ ପୂର୍ବାପେକ୍ଷା ସହରରେ ଅଧିକ ତାତି ଅନୁଭୂତ ହେବା ସାଙ୍ଗକୁ ଜଳକଷ୍ଟ ମଧ୍ୟ ବଢ଼ିବାରେ ଲାଗିଛି।

## ୨୦ ଜିଲ୍ଲାରୁ ୧୪ ଲକ୍ଷ ମେଟ୍ରିକ ଟନ ଧାନ କିଣା ଯିବା ଲକ୍ଷ୍ୟ ଧାର୍ଯ୍ୟ

ଭୁବନେଶ୍ୱର, ୨/୫: ରାଜ୍ୟରେ ଚଳିତ ରବି ଋତୁରେ ଧାନ କିଣା ନେଇ ବିଭିନ୍ନ ବିଭାଗୀୟ ପ୍ରସ୍ତୁତି ଶେଷ ହୋଇଛି । ସମ୍ପୃକ୍ତ ବିଭାଗ ଗୁଡିକ ମଧ୍ୟରେ ସମନ୍ୱୟ ରଖି ଧାନ କିଣା ସୁପରିଚାଳନା ଉପରେ ବିସ୍ତୃତ ଆଲୋଚନା କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧକ୍ଷତାରେ ଲୋକସେବା ଭବନସ୍ଥିତ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ଆନ୍ତଃ ମନ୍ତ୍ରୀ ସ୍ତରୀୟ ସମୀକ୍ଷା ବୈଠକରେ ଏହା ଉପରେ ଆଲୋଚନା ହୋଇଛି । ଉକ୍ତ ବୈଠକରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଇସ୍ପାତ, ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ବିଭୂତି ଭୂଷଣ ଜେନା, ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତଙ୍କ ସମେତ ବିଭାଗୀୟ ସଚିବ ଏବଂ ଆଭାସୀ ମାଧ୍ୟମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂହ ଚଳିତ ବର୍ଷ ଖରିଫ ଧାନକିଣା ସମ୍ପର୍କରେ ବୈଠକରେ ସୂଚନା ପ୍ରଦାନ କରିଥିଲେ । ଗତ ଖରିଫ୍ ଋତୁରେ ପ୍ରାୟ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ପ୍ରାୟ ୭୩ ଲକ୍ଷ ୪୫ ହଜାର ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା । ଏଥିନିମନ୍ତେ ଚାଷୀମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ୧୬ ହଜାର ୮୫୩ କୋଟି ଏବଂ ଇନ୍‌ପୁଟ୍ ସହାୟତା ଭାବେ ୫୮୬୨ କୋଟି ଟଙ୍କା ପ୍ରଦାନ କରାଯାଇଥିଲା । ସେହିଭଳି ଚଳିତ ରବି ଋତୁ ପାଇଁ ଆସନ୍ତା ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଧାନକିଣା ପ୍ରକ୍ରିୟା ଜାରି ରହିବ । ଚଳିତ ରବି ଋତୁରେ ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ନେଇ ବୈଠକରେ ଅବଗତି କରାଯାଇଥିଲା । ଏଥିନିମନ୍ତେ ପ୍ରାୟ ୩ ଲକ୍ଷ ୩୭ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି । ଯାହା ଗତବର୍ଷ ତୁଳନାରେ ଅଧିକ ରହିଛି । ଚଳିତ ରବି ଋତୁରେ ମୋଟ୍ ୨୦ଟି ଜିଲ୍ଲାରେ ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନକିଣା ଯିବ । ଗତ ଖରିଫ ଋତୁରେ କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା କରାଯାଇ ଅଧିକ ପରିମାଣର ଧାନ ସଂଗ୍ରହ କରାଯାଇଥିଲା। ଏଥିନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତ ଖରିଫ ଋତୁରେ



ଧାନକିଣା ପ୍ରକ୍ରିୟା ସୁଗମ ହୋଇପାରିଥିବା ନେଇ ଉପ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ । ଅନୁରୂପ ଭାବେ ଚଳିତ ରବି ଋତୁରେ ଚାଷୀ ମାନଙ୍କ ସ୍ୱାର୍ଥ ରକ୍ଷା ହୋଇପାରିବ ଏଥିପ୍ରତି ସଜାଗ ରହିବା ପାଇଁ ସେ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ମଣ୍ଡିରେ କ୍ୟାମେରା ଲଗାଇବା ସହ ନୋଡାଲ ଅଫିସର ଓ ସୁପରଭାଇଜର ନିଯୁକ୍ତି ତୁରନ୍ତ କରିବାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ପାତ୍ର ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ଅଧିକ ସଂଖ୍ୟକ ଚାଷୀ ପଞ୍ଜିକରଣ କରିଥିବାରୁ ଏଥିପ୍ରତି ସଜାଗ ରହିବା ଆବଶ୍ୟକତା ରହିଛି । ସେହିଭଳି ମଣ୍ଡି ମନିଟରିଂ ଆପ୍ ମାଧ୍ୟମରେ ସେମାନଙ୍କର ପଞ୍ଜୀକରଣ କରିବା ଏବଂ କର୍ତ୍ତବ୍ୟରେ ଅବହେଳା କରୁଥିବା ଅଧିକାରୀ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଥିଲେ । ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରି ଉତ୍ତମ ଅନୁଭୂତି ନେଇ ଫେରିବେ ଏବଂ ଧାନକିଣା ସମ୍ପର୍କିତ ଅଭିଯୋଗ ଗୁଡିକ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ଖରିଫ ଭଳି ଚଳିତ ରବିଋତୁରେ ମଧ୍ୟ ଧାନ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଓ ଇନ୍‌ପୁଟ୍ ସହାୟତା ବାବଦକୁ ୮୦୦ ଟଙ୍କା ଭାବେ ମୋଟ୍ ୩୧୦୦ ଟଙ୍କା ଧାନକିଣାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଭାବେ ପ୍ରଦାନ କରାଯିବ । ଏଥିସହ ୧୯୬୭ ମାଧ୍ୟମରେ ଧାନକିଣା ନେଇ ଅଭିଯୋଗ କରିହେବ । ପ୍ରତ୍ୟେକ ମଣ୍ଡିରେ ପାନୀୟ ଜଳ ସହ ଆନୁଷଙ୍ଗିକ ସୁବିଧା ଉପଲବ୍ଧ କରାଇବା ସହ ସିସିଟିଭିର ବ୍ୟବସ୍ଥା କରାଯାଇଛି । ଅଦିନିଆ ବର୍ଷା ଓ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମଣ୍ଡିରେ ରଖାଯାଇଥିବା ଧାନର ସୁରକ୍ଷା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯଇଥିବା ନେଇ ସମବାୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା । ସେହିଭଳି ବାହାର ରାଜ୍ୟର ଧାନଗାଡ଼ି ଯେଭଳି ଆମ ରାଜ୍ୟ ଭିତରକୁ ନଆସେ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହ ସ୍କ୍ୱାଡ୍ ମୁତୟନ ପାଇଁ ଜିଲ୍ଲାପାଳ ମାନଙ୍କୁ ପରାମର୍ଶ ଦିଆଯାଇଛି । ମଣ୍ଡିରୁ ମିଲ୍‌କୁ ଯାଉଥିବା ଧାନଗାଡ଼ିଗୁଡ଼ିକ ଉପରେ କ୍ୟାମେରା ସଂଯୋଗ କରାଯିବ । ଏଥିନିମନ୍ତେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସକ୍ସେନା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ସୁଦାମ ଚରଣ ମଣ୍ଡଳ, ସମବାୟ ସମିତି ରେଜିଷ୍ଟ୍ରର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ନେଇ ତତ୍ପରତା

### ମୌଳିକ ସୁବିଧା ସୁଯୋଗ ସହ ବିସ୍ଥାପିତଙ୍କୁ କରାଯିବ ଥଇଥାନ





ଦଶପଲ୍ଲା,୧/୫: ନୟାଗଡ଼ ଜିଲ୍ଲାର ବହୁ ପ୍ରତିକ୍ଷୀତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଉପରେ ସାରା ଜିଲ୍ଲା ତଥା ରାଜ୍ୟବାସୀଙ୍କ ନଜର ରହିଥିବା ବେଳେ ଏହାର ଅଗ୍ରଗତି ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଏହି ପ୍ରକଳ୍ପ ପାଇଁ ଗତ ଜୁଲାଇ ମାସରେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ମଞ୍ଜୁରୀ ମିଳିଥିବା ବେଳେ ଗତ ଫେବୃଆରୀ ମାସରେ ଦ୍ୱିତୀୟ ପର୍ଯ୍ୟାୟ ପରିବେଶ ମଞ୍ଜୁରୀ ଉପରେ ମୋହର ବାଜିଛି। ପ୍ରକଳ୍ପ ନିର୍ମାଣ ପାଇଁ ମୋଟାମୋଟି ଭାବେ ବାଟ ଫିଟିଥିବା ବେଳେ ପ୍ରଶାସନିକ ସ୍ତରରେ ଏହାକୁ ଅଧିକ କ୍ରିୟାଶୀଳ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଏବେ ବିଭିନ୍ନ ଡିଜାଇନ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ପ୍ରାୟ ୭୦ ଭାଗ ଡିଜାଇନ୍ ପ୍ରସ୍ତୁତ ହୋଇ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିକଟକୁ ପଠା ଯାଇଥିବା ବେଳେ ଅବଶିଷ୍ଟ ୩୦ ପ୍ରତିଶତ ତଥ୍ୟ ଖୁବଶୀଘ୍ର ପଠାଯିବ ବୋଲି ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ପ୍ରକାଶ ପ୍ରଦାନ କହିଛନ୍ତି। ଏହା ପରେ ଜଳ ସଂରକ୍ଷଣ ଓ ଜଳ ଭଣ୍ଡାରରୁ ଜଳ ନିଷ୍କାସନ ପାଇଁ ସମ୍ପୂର୍ଣ୍ଣ ତଥ୍ୟ ପ୍ରସ୍ତୁତ ହୋଇ କେନ୍ଦ୍ରୀୟ ଜଳ କମିସନ ବା ସିଡ଼ବ୍ଲୁସିକୁ ରିପୋର୍ଟ ପଠାଯିବ ବୋଲି କହିଛନ୍ତି। ଏସବୁ ମଧ୍ୟରେ ଜଳସେଚନ ପ୍ରକଳ୍ପ ପାଇଁ ଚିହ୍ନଟ ହୋଇଥିବା ସ୍ଥାନର ଉପଯୁକ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ଦଶପଲ୍ଲା ତହସିଲଦାର ସ୍ମୃତି ରଂଜନ ଶତପଥୀଙ୍କୁ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପର ଭୂ ଅର୍ଜନ ଅଧିକାରୀ ବା ଏଲ୍‌ଏଓ ଭାବେ ନିଯୁକ୍ତି ଦିଆଯାଇଛି। ଗତ ୨୪ ତାରିଖରେ ଏହି ନିର୍ଦ୍ଦେଶନାମା ଜାରି ହୋଇଥିବା ବେଳେ ଶୀଘ୍ର ଏହାର ଦାୟିତ୍ୱ ଗ୍ରହଣ କରିବା ପାଇଁ ତହସିଲଦାର ଶ୍ରୀ ଶତପଥୀ କହିଛନ୍ତି। ଅନ୍ୟପାର୍ଶ୍ୱରେ ନୂଆ ଆଇନ ଅନୁଯାୟୀ ବିସ୍ଥାପିତଙ୍କୁ ଥଇଥାନ କରାଯିବାର ବ୍ୟବସ୍ଥା କରାଯିବ। ସେମାନଙ୍କ ପାଇଁ ଆବଶ୍ୟକ ବାସଗୃହ ନିର୍ମାଣ କରାଯିବା ସହ ରାସ୍ତା, ପାନୀୟ, ବିଦ୍ୟୁତ୍, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ଏଥିପାଇଁ ବିସ୍ଥାପିତଙ୍କୁ କେଉଁଠାରେ ଥଇଥାନ କରାଯିବ ସେନେଇ ଜାଗା ଚିହ୍ନଟ ହୋଇଥିବା ମଧ୍ୟ କହିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ନୟାଗଡ଼ ଜିଲ୍ଲା ତଥା ଦଶପଲ୍ଲା, ଖଣ୍ଡପଡା, ନୂଆଗାଁ, ଓଡ଼ଗାଁ ବ୍ଲକ୍‌ର ୨୩ ହଜାର ୩ ଶହ ହେକ୍ଟର ଜମି ଜଳସେଚିତ ହେବାନେଇ ଲକ୍ଷ୍ୟ ରଖାଯାଇଛି। ଟାକରା ପଞ୍ଚାୟତର ମଞ୍ଜାରୀ ନିକଟରେ ଥିବା ମାଈ ଓ ତାବଲଦେଈ ପାହାଡ଼ର ସଂଯୋଗରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ସମୁଦାୟ ୩ ହଜାର ୫ଶହ ୫୨ ହେକ୍ଟର ସ୍ଥାନ ମଧ୍ୟରେ ନିର୍ମାଣ ହେବାକୁ ଥିବାଏହି ପ୍ରକଳ୍ପ ମଧ୍ୟରେ ୧୫୨୪.୧୭ ହେକ୍ଟର ଜଙ୍ଗଲ ଜମି, ୭୯୦.୮୮ ହେକ୍ଟର ସରକାରୀ ଜମି ଓ ୧୨୩୭.୦୧ ହେକ୍ଟର ବେସରକାରୀ ଜମି ଥିବାବେଳେ ୨୧୨୧.୪୧ ହେକ୍ଟର ଜମି ଜଳପ୍ଲାବିତ ହେବ। ଏବେ ମଞ୍ଜାରୀ ଗ୍ରାମକୁ ସାଢ଼େ ୩ କୋଟି ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ ହେବାସହ ଦଶପଲ୍ଲା ଜଳସମ୍ପଦ କାର୍ଯ୍ୟାଳୟ ପରିସରରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବୃତ୍ତଙ୍ଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ମାଣ କରାଯାଉଛି।

## ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଜଗତସିଂହପୁର , ୨/୫ (ନି.ପ୍ର): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ୍ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ଉପବିଭାଗୀୟ ଅଧିକାରୀ ସୌମ୍ୟରଞ୍ଜନ ସାମଲଙ୍କୁ ସରକାରୀ ସେବାରୁ ଅବସର ମିଳିଛି। ଏହି ପରିପ୍ରେକ୍ଷୀରେ ବୁଧବାର ସ୍ଥାନୀୟ ମଧୁସୁଦନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ମଣ୍ଡଳ ସହ ଶିକ୍ଷାଧିକାରୀ ଆଶୁତୋଷ ବାନାର୍ଜୀ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରତିଷ୍ଠାନର ଅଧକ୍ଷ ରମେଶ ଚନ୍ଦ୍ର ମଲ୍ଲିକ୍ ଯୋଗଦେଇ ଆଜିର ସମାଜରେ ଜଣେ ଶିକ୍ଷକର ଗୁରୁ ଦାୟିତ୍ୱ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସହ ଶିକ୍ଷାଧିକାରୀ ଶ୍ରୀମତୀ ରାଜ୍ୟଶ୍ରୀ ସାହୁ, ସମ୍ମାନୀତ ଅତିଥି ସୌଦାମିନି ମହାପାତ୍ର, ବିରିଡି ମଣ୍ଡଳ ଶିକ୍ଷାଧିକାରୀ ରଜନୀକାନ୍ତ ରାଏ, ରଘୁନାଥପୁର ବିଆରସିସି ଜ୍ୟୋସ୍ନାରାଣୀ ଦାସ, ନାରାୟଣ ଚୌଧୁରୀ, ରଘୁନାଥପୁର ଅତିରିକ୍ତ ବିଡିଓ ଜ୍ଞାନଦା ନାଏକ, ପ୍ରାକ୍ତନ ସହ ଶିକ୍ଷାଧିକାରୀ ସବିତା ଦାସ, ତିର୍ତୋଲ ବ୍ଲକ୍ ଅତିରିକ୍ତ ବିଡିଓ ସତ୍ୟଜିତ୍ ସ୍ୱାଇଁ, ପ୍ରମୁଖ ଯୋଗ ଦେଇଥିଲେ। ଅବସର ନେଉଥିବା ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଓ ଉପବିଭାଗୀୟ ଅଧିକାରୀ ସୌମ୍ୟ ରଞ୍ଜନ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକ ନେତା ଦେବାଶିଷ ବେହେରା ଅତିଥି ପରିଚୟ କରିଥିବା ବେଳେ ସିଆରସିସି ସୁକାନ୍ତ କୁମାର ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟତମ ଶିକ୍ଷକ ନିର୍ମଳେନ୍ଦୁ ସୋମ, ଜୟପ୍ରକାଶ ପଣ୍ଡା, ଦିବ୍ୟଜ୍ୟୋତି ସିହ୍ନା, ମହାବୀର ପ୍ରସାଦ ଦାସ, ଭାସ୍କର ମୁଦୁଲି, ବିରୁପାକ୍ଷ ସେଠୀ, ଯଜ୍ଞବଳ୍କ ମିଶ୍ର, ବିଶ୍ୱନାଥ ଦାସ, ତରୁଣ ଜେନା, ରବିନାରାୟଣ ତା ପ୍ରମୁଖ ଉପସ୍ଥିତ ଥିଲେ।

## ଆରଡି ରାସ୍ତାରେ ଟୋଲ୍‌ପ୍ଲାଜା ନିର୍ମାଣକୁ ବିରୋଧ: ଆନ୍ଦୋଳନ ପାଇଁ ସଂଗଠିତ ଅଞ୍ଚଳବାସୀ

ବରଗଡ଼, ୨/୫: ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ଟୋଲପ୍ଲାଜା ନିକଟରେ ରହିଥିବା ବାଇପାସ୍ ଆରଡି ରାସ୍ତାରେ ପୁଣି ଏକ ଟୋଲପ୍ଲାଜା ନିର୍ମାଣ ଯୋଜନା ଚାଲିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ପୂର୍ବାହ୍ନ ୧୧ଟାରେ ଅଞ୍ଚଳର ଲୋକେ ଟୋଲପ୍ଲାଜା ନିର୍ମାଣସ୍ଥଳୀକୁ ପହଞ୍ଚି ବିରୋଧ କରିଥିଲେ। ଏହାପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଟୋଲପ୍ଲାଜା କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀ ସ୍ଥାନୀୟ ଗ୍ରାମାଞ୍ଚଳ ଥାନାକୁ ପହଞ୍ଚିଥିଲେ। ସେଠାରେ ଆଲୋଚନା ବିଫଳ ହୋଇଥିଲା। ଅନ୍ୟପଟେ ସେହି ରାସ୍ତାରେ ଟୋଲପ୍ଲାଜା ନିର୍ମାଣ ଅଧାରୁ ଅଟକି ରହିଥିବାବେଳେ ଏହାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ଏଭଳି ନିର୍ମାଣ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ପାଇଁ ସ୍ଥାନୀୟ ବିଭିନ୍ନ ସଙ୍ଗଠନ ସମେତ ଅଞ୍ଚଳବାସୀ ସଙ୍ଗଠିତ ହେଉଥିବା ସୂଚନା ମିଳିଛି। ପ୍ରକାଶ ଯେ, ୬ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟିଠାରୁ ସମ୍ବଲପୁର ଜିଲା ଅଇଁଠାପାଲି ପର୍ଯ୍ୟନ୍ତ ୮୮ କି.ମି ଦୀର୍ଘ ରାସ୍ତା ଫୋରଲେନ୍ ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା(ଏନ୍‌ଏଚ୍‌ଏଆଇ) ଅଧିନରେ ରାସ୍ତା ନିର୍ମାଣକାରୀ କମ୍ପାନୀ ଅଶୋକା ବିଲ୍ଡକନ୍ ଏହି ରାସ୍ତା ନିର୍ମାଣ କରିଛି। ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାଠାରେ ଜାତୀୟ ରାଜପଥ ଉପରେ ଟୋଲପ୍ଲାଜା ସ୍ଥାପନ କରି ଉକ୍ତ ସଂସ୍ଥା ଯାନବାହନ ଗୁଡ଼ିକରୁ ଟୋଲଟ୍ୟାକ୍ସ ଆଦାୟ କରୁଛି। ଉକ୍ତ ଟୋଲପ୍ଲାଜା ନିକଟରେ ଜାତୀୟ ରାଜପଥରୁ ବରାହଗୋଡ଼ା, ଆମ୍ବସଡ଼ା, ତୋରା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ(ଆରଡ଼ି)ର ଏକ ବାଇପାସ୍ ରାସ୍ତା ଯାଇଛି। ଉକ୍ତ ବାଇପାସ୍ ରାସ୍ତାରେ ଯାତାୟାତ ଯାନବାହନ ଗୁଡ଼ିକରୁ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ଟୋଲଟ୍ୟାକ୍ସ ଅସୁଲିକୁ ବିଗତ ଦିନରେ ବିରୋଧ କରାଯାଇଥିଲା। ଏପରିକି ଏନ୍‌ଏଚ୍‌ଏଆଇ, ଅଞ୍ଚଳବାସୀ ଏବଂ ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ ପରେ ଗତବର୍ଷ ଏହି ରାସ୍ତାରେ ନିର୍ମିତ ଅନ୍ୟଏକ ଟୋଲପ୍ଲାଜାକୁ ଭାଙ୍ଗି ଦିଆଯାଇଥିଲା। ତେବେ ସେହି ଘଟଣାକୁ ବର୍ଷେ ନ ପୂରୁଣୁ ପୁଣି ସେଠାରେ ଆଉଏକ ଟୋଲପ୍ଲାଜା ନିର୍ମାଣକୁ ନେଇ ଅଞ୍ଚଳରେ ଅସନ୍ତୋଷ କୁହୁଳୁଛି। ଏଥିରେ ପ୍ରଶାସନ ହସ୍ତକ୍ଷେପ ନ କଲେ ଏହାକୁ କେନ୍ଦ୍ର କରି ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ସହିତ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଛି। ତୋରା ଗ୍ରାମର ଅନନ୍ତ ତାଣ୍ଡି କହିଛନ୍ତି, ଆର.ଡ଼ି ରାସ୍ତା ଉପରେ ଟୋଲପ୍ଲାଜା ବସାଇବା ନେଇ ଅଶୋକା ବିଲ୍ଡକନ୍‌ର କୌଣସି ଅଧିକାର ନାହିଁ। ଯଦି ସେଠାରେ ଟୋଲପ୍ଲାଜା ନିର୍ମାଣ କରାଯାଏ, ତାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ସମସ୍ତ ଆଖପାଖ ଅଞ୍ଚଳବାସୀ ଏକତ୍ରିତ ହୋଇ ତୀବ୍ର ବିରୋଧ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda    Mananging Editor- Sarangdhar Senapati    ସଂପାଦକ- ବଳରାମ ପ୍ରସାଦ ନନ୍ଦ